ISSN-0971-8400

# ଯୋଜନା

ଅଗଷ୍ଟ ୨୦୧୮ | ବିକାଶମୂଳକ ମାସିକ ପତ୍ରିକା | ୨୨ ଟଙ୍କା

## ସାମାଜିକ ସଶକ୍ତିକରଣ

ସାମାଜିକ ନ୍ୟାୟ ଓ ସଶକ୍ତିକରଣ

ନୀଳିମା ସାହାଣୀ

ତଫସିଲଭୁକ୍ତ ଜାତି ଓ ଉପଜାତିଙ୍କ ମଧ୍ୟରେ ସାମାଜିକ ପରିବର୍ତ୍ତନ

ଏସ୍. ଶ୍ରୀନିବାସ ରାଓ, ସୁନ୍ଦରେଶ ଡି

ଦିବ୍ୟାଙ୍ଗମାନଙ୍କ ସଶକ୍ତିକରଣ

ଡକ୍ଟର ସନ୍ଧ୍ୟା ଲିମାୟେ

**ବିଶେଷ ପ୍ରସଙ୍ଗ**

ଆର୍ଥିକ ସଂପୃକ୍ତି ମାଧ୍ୟମରେ ଦୁର୍ବଳବର୍ଗଙ୍କ ସଶକ୍ତିକରଣ

ଡା. ମୁନିରାଜୁ

**ଫୋକସ୍**

ସମାବେଶୀ ବିକାଶ ନୀତିରେ ବଞ୍ଚିତବର୍ଗଙ୍କ ଉତ୍ଥାନ

ଡ. ସୁନିଲ ଶୁକ୍ଳା



# ସାମାଜିକ ସୁରକ୍ଷା ଯୋଜନାର ହିତାଧିକାରୀଙ୍କ ସହିତ କଥାବାର୍ତ୍ତା

*ଭିଡିଓ ବ୍ରିଜ୍ ଜରିଆରେ ପ୍ରଧାନମନ୍ତ୍ରୀ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାର ହିତାଧିକାରୀଙ୍କ ସହିତ କଥାବାର୍ତ୍ତା କରିଛନ୍ତି। ସମଗ୍ର ଦେଶର ବିଭିନ୍ନ କୋଣରେ ଥିବା ଏଭଳି ହିତାଧିକାରୀଙ୍କ ସହ ପ୍ରଧାନମନ୍ତ୍ରୀ ଅଟଳ ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ବୟବନ୍ଦନ ଯୋଜନା ଭଳି ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ କଥାବାର୍ତ୍ତା କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନାର ହିତାଧିକାରୀଙ୍କ ସହ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଅଷ୍ଟମଥର ପାଇଁ ଏଭଳି ଭାବବିନିମୟ କରିଥିଲେ। ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଥିଲେ-*




- ସାମାଜିକ ସୁରକ୍ଷା ଯୋଜନା ଦ୍ୱାରା ଜନସାଧାରଣଙ୍କ ସଶକ୍ତିକରଣ ହୋଇଥାଏ।
- ସାମାଜିକ ସୁରକ୍ଷା ଯୋଜନା ମାଧ୍ୟମରେ ଜୀବନର ଅନିଶ୍ଚିତତାଗୁଡ଼ିକ ସହ ସଂଗ୍ରାମ କରିବା ପାଇଁ କେବଳ ଯେ ସୁଯୋଗ ମିଳିଥାଏ ସେକଥା ନୁହଁ ବରଂ ପରିବାରର ଆର୍ଥିକ ସ୍ଥିତି ସମ୍ପର୍କିତ ସମସ୍ୟାର ମଧ୍ୟ ମୁକାବିଲା କରିବାକୁ ସାହାଯ୍ୟ ମିଳିଥାଏ।
- ୨୦୧୪ରୁ ୧୭ ମସିହା ମଧ୍ୟରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ମାଧ୍ୟମରେ ସମଗ୍ର ଦେଶରେ ୨୮ କୋଟି ବ୍ୟାଙ୍କ୍ ଖାତା ଖୋଲାଯାଇଛି। ଏହା ହେଉଛି ସମଗ୍ର ବିଶ୍ୱରେ ଯେତେ ବ୍ୟାଙ୍କ ଖାତା ଖୋଲାଯାଇଛି, ତାହାର ୫୫%। ବର୍ତ୍ତମାନ ଭାରତରେ ଅଧିକରୁ ଅଧିକ ମହିଳାଙ୍କ ନାମରେ ବ୍ୟାଙ୍କ୍ ଖାତା ରହିଛି ଏବଂ ୨୦୧୪ ମସିହାରେ ଦେଶରେ ୫୩% ବ୍ୟାଙ୍କ୍‌ଖାତା ଥିଲାବେଳେ ବର୍ତ୍ତମାନ ତାହା ୮୦%ରେ ପହଞ୍ଚିପାରିଛି।
- ବାର୍ଷିକ ପ୍ରାୟ ୩୦୦ ଟଙ୍କା ସ୍ୱଳ୍ପ ପ୍ରିମିୟମ୍ ପ୍ରଦାନ କରି ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ଯୋଜନା ଅଧିନରେ ୫ କୋଟିରୁ ଊର୍ଦ୍ଧ୍ୱ ଲୋକ ଲାଭାନ୍ୱିତ ହୋଇଛନ୍ତି।
- ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅଧିନରେ ୧୩ କୋଟି ଲୋକ ଉପକୃତ ହୋଇଛନ୍ତି। ଏହି ଯୋଜନା ଅଧିନରେ ବାର୍ଷିକ ୧୨ ଟଙ୍କା ପ୍ରିମିୟମ ପ୍ରଦାନ କରି ସମ୍ପୃକ୍ତ ହିତାଧିକାରୀ ଦୁର୍ଘଟଣାଜନିତ ବୀମା ଜରିଆରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସାହାଯ୍ୟ ପାଇପାରିବେ।
- ଗତବର୍ଷ ଆରମ୍ଭ କରାଯାଇଥିବା ବୟବନ୍ଦନ ଯୋଜନା ମାଧ୍ୟମରେ ୩ ଲକ୍ଷ ବୟୋଜ୍ୟେଷ୍ଠ ବ୍ୟକ୍ତି ଉପକୃତ ହୋଇଛନ୍ତି। ଏହି ଯୋଜନା ଅଧିନରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିମାନେ ୧୦ ବର୍ଷ ପର୍ଯ୍ୟନ୍ତ ୮% ଦରରେ ନିଶ୍ଚିତ ଆୟ ପାଇଥାନ୍ତି। ଏତଦ୍‌ବ୍ୟତୀତ ବୟୋଜ୍ୟେଷ୍ଠଙ୍କ ପାଇଁ ସରକାର ଆୟକର ଛାଡ଼ ସୀମା ୨୫୦୦୦୦ରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ବୟୋଜ୍ୟେଷ୍ଠଙ୍କ କଲ୍ୟାଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ।
- ଗତ ତିନିବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ଅଟଳ ପେନ୍‌ସନ ଯୋଜନା ଅଧିନରେ ୨୦ କୋଟିରୁ ଊର୍ଦ୍ଧ୍ୱ ବ୍ୟକ୍ତି ସାମିଲ୍ ହୋଇଛନ୍ତି।




## ହିତାଧିକାରୀଙ୍କ ମୁହଁରୁ:

- ଏହି ଯୋଜନାଗୁଡ଼ିକ ସମ୍ପର୍କରେ ହିତାଧିକାରୀମାନେ ମତ ଦେଇଥିଲେ ଯେ ସେମାନେ ଏଭଳି ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକ ଯୋଗୁଁ ବିଶେଷ ଭାବେ ଉପକୃତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଏଭଳି ଯୋଜନାଗୁଡ଼ିକୁ ଆରମ୍ଭ କରିଥିବାରୁ ସେମାନେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହିତ ମତବ୍ୟକ୍ତ କରିଥିଲେ ଯେ ଏହି ଯୋଜନାଗୁଡ଼ିକରେ ଜୀବନରେ ପରିବର୍ତ୍ତନ ଆଣିବାର କ୍ଷମତା ଅଛି।

ଅଗଷ୍ଟ ୨୦୧୮

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଚ୍ଛଲ
ସଂପାଦକ ଓ ଉପନିର୍ଦ୍ଦେଶକ : ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ପଞ୍ଚବିଂଶ ବର୍ଷ | ଏକାଦଶ ସଂଖ୍ୟା

## ଏ ସଂଖ୍ୟାରେ...


| ବିଷୟ / ଲେଖକ | ପୃଷ୍ଠା |
|---|---|
| ● ସମ୍ପାଦକୀୟ | ୦୪ |
| ● ସାମାଜିକ ନ୍ୟାୟ ଓ ସଶକ୍ତିକରଣ<br>ସମସ୍ତଙ୍କୁ ସମ୍ମାନ, ସମସ୍ତଙ୍କ ଉତ୍‌ଥାନ<br>*ନୀଳିମା ସାହାଣୀ* | ୦୫ |
| ● ଉଚ୍ଚଶିକ୍ଷା ମାଧ୍ୟମରେ ସଶକ୍ତିକରଣ: ତଫସିଲଭୁକ୍ତ ଜାତି ଓ ଉପଜାତିଙ୍କ ମଧ୍ୟରେ ସାମାଜିକ ପରିବର୍ତ୍ତନ<br>*ଏସ୍. ଶ୍ରୀନିବାସ ରାଓ, ସୁନ୍ଦରେଶ ଡି* | ୧୧ |
| ● ଦିବ୍ୟାଙ୍ଗମାନଙ୍କ ସଶକ୍ତିକରଣ<br>*ଡକ୍ଟର ସନ୍ଧ୍ୟା ଲିମାୟେ* | ୧୫ |
| ● ବୟସ ବୃଦ୍ଧି- ଏକ ଅନୁଭୂତି<br>*ଡକ୍ଟର ସିଲୁ ଶ୍ରୀନିବାସନ* | ୩୦ |
| ● ମାତୃ ସୁରକ୍ଷା<br>*ଡକ୍ଟର ମନୀଷ ବର୍ମା, ପୂଜା ପାସି* | ୩୪ |
| ● ସୌଭାଗ୍ୟ ଯୋଜନା: ତମସୋ ମା ଜ୍ୟୋତିର୍ଗମୟ<br>*ଅଭୟ ଦ୍ୱିବେଦୀ* | ୩୭ |
| ● ଆପଣ ଜାଣନ୍ତି କି ? | ୪୨ |
| ● ବିକାଶର ନକ୍ସା | ୪୪ |
| ● ସାମ୍ପ୍ରତିକୀ | ୪୬ |

**ଫୋକସ୍**
ସମାବେଶୀ ବିକାଶ ନୀତିରେ ବଞ୍ଚିତବର୍ଗଙ୍କ ଉତ୍‌ଥାନ
ଡ. ସୁନିଲ ଶୁକ୍ଳା: ୨୫

**ବିଶେଷ ପ୍ରବନ୍ଧ**
ଆର୍ଥିକ ସଂପୃକ୍ତି ମାଧ୍ୟମରେ ଦୁର୍ବଳବର୍ଗଙ୍କ ସଶକ୍ତିକରଣ
ଡା. ମୁନିରାଜୁ: ୧୯


*Editor*
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207

ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

## ସମ୍ପାଦକୀୟ...



# ମିଳିତ ଯାତ୍ରା

ଜୀବନ ଉପରେ ସଶକ୍ତିକରଣର ଏକ ନିର୍ଦ୍ଦିଷ୍ଟ ପ୍ରଭାବ ରହିଥାଏ। ଏହି ଅନୁସାରେ ସାମାଜିକ ସଶକ୍ତିକରଣରେ ସମାଜର ପ୍ରତ୍ୟେକ କ୍ଷେତ୍ରରେ ସମସ୍ତଙ୍କ ପାଖରେ ନିଜ ନିଜ ଜୀବନକୁ ନିୟନ୍ତ୍ରଣ କରିବାର କ୍ଷମତା ଓ ନିଜେ ନିଜ ପାଇଁ ନିଷ୍ପତ୍ତି ନେବାର ସୁଯୋଗ ସୃଷ୍ଟି ହୋଇଥାଏ। ଅବଶ୍ୟ ବିଭିନ୍ନ ବ୍ୟକ୍ତିଙ୍କ ପାଇଁ ଏହାର ଅର୍ଥ ଭିନ୍ନ। ଯୁବଗୋଷ୍ଠୀଙ୍କ ପାଇଁ ଏହାର ଅର୍ଥ ହୋଇପାରେ ଯେ ସାମାଜିକ ନିୟମ ଓ ପରମ୍ପରାକୁ ଅଣଦେଖା କରି ନିଜ ଇଚ୍ଛା ମୁତାବକ ସ୍ୱାଧୀନ ଭାବେ ନିଷ୍ପତ୍ତି ନେବାର କ୍ଷମତା। ବୟୋଜ୍ୟେଷ୍ଠଙ୍କ ପାଇଁ ଏହାର ଅର୍ଥ ହୋଇପାରେ ଯେ ଜୀବନର ସାୟଂକାଳରେ ଆତ୍ମ ସମ୍ମାନର ସହ ଜୀବନ ଜୀଇଁବାର କ୍ଷମତା। ସେହିଭଳି ପୁରୁଷମାନଙ୍କ ପାଇଁ ଏହାର ଅର୍ଥ ଆର୍ଥିକ ସ୍ୱାଧୀନତା ହୋଇପାରେ ଓ ମହିଳାମାନଙ୍କ ପାଇଁ ଏହାର ଅର୍ଥ ଲିଙ୍ଗଗତ ଭେଦଭାବ ରହିତ ସ୍ୱାଧୀନତା ହୋଇପାରେ।

କୌଣସି ଦେଶର ବିକାଶ ପାଇଁ ସମାଜର ସମସ୍ତ ବର୍ଗ ସମାନ ଭାବରେ ସଶକ୍ତ ହେବା ଉଚିତ୍। ଏହା ସେତେବେଳେ ସମ୍ଭବ ହେବ, ଯେତେବେଳେ ବିଭିନ୍ନ ନୀତି ଓ ଯୋଜନାଗୁଡ଼ିକୁ ସଂଯୋଜିତ କରି ସମାନତାଭିତ୍ତିକ ପ୍ରଗତି ପାଇଁ ସୁଯୋଗ ସୃଷ୍ଟି କରାଯିବ ଓ ସମସ୍ତେ ସେହି ସୁଯୋଗ ଉପଯୋଗ କରିବା କଥାଟିକୁ ସୁନିଶ୍ଚିତ କରାଯିବ। ସରକାର ଏହିଭଳି ଏକ ବହୁମୁଖୀ ଦୃଷ୍ଟିଭଙ୍ଗୀ ସହିତ ସମାଜର ବିଭିନ୍ନ ବର୍ଗଙ୍କ ସଶକ୍ତିକରଣ ପାଇଁ ପ୍ରୟାସ କରୁଛନ୍ତି।

କୌଣସି ଦେଶର ବିକାଶର ଏକ ପ୍ରମୁଖ ମାଧ୍ୟମ ହେଉଛି ନାରୀଶକ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷାରେ- 'ମହିଳାଙ୍କ ସଶକ୍ତିକରଣ ମାନେ ହେଉଛି ସମଗ୍ର ପରିବାରର ସଶକ୍ତିକରଣ'। କିନ୍ତୁ ଭାରତରେ ମହିଳାମାନଙ୍କ ସଶକ୍ତିକରଣ ସଂଗ୍ରାମ ଆରମ୍ଭ ହୁଏ ଜନ୍ମରୁ। ଅର୍ଥାତ୍ ଜନ୍ମ ନେବା ପାଇଁ ମଧ୍ୟ ଜଣେ କନ୍ୟା ସନ୍ତାନକୁ ସଂଗ୍ରାମ କରିବାକୁ ପଡ଼ିଥାଏ। ଏହାକୁ ହୃଦୟଙ୍ଗମ କରି ନାରୀ ସଶକ୍ତିକରଣ ପାଇଁ ସରକାର ଅନେକ ପଦକ୍ଷେପ ଦ୍ୱାରା ଏହି ବିଷୟଟିକୁ ଅଗ୍ରାଧିକାର ଦେଇଛନ୍ତି। 'ବେଟି ବଚାଓ ବେଟି ପଢ଼ାଓ', 'ସୁକନ୍ୟା ସମୃଦ୍ଧି ଯୋଜନା', 'ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା' ଭଳି ଅନେକ ଯୋଜନା ମାଧ୍ୟମରେ ସମାଜରେ ମହିଳାମାନଙ୍କ ସୁରକ୍ଷା ଓ ମର୍ଯ୍ୟାଦା ବୃଦ୍ଧି ହୋଇପାରୁଛି।

ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗଙ୍କ ଭଳି ସମାଜର ଅବହେଳିତ ବର୍ଗଙ୍କ ସଶକ୍ତିକରଣ ପାଇଁ ସର୍ବନିମ୍ନ ଶିକ୍ଷା, ଜୀବିକାର୍ଜନ ପନ୍ଥା ଓ ଅଭିବୃଦ୍ଧି ସକାଶେ ସୁଯୋଗ ଆବଶ୍ୟକ। ଅନେକ ଏହି କଥାଟିକୁ କେବଳ ଧରିନେଇଥାନ୍ତି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ମୁଦ୍ରା ଯୋଜନା, ଭେଞ୍ଚର କ୍ୟାପିଟାଲ୍ ଫଣ୍ଡ, ଷ୍ଟାର୍ଟଅପ୍ ଇଣ୍ଡିଆ, ଷ୍ଟାଣ୍ଡଅପ୍ ଇଣ୍ଡିଆ, ସ୍କିଲ୍ ଇଣ୍ଡିଆ, ଛାତ୍ର ବୃତ୍ତି ଯୋଜନା ଓ ସରକାରୀ ନିଯୁକ୍ତିରେ ସଂରକ୍ଷଣ ସୁବିଧା ଆଦି ଯୋଗୁଁ ଏହି ବର୍ଗଙ୍କୁ ସମାବେଶୀ ସୁଯୋଗ ମିଳିପାରୁଛି ଓ ବିକାଶ ପାଇଁ ସମ୍ବଳ ବିନିଯୋଗ କରିବାର ସୁଯୋଗ ମଧ୍ୟ ମିଳିପାରୁଛି।

ବୟୋଜ୍ୟେଷ୍ଠମାନେ ହେଉଛନ୍ତି ଅଭିଜ୍ଞତା ଓ ଜ୍ଞାନର ଏକ ଗନ୍ତାଘର। କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକ ନିଜ ଜୀବନର ସାୟଂକାଳରେ ନିଜକୁ ଅବହେଳିତ ଓ ଅବାଞ୍ଛିତ ଅନୁଭବ କରୁଛନ୍ତି। ବୟୋଜ୍ୟେଷ୍ଠଙ୍କ ପାଇଁ ବିଭିନ୍ନ ସମନ୍ୱିତ ଯୋଜନା, ରାଷ୍ଟ୍ରୀୟ ବୟୋଶ୍ରୀ ଯୋଜନା, ଅଟଳ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ବୟୋବନ୍ଦନ ଯୋଜନା ଆଦି ଦ୍ୱାରା ବୟୋଜ୍ୟେଷ୍ଠଙ୍କ ଆର୍ଥିକ ସ୍ୱାବଲମ୍ବନଶୀଳତା ଓ ଆତ୍ମ ସମ୍ମାନରେ ବୃଦ୍ଧି ଘଟିଛି।

ଭିନ୍ନକ୍ଷମଙ୍କ ପାଇଁ ଜୀବନର ପରିଭାଷା ହିଁ ଭିନ୍ନ ପ୍ରକାରର। ସେମାନଙ୍କର ଏଭଳି ଅବସ୍ଥା ପାଇଁ ସେମାନେ ବେଳେବେଳେ ସମାଜ ଉପରେ ନିଜକୁ ଏକ ବୋଝ ବୋଲି ଭାବିଥାନ୍ତି। ସଶକ୍ତିକରଣ ପାଇଁ ସେମାନଙ୍କର ଆବଶ୍ୟକତା ଅନ୍ୟମାନଙ୍କଠାରୁ ଭିନ୍ନ। ଏହି ଦୃଷ୍ଟିରୁ ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ବିଭିନ୍ନ ପ୍ରକଳ୍ପ, ମାଧ୍ୟମିକ ସ୍ତରରେ ସମାବେଶୀ ଶିକ୍ଷା, ସୁଗମ୍ୟ ଭାରତ ଅଭିଯାନ, ଦୀନଦୟାଲ ଭିନ୍ନକ୍ଷମ ଥଇଥାନ ଯୋଜନା ଆଦି ଦ୍ୱାରା ଏକ ଗୁଣାତ୍ମକ ଜୀବନଯାପନ ପାଇଁ ଭିନ୍ନକ୍ଷମମାନଙ୍କୁ ପ୍ରେରଣା ମିଳିପାରୁଛି।

ଆଦିବାସୀଙ୍କ ସଶକ୍ତିକରଣ ପାଇଁ ସେମାନଙ୍କ ସଂଗ୍ରାମ ଆରମ୍ଭ ହୁଏ ନିଜ ଅସ୍ତିତ୍ୱ ସକାଶେ ଲଢ଼େଇରୁ। ଅନେକ ସମୟରେ ଜାତୀୟ ମୁଖ୍ୟଧାରା ସମ୍ପର୍କିତ ନୀତି ଓ ବାଧ୍ୟବାଧକତା ଯୋଗୁଁ ଆଦିବାସୀ ଗୋଷ୍ଠୀ ଏକ ଅଲଗାବୋଧର ବଶବର୍ତ୍ତୀ ହୋଇଥାନ୍ତି ଓ ନିଜ ପରିଚୟ ହଜିଯାଉଥିବା ଅନୁଭବ କରିଥାନ୍ତି। ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷା ଛାତ୍ରବୃତ୍ତି ଯୋଜନା, ବୃତ୍ତିଗତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଲଘୁ ବନଜାତ ଦ୍ରବ୍ୟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ବ୍ୟବସ୍ଥା, ବିଶେଷ ଭାବେ ଲୋପ ପାଇଯାଉଥିବା ଆଦିବାସୀ ଗୋଷ୍ଠୀଙ୍କ ପାଇଁ ସ୍ୱତନ୍ତ୍ର ବିକାଶ ଯୋଜନା ଓ ଜଙ୍ଗଲ ଅଧିକାର ଅଧିନିୟମ ଯୋଗୁଁ ଆଦିବାସୀମାନଙ୍କ ସାମାଜିକ ଓ ଆର୍ଥିକ ସଶକ୍ତିକରଣ ସମ୍ଭବ ହୋଇପାରୁଛି।

ଏହା ସାଧାରଣ ଭାବରେ ସ୍ୱୀକାର କରାଯାଏ ଯେ, ଯଦି ଜଣେ ଉନ୍ନତି କରିବାକୁ ଚାହେଁ, ତେବେ ତାଙ୍କୁ ଅନ୍ୟଜଣେ ଅବହେଳିତ ବ୍ୟକ୍ତିଙ୍କୁ ସାଙ୍ଗରେ ନେବାକୁ ପଡ଼ିବ। ତେଣୁ ଇଚ୍ଛା ଥିଲେ ପ୍ରତ୍ୟେକ ବ୍ୟକ୍ତି ନିଜ ସ୍ତରରେ ମଧ୍ୟ ଅନେକ କିଛି କରିପାରିବେ। ସାମଗ୍ରିକ ସମାବେଶୀ ଅଭିବୃଦ୍ଧି ପାଇଁ ସରକାର ବିଭିନ୍ନ ନୀତି ମାଧ୍ୟମରେ ଏହି କଥାଟିକୁ ସାବ୍ୟସ୍ତ କରିପାରିଛନ୍ତି।

# ସାମାଜିକ ନ୍ୟାୟ ଓ ସଶକ୍ତିକରଣ

## ସମସ୍ତଙ୍କୁ ସମ୍ମାନ, ସମସ୍ତଙ୍କ ଉତ୍‌ଥାନ

ନୀଳିମା ସାହାଣୀ

ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗର ପରିକଳ୍ପନା ଦେଶର ସମ୍ବିଧାନ ଅନୁସାରେ ପ୍ରସ୍ତୁତ ହୋଇଛି। ଏହାର ଲକ୍ଷ୍ୟ ହେଲା ଏକ ସମାବେଶୀ ସମାଜ ଗଠନ, ଯେଉଁଠି ସବୁଠୁ ଉପେକ୍ଷିତ, ଅବହେଳିତ ଓ ଅନଗ୍ରସର ଲୋକେ ମର୍ଯ୍ୟାଦାର ସହ ଅନ୍ୟମାନଙ୍କ ସହିତ ବଞ୍ଚିବାର ସୁଯୋଗ ଲାଭ କରି ରାଷ୍ଟ୍ରର ମାନବ ପୁଞ୍ଜି ନିର୍ମାଣରେ ଉଲ୍ଲେଖନୀୟ ଅବଦାନ ଯୋଗାଇବେ। ତଫସିଲଭୁକ୍ତ ଜାତି, ଉପଜାତି ଓ ପଛୁଆବର୍ଗ, ଅନ୍ୟାନ୍ୟ ଅନଗ୍ରସର ଜାତିଙ୍କ ସାମାଜିକ, ଆର୍ଥିକ ଓ ଶୈକ୍ଷିକ ବିକାଶ ପାଇଁ ରାଷ୍ଟ୍ର ବଚନବଦ୍ଧ। ଏହି ବିଭାଗର ଅନ୍ୟତମ ପ୍ରମୁଖ କାର୍ଯ୍ୟ ହେଲା ବଞ୍ଚିତ ବର୍ଗଙ୍କ ଅଧିକାରର ସୁରକ୍ଷା ନିଶ୍ଚିତ କରିବା ଓ ବିଭିନ୍ନ ସରକାରୀ ନୀତି ତଥା କାର୍ଯ୍ୟକ୍ରମରେ ସେମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଗୁରୁତ୍ୱ ଦେବା।

ତେଣୁ ସରକାର ଏହିସବୁ ବର୍ଗର ଲୋକଙ୍କ ସ୍ୱାର୍ଥରକ୍ଷା ଓ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି ଏବଂ ପ୍ରାୟ ସବୁ ପ୍ରମୁଖ ସରକାରୀ ନୀତି ଓ କାର୍ଯ୍ୟକ୍ରମରେ ସେମାନଙ୍କୁ ଆବଶ୍ୟକ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏବେ କାର୍ଯ୍ୟକାରୀ ହେଉଥିବା ଗ୍ରାମ ସ୍ୱରାଜ ଅଭିଯାନ, ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଓ ଅନ୍ତ୍ୟୋଦୟ ମିଶନରେ ଏହି ବର୍ଗଙ୍କୁ ଯଥୋଚିତ ଗୁରୁତ୍ୱ ପ୍ରଦାନ କରାଯାଇଛି।

**ତଫସିଲଭୁକ୍ତ ଜାତିଙ୍କ ବିକାଶ:**

ତଫସିଲଭୁକ୍ତ ଜାତିର ସଦସ୍ୟମାନଙ୍କ କଲ୍ୟାଣ ଓ ସଶକ୍ତୀକଣ ପାଇଁ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଯେଉଁ ବିଭାଗୀୟ ବଜେଟ ପ୍ରସ୍ତୁତ ହେଉଛି ସେଥିରେ ଛାତ୍ରବୃତ୍ତିର ବ୍ୟବସ୍ଥା କରାଯାଇଛି। ତାହା ଯେପରି ସୁବିଧାରେ ସଂପୃକ୍ତ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିବ ସେଥିପାଇଁ ସବୁ ବ୍ୟବସ୍ଥା ହୋଇଛି। ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ତଫସିଲଭୁକ୍ତ ଜାତିର ପିଲାଙ୍କ ପାଇଁ ପ୍ରବର୍ତ୍ତିତ ପୋଷ୍ଟ ମାଟ୍ରିକ ସ୍କଲାରସିପ୍ (ମାଟ୍ରିକ ପରବର୍ତ୍ତୀ ବୃତ୍ତି) ଏକ ପ୍ରମୁଖ କାର୍ଯ୍ୟକ୍ରମ। ୧୯୪୪ରୁ ଏହା କାର୍ଯ୍ୟକାରୀ ହେଉଛି। ଏହି ବର୍ଗର ପିଲାଙ୍କୁ ଶିକ୍ଷା କ୍ଷେତ୍ରରେ ସବଳ କରିବାକୁ ଭାରତ ସରକାରଙ୍କର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ। ଏହି ଯୋଜନାରେ ସଂପୃକ୍ତ ବର୍ଗର ୫୫ଲକ୍ଷ ଛାତ୍ରଛାତ୍ରୀ ପ୍ରତିବର୍ଷ ଉପକୃତ ହେଉଛନ୍ତି। ମାଟ୍ରିକ ପରଠାରୁ ସ୍ନାତକୋତ୍ତର ଓ ଗବେଷଣା ପର୍ଯ୍ୟନ୍ତ ସେମାନେ ଏହି ବୃତ୍ତି ଲାଭ କରୁଛନ୍ତି। ୨୦୧୪ରୁ ୧୮ ମଧ୍ୟରେ ତଫସିଲଭୁକ୍ତ ଜାତିର ୨,୨୯,୩୦,୬୫୪ ଛାତ୍ରଛାତ୍ରୀ ଏହି ବୃତ୍ତି ବାବଦରେ ୧୦,୩୮୮ କୋଟି ଟଙ୍କା ପାଇଛନ୍ତି। ସଂପୃକ୍ତ ବର୍ଗର ସାକ୍ଷରତା ହାର ବୃଦ୍ଧି, ଉଚ୍ଚଶିକ୍ଷା ଲାଭ, ମଝିରୁ ପାଠ ଛାଡ଼ିବା ହାର ହ୍ରାସ, ନିଯୁକ୍ତି ଏବଂ ମାନବ ପୁଞ୍ଜି ନିର୍ମାଣ ଉପରେ ଏହି ବୃତ୍ତିର ଉତ୍ତମ ପ୍ରଭାବ ପଡ଼ିଛି ବୋଲି ଆମେ ସ୍ଥିର ନିଶ୍ଚିତ। ନିକଟରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ନିଷ୍ପତ୍ତିକ୍ରମେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଏହି ବୃତ୍ତି ବାବଦରେ ୩୦୦୦କୋଟି ଟଙ୍କା ଯୋଗାଇ ଦିଆଯାଇଛି। ଏହାଛଡ଼ା ଏବାବଦରେ ରାଜ୍ୟମାନେ ପାଇବାକୁ ଥିବା ୮୭୩୭ କୋଟି ଟଙ୍କାର ବକେୟା ରାଶୀ ଯୋଗାଇ ଦେବା ସଂକ୍ରାନ୍ତ ପ୍ରସ୍ତାବ ମଧ୍ୟ କେନ୍ଦ୍ରଦ୍ୱାରା ଅନୁମୋଦିତ ହୋଇଛି।

ଏହା ବ୍ୟତୀତ ତଫସିଲଭୁକ୍ତ ଜାତିର ଛାତ୍ରଛାତ୍ରୀମାନଙ୍କୁ ମାଟ୍ରିକ ପୂର୍ବବର୍ତ୍ତୀ ବୃତ୍ତି (ପ୍ରିମାଟ୍ରିକ ସ୍କଲାରସିପ୍) ଯୋଗାଣର ବ୍ୟବସ୍ଥା ରହିଛି। ସେହିଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ଏହି ବର୍ଗର ପିଲାଙ୍କ ପାଠପଢ଼ିବାର ସୁବିଧା ସୁଯୋଗ ସହିତ ଜାତୀୟ ଫେଲୋସିପ୍ ଯୋଜନାରେ ୟୁଜିସି ମାଧ୍ୟମରେ ସଂପୃକ୍ତ ବର୍ଗର ଉଚ୍ଚଶିକ୍ଷା ଆଶାୟୀଙ୍କୁ ଆର୍ଥିକ ସହାୟତା ବୃତ୍ତି ଆକାରରେ ଯୋଗାଇଦିଆଯାଉଛି।

ତଫସିଲଭୁକ୍ତ ଜାତି ଓ ଉପଜାତି ଲୋକଙ୍କ ମର୍ଯ୍ୟାଦା ରକ୍ଷା ପାଇଁ ସରକାର ୧୯୮୯ରେ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରଣୟନ କରିଛନ୍ତି। ଏହା ତଫସିଲଭୁକ୍ତ ଜାତି ଓ ଉପଜାତି ଅତ୍ୟାଚାର ନିରୋଧ ଆଇନ ରୂପେ ପରିଚିତ। ୨୦୧୬ ଏପ୍ରିଲ ୧୪ଠାରୁ ଏହି ଆଇନକୁ ଅଧିକ ସୁଦୃଢ଼ କରି କାର୍ଯ୍ୟକାରୀ କରାଯାଇଛି। ସଂଶୋଧନ ମାଧ୍ୟମରେ ଏଥିରେ କେତେକ ବିଷୟ ଯୋଡ଼ାଯାଇଛି। ସେଗୁଡ଼ିକ ମଧ୍ୟରେ ୪୭ପ୍ରକାର କାର୍ଯ୍ୟକଳାପକୁ ଦଣ୍ଡନୀୟ ଅପରାଧ ଭାବେ ଗଣ୍ୟ କରାଯିବା ସହିତ ଏହାର ଉଲ୍ଲଙ୍ଘନ ଜନିତ ଘଟଣାରେ ଏହିବର୍ଗର ପୀଡ଼ିତଙ୍କୁ ରିଲିଫ ପ୍ରଦାନ ଓ ଉଲ୍ଲଙ୍ଘନକାରୀଙ୍କ ପ୍ରତି ଦଣ୍ଡବିଧାନ ବ୍ୟବସ୍ଥା ହୋଇଛି। ଏଭଳି ଘଟଣାରେ ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରଦାନ ରାଶୀ ବୃଦ୍ଧି କରାଯାଇଛି। ଅତ୍ୟାଚାର ଓ ପୀଡ଼ାର ଶ୍ରେଣୀ ବା ମାତ୍ରା ଅନୁସାରେ କ୍ଷତିପୂରଣ ରାଶୀ ୮୫,୦୦୦ରୁ ୮,୨୫,୦୦୦ଟଙ୍କା ପ୍ରଦାନର ଆଇନଗତ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ସାତଦିନ ମଧ୍ୟରେ ପୀଡ଼ିତଙ୍କୁ ରିଲିଫ ପ୍ରଦାନ, ୬୦ ଦିନ ମଧ୍ୟରେ ମାମଲାର ତଦନ୍ତ କରି ଅଭିଯୋଗ ପତ୍ର ଦାଖଲ ଏବଂ ନିର୍ଦ୍ଧାରିତ ସମୟରେ ଅଭିଯୁକ୍ତଙ୍କ ବିଚାର କରି ଦଣ୍ଡବିଧାନ କରିବା ପାଇଁ ଆଇନରେ ସ୍ପଷ୍ଟ ଉଲ୍ଲେଖ ରହିଛି।

ଏହି ବିଭାଗ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ସିଧାସଳଖ କାର୍ଯ୍ୟକାରୀ କରିବା ସହ ତଫସିଲଭୁକ୍ତ ଜାତିଙ୍କ କଲ୍ୟାଣ ପାଇଁ ବରାଦ ହେଉଥିବା ଅର୍ଥ ଉପରେ ନଜର ରଖେ। ପୂର୍ବରୁ ଏହି ଅର୍ଥ ସଂପୃକ୍ତ ବର୍ଗଙ୍କ ଉପଯୋଜନା ପାଇଁ ବରାଦ ହେଉଥିଲା। ଏହାଛଡ଼ା ୧୯୭୯-୮୦ରୁ ଏହି ବର୍ଗଙ୍କ କଲ୍ୟାଣ ପାଇଁ ସ୍ୱତନ୍ତ୍ର କମ୍ପୋନେଣ୍ଟ୍ ପ୍ଲାନ୍ କାର୍ଯ୍ୟକାରୀ ହେଉଛି। ଉଭୟ ତଫସିଲଭୁକ୍ତ ଜାତି ଓ ଉପଜାତି ବର୍ଗର ଲୋକଙ୍କ ପାଇଁ ଯୋଜନାଭିତ୍ତିକ ସମ୍ବଳ ବଣ୍ଟନରେ ଯେଉଁ ଅର୍ଥ ଆନୁପାତିକ ହାରରେ ମିଳୁଛି ତାହାର ବିନିଯୋଗ ଓ ତଦାରଖ କାର୍ଯ୍ୟ ଏହି ବିଭାଗ କରୁଛି। ପୂର୍ବର ଯୋଜନା କମିଶନ ଏହି ଦୁଇବର୍ଗର ଜନସଂଖ୍ୟାକୁ ବିଚାରକୁ ନେଇ ଏମାନଙ୍କ ଉତ୍ଥାନ ଓ ବିକାଶ ପାଇଁ ମଞ୍ଜୁର କରୁଥିବା ଅର୍ଥକୁ ବିଭିନ୍ନ କ୍ଷୁଦ୍ରକ୍ଷୁଦ୍ର କଲ୍ୟାଣକାରୀ ଯୋଜନାରେ ବ୍ୟୟ କରାଯାଉଛି। ଏବାବଦ ବ୍ୟୟ ବରାଦ ୨୦୧୫-୧୬ରେ ୩୦୮୫୦.୮୮ କୋଟି ଟଙ୍କା ଥିବାବେଳେ ୨୦୧୭ରେ ଏହା ୫୬୬୧୮.୫୦କୋଟିକୁ ବୃଦ୍ଧି ପାଇଥିଲା। ବିଭାଗ ପକ୍ଷରୁ ଇ-ଉତ୍ଥାନ (ର.କ୍ଙଷ୍ପଷ୍ପଷବଭ.ଶକ୍ଟଙ୍ଖ.ସଭ) ନାମରେ ଏକ ୱେବସାଇଟ୍ ଖୋଲାଯାଇଛି। ଏଥିରେ ତଫସିଲଭୁକ୍ତ ଜାତି ଓ ଜନଜାତିଙ୍କ ବିକାଶ, ସେମାନଙ୍କୁ ମିଳୁଥିବା ସରକାରୀ ସହାୟତା, ସେମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ସବୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି ଯାହା ଇ-ସଂଯୋଗ ବ୍ୟବସ୍ଥାରେ ଉପଲବ୍ଧ। ଏହି ୱେବସାଇଟ୍ 'ନିତି' ଆୟୋଗଦ୍ୱାରା ପ୍ରସ୍ତୁତ ଢାଞ୍ଚା ଆଧାରରେ ତିଆରି ହୋଇଛି।

ଶିକ୍ଷା ବ୍ୟତୀତ ବିଭାଗ ପକ୍ଷରୁ ତଫସିଲଭୁକ୍ତ ଜାତିଙ୍କ ବାସସ୍ଥଳୀ ବା ଗାଁଗୁଡ଼ିକର ବିକାଶ ପାଇଁ ଅଞ୍ଚଳଭିତ୍ତିକ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ସ୍ୱଚ୍ଛଭାରତ, ଜୀବିକା ଅର୍ଜନ ଓ ଦକ୍ଷତା ବିକାଶ ଅନ୍ତର୍ଭୁକ୍ତ। ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା (ପିଏମ୍ଏଜିୱାଇ)ରେ ତଫସିଲଭୁକ୍ତ ଜାତି ବହୁଳ ଗ୍ରାମର ସମନ୍ୱିତ ବିକାଶ କାର୍ଯ୍ୟ ଗୁରୁତ୍ୱ ଲାଭ କରିଛି। ଏଥିରେ ଉଭୟ କେନ୍ଦ୍ରୀୟ ଓ ପ୍ରାଦେଶିକ ଯୋଜନାଗୁଡ଼ିକୁ ସମ୍ମିଳିତ ଓ ସୁସମନ୍ୱିତ କରି କାର୍ଯ୍ୟକାରୀ କରାଯାଉଛି। ଏ କ୍ଷେତ୍ରରେ ଅର୍ଥର ଅଭାବ ପଡ଼ିଲେ କେନ୍ଦ୍ର ସରକାର ତାହା ଯୋଗାଇଦେଉଛନ୍ତି। ଯେଉଁ ଗାଁରେ ତଫସିଲଭୁକ୍ତ ଜାତିର ଲୋକ ସଂଖ୍ୟା ୫୦ ଭାଗରୁ ଅଧିକ ସେଠାରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଏହି କାର୍ଯ୍ୟର ତଦାରଖ ବିଭାଗ ପକ୍ଷରୁ କରାଯାଉଛି।



**ଅନଗ୍ରସର ଶ୍ରେଣୀଙ୍କ ବିକାଶ:**

ସରକାରଙ୍କ ବିକାଶ ଲକ୍ଷ୍ୟରେ ସ୍ଥାନ ପାଇଥିବା ଆଉ ଗୋଟିଏ ବର୍ଗ ହେଲା ଅନ୍ୟାନ୍ୟ ଅନଗ୍ରସର ଶ୍ରେଣୀ ସମୂହ। ଏହି ବର୍ଗଙ୍କ ସାମଗ୍ରିକ ବିକାଶ ପାଇଁ ସରକାରୀ ବ୍ୟୟବରାଦ ୨୦୧୮-୧୯ରେ




ପୂର୍ବବର୍ଷ ଅପେକ୍ଷା ୪୧.୦୩ ଶତାଂଶ ବଢ଼ି ୧୭୪୭ କୋଟି ଟଙ୍କା ହୋଇଛି। ଏଥିରେ ଏହି ବର୍ଗର ପିଲାଙ୍କୁ ବୃତ୍ତି ଯୋଗାଣ ଅଗ୍ରାଧିକାର ପାଇଛି। ଏହି ବୃତ୍ତିରେ ପ୍ରାକ୍ ମାଟ୍ରିକ ଓ ମାଟ୍ରିକ ପରବର୍ତ୍ତୀ ବୃତ୍ତି ସହିତ ଜାତୀୟ ଫେଲୋସିପ୍ ମଧ୍ୟ ପ୍ରଦାନ କରାଯାଉଛି।

ବିଭାଗ ପକ୍ଷରୁ ସଂପୃକ୍ତ ବର୍ଗଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏହା ଜାତୀୟ ଅନଗ୍ରସର ଶ୍ରେଣୀ ଅର୍ଥ ଓ ବିକାଶ ନିଗମ (ଏନ୍‌ବିସିଏଫ୍‌ଡିସି) ମାଧ୍ୟମରେ କାର୍ଯ୍ୟକାରୀ ହେଉଛି। ଏହାର ମୂଳ ଲକ୍ଷ୍ୟ ହେଲା ଏହି ବର୍ଗଙ୍କ ମଧ୍ୟରେ ଉଦ୍‌ଯୋଗ ବିକାଶର ବିଚାର ଓ ଧାରା ସୃଷ୍ଟି ପାଇଁ ଭିତ୍ତିଭୂମି ଯୋଗାଇବା। ଏହି ବର୍ଗର ଲୋକଙ୍କୁ କୁଶଳୀ, ଦକ୍ଷ ଓ ଉଦ୍‌ଯୋଗୀ କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ସେମାନଙ୍କୁ ସଶକ୍ତ କରିବା ଅସଲ ଉଦ୍ଦେଶ୍ୟ।

**ସାମାଜିକ ସୁରକ୍ଷା:**

ବରିଷ୍ଠ ନାଗରିକ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ବର୍ଗ। ସେମାନଙ୍କ ସଂଖ୍ୟା କ୍ରମଶଃ ବଢୁଥିବାବେଳେ ଅନ୍ୟ ଉପରେ ସେମାନେ ଅଧିକରୁ ଅଧିକ ନିର୍ଭରଶୀଳ ହେଉଛନ୍ତି। ଅଥଚ ଏହି ବର୍ଗଟି ସବୁଠୁ ଅଧିକ ଅବହେଳିତ। ଜନସଂଖ୍ୟାର ପରିବର୍ତ୍ତିତ ରୂପରେଖ, ବରିଷ୍ଠ ନାଗରିକଙ୍କ ସାମାଜିକ-ଆର୍ଥିକ ଆବଶ୍ୟକତା, ସାମାଜିକ ମୂଲ୍ୟବୋଧ ଓ ପ୍ରଯୁକ୍ତି ବିଦ୍ୟାର ବିକାଶକୁ ଦୃଷ୍ଟିରେ ରଖି ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସଂଶୋଧିତ ନୀତି ପ୍ରସ୍ତୁତ ହେଉଛି। ଏବେ ବରିଷ୍ଠ ନାଗରିକଙ୍କ ପାଇଁ ଯେଉଁ ସମନ୍ୱିତ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି ସେଥିରେ ୨୦୧୫ ଏପ୍ରିଲ ପହିଲାରୁ 'କଷ୍ଟ୍ ନର୍ମ' (ମୂଲ୍ୟ ମାନକ)କୁ ୧୧୦ ଶତାଂଶ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ପୁନର୍ବାର ୨୦୧୮ ଏପ୍ରିଲ ପହିଲାଠାରୁ ଏହାକୁ ୧୦୯% ବୃଦ୍ଧି କରାଯାଇଛି। ତେଣୁ ୨୦୧୫ ଏପ୍ରିଲ ପହିଲା ପୂର୍ବରୁ ଥିବା କଷ୍ଟ ନର୍ମ ୨୮୮ ଶତାଂଶ ବଢ଼ିଛି। ଅନ୍ୟ ଅର୍ଥରେ ଗୋଟିଏ ଜରାଶ୍ରମର 'କଷ୍ଟ୍ ନର୍ମ' ୫.୪୨ ଲକ୍ଷରୁ ୨୧.୬ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ଏହି ଯୋଜନାରେ ଫିଜିଓଥେରାପିଷ୍ଟ ଆଟେଣ୍ଡାଣ୍ଟ୍ ଓ ଯୋଗ ଶିକ୍ଷକ ପଦ ସୃଷ୍ଟି କରାଯାଇଛି। ବରିଷ୍ଠ ନାଗରିକ ନିବାସଗୁଡ଼ିକର ପଞ୍ଜୀକରଣ, ମାନକୀକରଣ ଓ ରେଟିଂ (ମୂଲ୍ୟାୟନ)ର ବ୍ୟବସ୍ଥା ମଧ୍ୟ ହୋଇଛି।

**ରାଷ୍ଟ୍ରୀୟ ବୟୋଶ୍ରୀ ଯୋଜନା:**

ରାଷ୍ଟ୍ରୀୟ ବୟୋଶ୍ରୀ ଯୋଜନାରେ ବୟସ୍କ ଲୋକଙ୍କୁ ସହାୟକ ଉପକରଣ ଯୋଗାଣର ବ୍ୟବସ୍ଥା ହୋଇଛି। ଏଥିପାଇଁ ମୋଟ୍ ୨୯୨ଟି ଜିଲ୍ଲା ଚିହ୍ନଟ ହୋଇଛି। ଏପର୍ଯ୍ୟନ୍ତ ୫୨ଟି ଜିଲ୍ଲାରେ ଆକଳନ ଶିବିରମାନ ଆୟୋଜିତ ହୋଇ ୩୯ଟି ଜିଲ୍ଲାରେ ସହାୟକ ଉପକରଣ ବଣ୍ଟନ କରାଯାଇଛି। ଏଥିରେ ବିପିଏଲ୍ ବର୍ଗର ୪୩୮୬୫ ବରିଷ୍ଠ ନାଗରିକ ୯୯୪୩୧ ସହାୟକ ଉପକରଣ ପାଇଛନ୍ତି।

ଏହି ଯୋଜନାରେ ନିଶା ଔଷଧ ସେବନ ଓ ମଦାଭ୍ୟାସ ଛଡ଼ାଇବା ବାବଦ 'କଷ୍ଟ୍ ନର୍ମ'କୁ ନିଶା ନିବାରଣ କେନ୍ଦ୍ର ପାଇଁ ୨୦୧୮ ଏପ୍ରିଲ ପହିଲାରୁ ୩୦% ବୃଦ୍ଧି କରାଯାଇଛି। ଏସବୁ କେନ୍ଦ୍ରକୁ ରୋଷେୟା, ପୂର୍ଣ୍ଣ ସମୟର ଡାକ୍ତର ଓ ଅତିରିକ୍ତ ଚୌକିଦାର ଯୋଗାଣ ବ୍ୟବସ୍ଥା ହୋଇଛି।

ପ୍ରଥମଥର ପାଇଁ ନିଶା ଔଷଧ ସେବନକାରୀଙ୍କର ଏକ ଜାତୀୟ ସର୍ଭେ କରାଯାଇଛି। ଏଥିରେ ୧୮୫

**ତଫସିଲଭୁକ୍ତ ଜାତି ଓ ଉପଜାତି ଲୋକଙ୍କ ମର୍ଯ୍ୟାଦା ରକ୍ଷା ପାଇଁ ସରକାର ୧୯୮୯ରେ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରଣୟନ କରିଛନ୍ତି। ଏହା ତଫସିଲଭୁକ୍ତ ଜାତି ଓ ଉପଜାତି ଅତ୍ୟାଚାର ନିରୋଧ ଆଇନ ରୂପେ ପରିଚିତ। ୨୦୧୬ ଏପ୍ରିଲ ୧୪ଠାରୁ ଏହି ଆଇନକୁ ଅଧିକ ସୁଦୃଢ଼ କରି କାର୍ଯ୍ୟକାରୀ କରାଯାଇଛି। ସଂଶୋଧନ ମାଧ୍ୟମରେ ଏଥିରେ କେତେକ ବିଷୟ ଯୋଡ଼ାଯାଇଛି। ସେଗୁଡ଼ିକ ମଧ୍ୟରେ ୪୭ ପ୍ରକାର କାର୍ଯ୍ୟକଳାପକୁ ଦଣ୍ଡନୀୟ ଅପରାଧ ଭାବେ ଗଣ୍ୟ କରାଯିବା ସହିତ ଏହାର ଉଲ୍ଲଙ୍ଘନ ଜନିତ ଘଟଣାରେ ଏହିବର୍ଗର ପୀଡ଼ିତଙ୍କୁ ରିଲିଫ ପ୍ରଦାନ ଓ ଉଲ୍ଲଙ୍ଘନକାରୀଙ୍କ ପ୍ରତି ଦଣ୍ଡବିଧାନ ବ୍ୟବସ୍ଥା ହୋଇଛି। ଏଭଳି ଘଟଣାରେ ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରଦାନ ରାଶୀ ବୃଦ୍ଧି କରାଯାଇଛି। ଅତ୍ୟାଚାର ଓ ପୀଡ଼ାର ଶ୍ରେଣୀ ବା ମାତ୍ରା ଅନୁସାରେ କ୍ଷତିପୂରଣ ରାଶୀ ୮୫,୦୦୦ରୁ ୮,୨୫,୦୦୦ଟଙ୍କା ପ୍ରଦାନର ଆଇନଗତ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ସାତଦିନ ମଧ୍ୟରେ ପୀଡ଼ିତଙ୍କୁ ରିଲିଫ ପ୍ରଦାନ, ୬୦ ଦିନ ମଧ୍ୟରେ ମାମଲାର ତଦନ୍ତ କରି ଅଭିଯୋଗ ପତ୍ର ଦାଖଲ ଏବଂ ନିର୍ଦ୍ଧାରିତ ସମୟରେ ଅଭିଯୁକ୍ତଙ୍କ ବିଚାର କରି ଦଣ୍ଡବିଧାନ କରିବା ପାଇଁ ଆଇନରେ ସ୍ୱଷ୍ଟ ଉଲ୍ଲେଖ ରହିଛି।**

ଜିଲ୍ଲା ପ୍ରଥମ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇଛି ଏବଂ ୧.୫ଲକ୍ଷ ପରିବାରର ୬ ଲକ୍ଷ ଲୋକଙ୍କର ସର୍ଭେ କରାଯାଇଛି। ଏହି ସର୍ଭେ କାର୍ଯ୍ୟ ଚାଲିଛି ଏବଂ ଖୁବ୍ ଶୀଘ୍ର ଶେଷ ହେବ।


**ସଫେଇ କର୍ମଚାରୀଙ୍କ ଥଇଥାନ ଯୋଜନା:**

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ବର୍ଷ ଅବସରରେ ହାତରେ ମଇଳା ସଫା କରୁଥିବା ସଫେଇ କର୍ମଚାରୀ (ମାନୁଆଲ ସ୍କାଭେଞ୍ଜର୍ସ)ଙ୍କ ପ୍ରତି ହୋଇଥିବା ଐତିହାସିକ ଅନ୍ୟାୟର ଅବସାନ ପାଇଁ ଏହି ବିଭାଗ ଅଙ୍ଗୀକାରବଦ୍ଧ। ସେମାନଙ୍କୁ ଏଥିରୁ ମୁକ୍ତ କରି ମର୍ଯ୍ୟାଦାର ସହ ଥଇଥାନ କରିବାକୁ ପ୍ରୟାସ ଚାଲିଛି। ଏଥିପାଇଁ ଏହି ସଫେଇ କର୍ମଚାରୀଙ୍କ ସଂଖ୍ୟା ଓ ସ୍ଥିତି ସମ୍ପର୍କରେ ୧୮ଟି ରାଜ୍ୟର ୧୭୦ଟି ବଛାବଛା ସହରରେ ସର୍ଭେ କାର୍ଯ୍ୟ ହାତକୁ ନିଆଯାଇଛି। ଜାତୀୟ ସଫାଇ କର୍ମଚାରୀ ଅର୍ଥ ବିକାଶ ନିଗମ ଏଥିପାଇଁ ଆବଶ୍ୟକ ସାହାଯ୍ୟ ସହଯୋଗ ଯୋଗାଉଛନ୍ତି। ଇତିମଧ୍ୟରେ ୧୨୫ଟି ଜିଲ୍ଲାରେ ସର୍ଭେ ଶେଷ ହୋଇଛି ଓ ୫୩୬୫ ମାନୁଆଲ ସ୍କାଭେଞ୍ଜର୍ସଙ୍କୁ ଚିହ୍ନଟ କରାଯାଇଛି। ଏହି ସଫାଇବାଲାଙ୍କୁ ଥଇଥାନ ପାଇଁ ଏକକାଳୀନ ୪୦ହଜାର ଟଙ୍କା ପ୍ରଦାନ କରାଯିବ। ଏହାଛଡ଼ା ମର୍ଯ୍ୟାଦାର ସହ ବଞ୍ଚିବାକୁ ସେମାନଙ୍କୁ ପର୍ଯ୍ୟାୟକ୍ରମେ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇଦିଆଯିବ। ସଂପୃକ୍ତ ନିଗମ ସେମାନଙ୍କୁ ବିକଳ୍ପ ଜୀବିକା ପାଇଁ ସଚେତନ କରିବା ସହ ବିଭିନ୍ନ ପ୍ରକାର ତାଲିମ ଦେବ। ପ୍ରାକ୍ ଶିକ୍ଷା କାର୍ଯ୍ୟକ୍ରମରେ ଏହି ସଫେଇ କର୍ମଚାରୀ ଓ ଆବର୍ଜନା ଗୋଟାଳିଙ୍କୁ ନିରାପଦ, ସୁସ୍ଥ ଓ ମେସିନ ସହାୟତାରେ ସଫେଇ ସମ୍ପର୍କରେ ଶିକ୍ଷା ଓ ତାଲିମ ପ୍ରଦାନ କରାଯିବ। ହାତରେ ମଇଳା ସଫା ବ୍ୟବସ୍ଥା ଦେଶରେ ଆଇନତଃ ନିଷିଦ୍ଧ ହୋଇଥିବାରୁ ସେ ସମ୍ପର୍କରେ ସେମାନଙ୍କୁ ସଚେତନ କରାଯିବ। ଏହି ସଚେତନା ଓ ଥଇଥାନ କାର୍ଯ୍ୟକ୍ରମରେ ମୁନିସିପାଲ୍‌ଟିର ଇଞ୍ଜିନିୟର, ସାନିଟାରୀ ଇନ୍‌ସପେକ୍ଟର, ଠିକାଦାର ଓ ଅନ୍ୟାନ୍ୟ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ସାମିଲ କରାଯିବାର ବ୍ୟବସ୍ଥା ହୋଇଛି।

**ନିଗମ:**

ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗର ତିନିଟି ଅର୍ଥ ବିକାଶ ନିଗମ ରହିଛି। ସେଗୁଡ଼ିକ ହେଲା ଜାତୀୟ ପଛୁଆବର୍ଗ ଅର୍ଥ ବିକାଶ ନିଗମ, ଜାତୀୟ ସଫାଇ କର୍ମଚାରୀ ଅର୍ଥ ବିକାଶ ନିଗମ ଓ ଜାତୀୟ ତଫସିଲଭୁକ୍ତ ଜାତି ଅର୍ଥ ବିକାଶ ନିଗମ। ଏହି ସବୁ ନିଗମ ଲାଭଅର୍ଜନ ପାଇଁ ଗଠିତ ହୋଇନାହିଁ। ସଂପୃକ୍ତ ବର୍ଗର ଲୋକଙ୍କ ଆର୍ଥିକ ବିକାଶ ସହ ସେମାନଙ୍କୁ ଜୀବିକା ଉପାର୍ଜନରେ ସହାୟତା କରିବା, ସେମାନଙ୍କ ଦକ୍ଷତା ବିକାଶ ଓ ଆତ୍ମନିଯୁକ୍ତି ସୁବିଧା ସୃଷ୍ଟି ପାଇଁ ଏହି ନିଗମ ସବୁ କାର୍ଯ୍ୟ କରୁଛନ୍ତି। ଏହି ତିନି ନିଗମର ଆର୍ଥିକ ଓ ଭୌତିକ ସଫଳତା ନିମ୍ନରେ ପ୍ରଦାନ କରାଯାଇଛି।





ଡକ୍ଟର ବାବାସାହେବ ଆମ୍ବେଦକରଙ୍କ ଆଦର୍ଶର ଅଧିକ ପ୍ରଚାର ଓ ପ୍ରସାର ପାଇଁ ବିଭାଗ ପକ୍ଷରୁ ଡକ୍ଟର ଆମ୍ବେଦକର ଆନ୍ତର୍ଜାତିକ କେନ୍ଦ୍ର (ଡିଏଆଇସି) ନୂଆଦିଲ୍ଲୀରେ ପ୍ରତିଷ୍ଠା କରାଯାଇଛି। ଏହାକୁ ପ୍ରଧାନମନ୍ତ୍ରୀ ୨୦୧୭ ଡିସେମ୍ବର ସାତ ତାରିଖରେ ନୂଆଦିଲ୍ଲୀରେ ୧୫-ଜନପଥ ରୋଡ୍‌ରେ ଉଦ୍‌ଘାଟନ କରିଥିଲେ। ସେହିଭଳି ନୂଆଦିଲ୍ଲୀର ଅଲିପୁର ରୋଡ୍‌ରେ ନିର୍ମିତ ଡକ୍ଟର ଆମ୍ବେଦକର ଜାତୀୟ ସ୍ମାରକ ୨୦୧୮ ଏପ୍ରିଲ ୧୩ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏହି ମ୍ୟୁଜିୟମକୁ ଦେଖିବାକୁ ପ୍ରତିଦିନ ବହୁ ଲୋକ ଆସୁଛନ୍ତି।

**ଉପସଂହାର:**

ସମ୍ବିଧାନରେ ଧାର ୩୮ରେ ଜନତାଙ୍କ କଲ୍ୟାଣ ପାଇଁ ଏକ ଉତ୍ତମ ତଥା ସୁରକ୍ଷିତ ବାତାବରଣ ସୃଷ୍ଟି କରିବାର ଯେଉଁ ଉଲ୍ଲେଖ ଅଛି ତାହାକୁ ଚରିତାର୍ଥ କରିବାକୁ ଏହି ବିଭାଗ ସବୁମନ୍ତେ ଉଦ୍ୟମ କରୁଛି। ସରକାରଙ୍କ ସବ୍‌କା ସାଥ୍, ସବ୍‌କା ବିକାଶ ନୀତି ଅନୁସାରେ ବିଭାଗ ତାହାର କାର୍ଯ୍ୟ କରିଚାଲିଛି। ଅବହେଳିତ, ନିଷ୍ପେସିତ ଓ ବଞ୍ଚିତ ବର୍ଗ ଯେତେବେଳେ ନିଜର ଦକ୍ଷତାର ବିନିଯୋଗ କରି ନିଜକୁ ସଶକ୍ତ କରିବେ ସେତେବେଳେ ଯାଇଁ ଏହି ବିଭାଗର ଲକ୍ଷ୍ୟ ସାଧିତ ହେବ।

| କ୍ରମିକ ସଂଖ୍ୟା | ଯୋଜନା/ କାର୍ଯ୍ୟକ୍ରମର ନାମ | ୨୦୧୪-୧୮ | |
|---|---|---|---|
| | | ଆର୍ଥିକ କୋଟିରେ | ଭୌତିକ ହିତାଧିକାରୀ |
| ୧ | ଜାତୀୟ ତଫସିଲଭୁକ୍ତ ଜାତି ଅର୍ଥ ବିକାଶ ନିଗମ | | |
| | (କ) ଋଣ ଭିତ୍ତିକ ଯୋଜନା | ୧୬୨୯.୦୭ | ୩୩୩୨୪୫ |
| | (ଖ) ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ | ୫୨.୧୨ | ୬୨୧୫୯ |
| | **ମୋଟ୍** | **୧୬୮୧.୧୯** | **୩୯୫୪୦୪** |
| ୨ | ଜାତୀୟ ସଫାଇ କର୍ମଚାରୀ ଅର୍ଥ ବିକାଶ ନିଗମ | | |
| | (କ) ସାଧାରଣ ଋଣ ଯୋଜନା | ୪୪୦.୮୮ | ୪୧୬୪୫ |
| | (ଖ) ଅତିକ୍ଷୁଦ୍ର ଆର୍ଥିକ ଯୋଜନା (ମାଇକ୍ରୋ ଫାଇନାନ୍ସ ସ୍କିମ୍) | ୧୭୬.୯୧ | ୪୨୮୯୦ |
| | (ଗ) ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ | ୫୦.୩୬ | ୩୫୦୧୭ |
| | **ମୋଟ୍** | **୬୬୮.୧୫** | **୧୧୯୫୫୨** |
| ୩ | ଜାତୀୟ ପଛୁଆ ବର୍ଗ ଅର୍ଥ ବିକାଶ ଯୋଜନା | | |
| | (କ) ସାଧାରଣ ଋଣ ଯୋଜନା | ୭୩୨.୫୮ | ୧୩୨୧୨୪ |
| | (ଖ) ଅତିକ୍ଷୁଦ୍ର ଅର୍ଥ ଯୋଜନା (ମାଇକ୍ରୋ ଫାଇନାନ୍ସ ସ୍କିମ୍) | ୭୩୪.୫୦ | ୫୩୧୮୭୦ |
| | (ଗ) ଦକ୍ଷତା ବିକାଶ କାର୍ଯ୍ୟକ୍ରମ | ୫୯.୭୮ | ୫୭୨୭୪ |
| | **ମୋଟ୍** | **୧୫୨୬.୮୬** | **୭୨୧୨୬୮** |

*ଡଃ ଆମ୍ବେଦକର ଆନ୍ତର୍ଜାତିକ କେନ୍ଦ୍ର (ଡିଏଆଇସି) ଓ ଡଃ ଆମ୍ବେଦକର ଜାତୀୟ ସ୍ମାରକ (ଡିଏଏନ୍ଏମ୍)*

ଲେଖକ ହେଉଛନ୍ତି ଶକ୍ତି ମନ୍ତ୍ରଣାଳୟର ସଚିବ।

# ଉଚ୍ଚଶିକ୍ଷା ମାଧ୍ୟମରେ ସଶକ୍ତୀକରଣ; ତଫସିଲଭୁକ୍ତ ଜାତି ଓ ଉପଜାତିଙ୍କ ମଧ୍ୟରେ ସାମାଜିକ ପରିବର୍ତ୍ତନ

ଏସ୍. ଶ୍ରୀନିବାସ ରାଓ, ସୁନ୍ଦରେଶ ଡି

କେତେକ ଜାତି ଓ ବର୍ଗ ଅନ୍ୟମାନଙ୍କ ତୁଳନାରେ ଅଧିକ ସୁବିଧାସୁଯୋଗ ଓ ଅଧିକାର ଉପଭୋଗ କରିଥାନ୍ତି। ଏହା ଏକ ସାମାଜିକ ବାସ୍ତବତା। ସେଇ ସତ୍ୟ ଆଧାରରେ ଆଉ କେତେକ ଜାତି ଓ ବର୍ଗ ସେମାନଙ୍କ ବର୍ଗର ବିଶେଷାଧିକାର ଓ ସୁବିଧାସୁଯୋଗ ଲାଭ କରୁଥିବା ବର୍ଗଙ୍କ ତୁଳନାରେ ସାମାଜିକ ସ୍ତରରେ ପଛୁଆ ବା ଅବହେଳିତ। ନିର୍ଦ୍ଦିଷ୍ଟ ଭାବେ ଏହି ସାମାଜିକ ବାସ୍ତବତାକୁ ଆଖି ଆଗରେ ରଖି ଭାରତୀୟ ସମ୍ବିଧାନରେ ତଫସିଲଭୁକ୍ତ ଜାତି ଓ ଉପଜାତିର ଏହି ଅବହେଳିତ ଓ ଅନଗ୍ରସର ବର୍ଗଙ୍କ ସୁରକ୍ଷା ଏବଂ ବିକାଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେମାନଙ୍କ ପାଇଁ ଗ୍ରହଣ କରାଯାଇଥିବା ଏହି ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟରେ ରହିଛି ପାତରଅନ୍ତର ବିରୋଧୀ ନୀତି, ଅତ୍ୟାଚାର ନିରୋଧ ବ୍ୟବସ୍ଥା ଓ ଅସ୍ତିବାଚକ ସଂରକ୍ଷଣ ଓ ସ୍ୱତନ୍ତ୍ର ସୁବିଧା ପ୍ରଦାନ, ଅସ୍ପୃଶ୍ୟତା ନିରୋଧ ନୀତି, ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା, ସ୍ୱତନ୍ତ୍ର ବୃତ୍ତି ଯୋଗାଣ, ଭୌଗୋଳିକ ଦୃଷ୍ଟିରୁ ଅସୁବିଧାରେ ଥିବା ଜନଜାତି ଓ ବର୍ଗର ଲୋକଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ପ୍ରଦାନ। ନିକଟ ଅତୀତରେ ସରକାର ଏ କ୍ଷେତ୍ରରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକଙ୍କ ପାଇଁ ଉଭୟ କେନ୍ଦ୍ର ଓ ପ୍ରାଦେଶିକ ବଜେଟରେ ଉପଯୋଜନା (ସବ୍‌ପ୍ଲାନ୍) ଜରିଆରେ ସ୍ୱତନ୍ତ୍ର ଅର୍ଥ ବରାଦ କରାଯାଉଛି। ଉଦ୍ଦେଶ୍ୟ ହେଲା ଏହି ଦୁଇବର୍ଗର ଲୋକଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡ଼ିକ ପାଇଁ ସ୍ୱତନ୍ତ୍ରଭାବେ ଅର୍ଥ ବରାଦ କରି ଅର୍ଥ ମଞ୍ଜୁର ଜନିତ ସମସ୍ୟାର ଅବସାନ ଘଟାଇବା। ଏହି ଉପଯୋଜନାର ଏକ ବଡ଼ ପ୍ରଭାବ ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକଙ୍କ ଉପରେ ପଡ଼ିଛି। ଏହା ଫଳରେ ଏହି ଦୁଇବର୍ଗରେ ଉଦ୍ୟୋଗୀ ଓ ବ୍ୟାବସାୟିକ ଶ୍ରେଣୀ ସୃଷ୍ଟିର ସୁଯୋଗ ତିଆରି କରାଯାଇଛି।

ଏବେ ଭାରତରେ ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକଙ୍କ ମଧ୍ୟରେ ଶିକ୍ଷା ଓ ସଭ୍ୟତାର ପ୍ରବେଶ ସହ ଏକ ନୂଆ ଶିକ୍ଷିତ ମଧ୍ୟମବର୍ଗ ସୃଷ୍ଟି ହୋଇଛି। ସେହି ବର୍ଗର ଆଶା ଆକାଂକ୍ଷା ପୂରଣ କରିବାରେ ନୂଆ ବ୍ୟାବସାୟିକ ବର୍ଗ ବିଶେଷ ସହାୟକ ହେବ। ଗବେଷଣାଲବ୍ଧ ତଥ୍ୟ କହୁଛି ଯେ ଏହି ଦୁଇ ବର୍ଗର ବିକାଶ ପାଇଁ ସରକାର ଯେଉଁସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ତାହାର ସକାରାତ୍ମକ ପ୍ରଭାବ ଏହି ବର୍ଗର ଲୋକଙ୍କ ଉପରେ ପଡୁଛି। ସେମାନେ ପୁରୁଣା ଜଟିଳ ସାମାଜିକ ବ୍ୟବସ୍ଥାରୁ କ୍ରମଶଃ ମୁକୁଳି ଶିକ୍ଷିତ, ସଭ୍ୟ, ରୋଜଗାରକ୍ଷମ ହେବା ସହ ଅପେକ୍ଷାକୃତ ଏକ ଉନ୍ନତ ଜୀବନ ବିତାଉଛନ୍ତି। ସମସ୍ତେ ଏହାର ଲାଭ ଉଠାଇବାକୁ ସକ୍ଷମ ହୋଇ ନ ଥିଲେ ମଧ୍ୟ ଏହା ଏକ ସକାରାତ୍ମକ ପରିବର୍ତ୍ତନର ଆଧାର ସୃଷ୍ଟିରେ ସଫଳ ହୋଇଛି। ଶିକ୍ଷା ଓ ନିଯୁକ୍ତିରେ ସଂରକ୍ଷଣ ବ୍ୟବସ୍ଥା ଯୋଗୁଁ ଏହି ବର୍ଗରେ ଏକ ନୂଆ ଶିକ୍ଷିତ ମଧ୍ୟମବର୍ଗ ସୃଷ୍ଟିର ଯେ ବାଟ ଫିଟିଛି ଏହା ନିଃସନ୍ଦେହରେ କୁହାଯାଇପାରେ। କଠୋର ସଂରକ୍ଷଣ ବ୍ୟବସ୍ଥା ଫଳରେ ଏହି ଦୁଇ ବର୍ଗର ପ୍ରଥମ ପିଢ଼ିର ଶିକ୍ଷିତମାନେ ପାରମ୍ପରିକତାର ବନ୍ଧନ ଭାଙ୍ଗି ସାମାଜିକ ଉତ୍‌ଥାନ ପ୍ରକ୍ରିୟାର ମୂଳଦୂଆ ପକାଇବା ସହ ସାମାଜିକ, ଆର୍ଥିକ ଓ



ରାଜନୈତିକ କ୍ଷେତ୍ରରେ ନିଜକୁ ସଶକ୍ତ କରିବାରେ ସଫଳ ହୋଇଛନ୍ତି। ଏହି ସଶକ୍ତୀକରଣର ପ୍ରଭାବ ସମାଜିକ ଓ ଶୈକ୍ଷିକ ସ୍ତରରେ ଦୃଶ୍ୟମାନ ହେଉଛି। ତଫସିଲଭୁକ୍ତ ଜାତି ଓ ଉପଜାତିର ସଦସ୍ୟମାନେ ଶିକ୍ଷା ଓ ନିଯୁକ୍ତିରେ ଥିବା ସଂରକ୍ଷଣର ଲାଭ ଉଠାଇବା ସହ ଅଧିକରୁ ଅଧିକ ଉପରକୁ ଉଠିବାର ସୁଯୋଗ ନିଜ ପାଇଁ ତିଆରି କରୁଛନ୍ତି। ସରକାରୀ ସଂରକ୍ଷଣ ନୀତି ଫଳରେ ଅଞ୍ଚଳ ଓ ପ୍ରଦେଶ ନିର୍ବିଶେଷରେ ସମଗ୍ର ଦେଶରେ ତଫସିଲଭୁକ୍ତ ଜାତି ଓ ଉପଜାତି ଲୋକଙ୍କ ସାକ୍ଷରତା ହାର ବଢ଼ିଛି। ଶିକ୍ଷା ଯୋଗୁଁ ସେମାନଙ୍କର ଆଶା ଆକାଂକ୍ଷାରେ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ସ୍କୁଲରେ ପିଲାଙ୍କ ନାମ ଲେଖା ହାର ମଧ୍ୟ ଯଥେଷ୍ଟ ବଢ଼ିଛି ଓ ଅଧାରୁ ପାଠଛାଡୁଥିବା ପିଲାଙ୍କ ସଂଖ୍ୟା ଯଥେଷ୍ଟ କମିଛି। ଏ କ୍ଷେତ୍ରରେ କେତେକ ସମସ୍ୟା ଏବେ ମଧ୍ୟ ରହିଥିଲେ ହେଁ ପ୍ରାଥମିକ ପରେ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ପୂର୍ବାପେକ୍ଷା ଅଧିକରୁ ଅଧିକ ଏହି ଦୁଇବର୍ଗର ପିଲା ପାଠ ପଢୁଛନ୍ତି।

**ଉଚ୍ଚଶିକ୍ଷା ଓ ସଶକ୍ତୀକରଣ:**

ଶିକ୍ଷା ବିକାଶର ଚାବିକାଠି। ତଫସିଲଭୁକ୍ତ ଜାତି ଓ ଉପଜାତି ବର୍ଗର ସଦସ୍ୟମାନେ ଉଚ୍ଚଶିକ୍ଷିତ ହେବା ସହ ନିଯୁକ୍ତି ସୁଯୋଗ ପାଇବାରୁ ସେମାନଙ୍କର ସାମାଜିକ ଓ ଆର୍ଥିକ ସଶକ୍ତୀକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ସେମାନେ ଉତ୍ତମ ଜୀବନ, ସାମାଜିକ ମର୍ଯ୍ୟାଦା ଓ ରୋଜଗାର ପାଇଁ ବାସ୍ତବରେ ଏକ ସୁଯୋଗ ପାଇଛନ୍ତି। ଗତ ୧୫ବର୍ଷ ମଧ୍ୟରେ ଏହି ଦୁଇବର୍ଗର ପିଲାଙ୍କ ମୋଟ ନାମଲେଖା ହାର (ଜିଇଆର)ରେ ଉଲ୍ଲେଖନୀୟ ପ୍ରଗତି ପରିଲକ୍ଷିତ ହୋଇଛି। ୨୦୧୪-୧୫ରେ ତଫସିଲଭୁକ୍ତ ଜାତିର ପିଲାଙ୍କ ଜିଇଆର ୧୯.୧ ଥିବାବେଳେ ୨୦୦୫-୦୬ରେ ଏହା ଥିଲା ମାତ୍ର ୮.୪ ଶତାଂଶ। ଟେବୁଲ-୧ଦ୍ରଷ୍ଟବ୍ୟ)। ସେହିଭଳି ତଫସିଲଭୁକ୍ତ ଉପଜାତିର ଜିଇଆର୍ ଉଚ୍ଚଶିକ୍ଷା କ୍ଷେତ୍ରରେ ଏହି ସମୟ ମଧ୍ୟରେ ୬.୬ରୁ ୧୩.୭ ଶତାଂଶକୁ ବୃଦ୍ଧି ପାଇଛି।

ବାସ୍ତବରେ ଏହି ହାର ୧୯୯୯-୨୦୦୦ରୁ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଏହା ପଛରେ ରହିଛି ସରକାରୀ ପ୍ରୟାସ ଓ ଉଚ୍ଚଶିକ୍ଷା ପାଇଁ ଦ୍ୱିତୀୟ ପିଢ଼ିର ଶିକ୍ଷାନୁଷ୍ଠାନ ନିର୍ମାଣ କାର୍ଯ୍ୟକ୍ରମ। ତୁଳନାତ୍ମକଭାବେ ଦେଖିଲେ ତଫସିଲଭୁକ୍ତ ଜାତିର ଜିଇଆର ୧୯୯୯-୨୦୦୦ରେ ୫.୦୯ ଥିବାବେଳେ ୨୦୧୪-୧୫ରେ ଏହା ଚାରିଗୁଣ ବଢ଼ିଛି। ତଫସିଲଭୁକ୍ତ ଜନଜାତି କ୍ଷେତ୍ରରେ ଏହି ହାର ଏହି ସମୟରେ ମାତ୍ର ଦୁଇଗୁଣ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ସବୁଗୋଷ୍ଠୀର (ଅଣ ସଂରକ୍ଷିତ ବର୍ଗ ସମେତ) ଜିଇଆର ୨୦୦୫-୦୬ରେ ୧୧.୬ ଥିବାବେଳେ ୨୦୧୪-୧୫ରେ ଏହା ୨୪.୩ ଶତାଂଶରେ ପହଞ୍ଚିଛି।

**ଟେବୁଲ-୧**

**ଉଚ୍ଚଶିକ୍ଷାରେ ମୋଟ୍ ନାମଲେଖା ଅନୁପାତ (୨୦୦୫-୦୬ରୁ ୨୦୧୪-୧୫)**

| ବର୍ଷ | ସମଗ୍ର | | ତଫସିଲଭୁକ୍ତ ଜାତି | | | ତଫସିଲଭୁକ୍ତ ଉପଜାତି | | | |
|---|---|---|---|---|---|---|---|---|---|
| | ପୁଅ | ଝିଅ | ମୋଟ୍ | ପୁଅ | ଝିଅ | ମୋଟ୍ | ପୁଅ | ଝିଅ | ମୋଟ୍ |
| ୨୦୦୫-୦୬ | ୧୩.୫ | ୯.୪ | ୧୧.୬ | ୧୦.୧ | ୬.୪ | ୮.୪ | ୮.୬ | ୪.୭ | ୬.୬ |
| ୨୦୧୪-୧୫ | ୨୫.୩ | ୨୩.୨ | ୨୪.୩ | ୨୦.୦ | ୧୮.୨ | ୧୯.୧ | ୧୫.୨ | ୧୨.୩ | ୧୩.୭ |

*ଉତ୍ସ: ଭାରତ ସରକାର*



ଏହି ତଥ୍ୟ ଭିତ୍ତିରେ କେତେକ ଉପସଂହାରରେ ପହଞ୍ଚିହେବ। ୨୦୦୦ ରୁ ୨୦୧୫ ସମୟ ମଧ୍ୟରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସବୁ ବର୍ଗର ସଂପୃକ୍ତି ବଢ଼ିଛି। ଏ କ୍ଷେତ୍ରରେ ତଫସିଲଭୁକ୍ତ ଜାତି ଓ ଉପଜାତିର ପ୍ରତିନିଧିତ୍ୱ ଅଧିକ ହୋଇଛି। ଏହି ସମୟରେ ତଫସିଲଭୁକ୍ତ ଜାତି ଓ ଉପଜାତିର ଝିଅ /ମହିଳା ସବୁଠୁ ଅଧିକ ଉପକୃତ ହୋଇଛନ୍ତି। ଏହି ବର୍ଗର ମହିଳାଙ୍କ ଅନୁପାତ ଉଚ୍ଚଶିକ୍ଷା କ୍ଷେତ୍ରରେ ୨୦୦୫-୦୬ରୁ ୨୦୧୪-୧୫ ମଧ୍ୟରେ ତିନିଗୁଣ ବଢ଼ିଛି।

ତଫସିଲଭୁକ୍ତ ଜାତି ଓ ଉପଜାତି ମହିଳାଙ୍କ ଉଚ୍ଚଶିକ୍ଷା ଗ୍ରହଣ ହାରରେ ଅଧିକ ବୃଦ୍ଧିର ଅର୍ଥ ସାମାଜିକ ଓ ଆର୍ଥିକ ସଶକ୍ତୀକରଣ ପାଇଁ ଶିକ୍ଷାର ଆବଶ୍ୟକତାକୁ ପ୍ରମାଣିତ କରୁଛି। ଏହା ମଧ ପ୍ରମାଣିତ କରୁଛି ଯେ ଏହି ବର୍ଗର ଯେଉଁମାନେ ପ୍ରଥମ ଶିକ୍ଷିତ ଥିଲେ ସେମାନେ ଶିକ୍ଷାର ମହତ୍ୱ ଓ ଯଥାର୍ଥତା ବୁଝି ନିଜର ଝିଅମାନଙ୍କୁ ଓ ପରିବାର ତଥା ବର୍ଗର ଅନ୍ୟମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ପ୍ରୋତ୍ସାହିତ କରିଛନ୍ତି। ଉଚ୍ଚଶିକ୍ଷା ଲାଭ କରିଥିବା ତଫସିଲଭୁକ୍ତ ଜାତି ଓ ଉପଜାତି ବର୍ଗର ଯୁବକଯୁବତୀ ଭାରତୀୟ ସିଭିଲ ସେବା ପରୀକ୍ଷାରେ ସଫଳତା ଲାଭ କରିବା ସହ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ମଧ ଉଲ୍ଲେଖନୀୟ ପ୍ରଦର୍ଶନ କରୁଛନ୍ତି। ଇଞ୍ଜିନିୟରିଂ, ଡାକ୍ତରୀ, ଆଇନ, କଲେଜ ଓ ବିଶ୍ୱବିଦ୍ୟାଳୟ ଅଧ୍ୟାପନା କ୍ଷେତ୍ରରେ ଏହି ଦୁଇ ବର୍ଗର ପ୍ରତିନିଧିତ୍ୱ ମଧ ସନ୍ତୋଷଜନକ ହୋଇଛି। ତେବେ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଚତୁର୍ଥ ଶ୍ରେଣୀ ପଦରେ ଏହି ଦୁଇ ବର୍ଗର ପ୍ରତିନିଧିତ୍ୱ ଭଲଥିବାବେଳେ ସେ ତୁଳନାରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପଦରେ ସେଭଳି ସନ୍ତୋଷଜନକ ହୋଇନାହିଁ। ଏହି ଦୁଇବର୍ଗର ଶିକ୍ଷିତଙ୍କ ମଧ୍ୟରେ ଆଉ ଏକ ଉଲ୍ଲେଖନୀୟ ଧାରା ଦୃଶ୍ୟମାନ ହେଉଛି। ନବ୍ୟ ଶିକ୍ଷିତମାନେ ଉଚ୍ଚତର ଶିକ୍ଷା, ଗବେଷଣା ଓ ନିଯୁକ୍ତି ପାଇଁ ବିଦେଶକୁ ଯିବା ସହ ସେସବୁ ଦେଶରେ ନିଜ ନିଜ ମଧ୍ୟରେ ସମ୍ପର୍କ ରକ୍ଷା କରି ସାମାଜିକ ଓ ଆର୍ଥିକ ସମ୍ପର୍କକୁ ସୁଦୃଢ଼ କରୁଛନ୍ତି। ଏସବୁ ସତ୍ତ୍ୱେ ଦେଶ ଭିତରେ ଏବେ ମଧ ତଫସିଲଭୁକ୍ତ ଜାତି ଓ ଉପଜାତି ବର୍ଗଙ୍କ ଉପରେ ନାନା ପ୍ରକାର ଅତ୍ୟାଚାର ଓ ଜୁଲମ କରାଯାଉଛି ଓ ସେମାନଙ୍କୁ ସାମାଜିକ ଏବଂ ଅନ୍ୟ କ୍ଷେତ୍ରରେ ବାଛବିଚାରର ସମ୍ମୁଖୀନ ହେବାକୁ ପଡୁଛି।



**କିଛି ସମସ୍ୟା:**

ତଫସିଲଭୁକ୍ତ ଜାତି ଓ ଉପଜାତିବର୍ଗଙ୍କ ଶିକ୍ଷା ଓ ସଶକ୍ତୀକରଣ ପାଇଁ ସରକାରୀ ବ୍ୟବସ୍ଥା ସତ୍ତ୍ୱେ କିଛି ଅସୁବିଧା ଓ ସମସ୍ୟା ଏବେ ମୁଣ୍ଡ ଟେକିଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ଦିନକୁ ଦିନ ଘରୋଇକରଣର ପ୍ରାଧାନ୍ୟ ବଢୁଛି। ଏହା ଫଳରେ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ତଫସିଲଭୁକ୍ତ ଜାତି ଓ ଉପଜାତିର ଛାତ୍ରଛାତ୍ରୀମାନେ ସଂରକ୍ଷଣ ବ୍ୟବସ୍ଥା ନ ଥିବା ଘରୋଇ ବୈଷୟିକ ଓ ପେସାଦାର ଶିକ୍ଷାନୁଷ୍ଠାନ ନାମ ଲେଖାଇବାର ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଦ୍ୱିତୀୟତଃ ଘରୋଇ ଉଦ୍ୟୋଗରେ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ତଫସିଲଭୁକ୍ତ ଜାତି

ଓ ଉପଜାତିର ଯୁବକଯୁବତୀମାନେ ନିଯୁକ୍ତି ପାଇପାରୁନାହାନ୍ତି। ଏହା ଫଳରେ ଏହି ବର୍ଗର ଉଚ୍ଚଶିକ୍ଷିତ ବେକାରଙ୍କ ସଂଖ୍ୟା ବଢୁଛି। ତୃତୀୟ ସମସ୍ୟାଟି ହେଲା ଏହି ଦୁଇବର୍ଗର ଉଚ୍ଚଶିକ୍ଷିତ ମହିଳାଙ୍କ ହାର ପୁରୁଷଙ୍କ ତୁଳନାରେ ଅଧିକ ରହୁଥିବାରୁ ଏକ ଲିଙ୍ଗଗତ ଅସମତା ବଢୁଛି। ଯାହା ସାମାଜିକ ସମସ୍ୟା ସୃଷ୍ଟି କରୁଛି। ଚତୁର୍ଥ ପ୍ରସଙ୍ଗ ହେଲା ଏହି ଦୁଇବର୍ଗର ଗ୍ରାମୀଣ ଓ ସହରୀ ମହିଳାଙ୍କ ମଧ୍ୟରେ ଏକ ବଡ଼ ବ୍ୟବଧାନ ମୁଣ୍ଡ ଟେକୁଛି। ଏହି ବର୍ଗର ଗ୍ରାମାଞ୍ଚଳର ମହିଳା ଶିକ୍ଷା ଓ ସଶକ୍ତୀକରଣ କ୍ଷେତ୍ରରେ ସେମାନଙ୍କ ସହରୀ ପ୍ରତିପକ୍ଷଙ୍କଠାରୁ ବହୁ ପଛରେ ପଡ଼ିଛନ୍ତି। ପଞ୍ଚମ ପ୍ରସଙ୍ଗଟି ହେଲା ସରକାରୀ ସଂରକ୍ଷଣ ବ୍ୟବସ୍ଥାର ଲାଭ ଏହି ଦୁଇ ଶ୍ରେଣୀର ସ୍ୱଚ୍ଛଳବର୍ଗ ବେଶୀ ପାଉଛନ୍ତି। ଦ୍ୱିତୀୟ ପିଢ଼ିର ସ୍ୱଚ୍ଛଳ ତଫସିଲଭୁକ୍ତ ଜାତି ଓ ଉପଜାତିର ଶିକ୍ଷିତମାନେ ସରକାରୀ ସଂରକ୍ଷଣର ଲାଭ ଯେଉଁପରିମାଣରେ ଉଠାଇଛନ୍ତି ସେମାନଙ୍କ ଗ୍ରାମାଞ୍ଚଳ ପ୍ରତିପକ୍ଷ ସେପରି ପାଉନାହାନ୍ତି।

ଟେବୁଲ-୨ରେ ପ୍ରଦତ୍ତ ତଥ୍ୟକୁ ଅନୁଶୀଳନ କଲେ ସ୍ପଷ୍ଟ ଜାଣି ହୁଏ ଯେ ଏହି ଦୁଇ ବର୍ଗର ଗ୍ରାମାଞ୍ଚଳ ଲୋକଙ୍କ ସ୍ଥିତି ଅତି ଖରାପ। ଅତଏବ ସେମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ସରକାରୀ ନୀତିର ଆବଶ୍ୟକତା ରହିଛି।



ଏହି ଦୁଇ ବର୍ଗର ଶିକ୍ଷିତ ବେକାରଙ୍କ ପାଇଁ ଆଉ ଏକ ଉଦ୍‌ବେଗର ବିଷୟ ହେଲା ସରକାରୀ କ୍ଷେତ୍ରରେ କ୍ରମଶଃ ନିଯୁକ୍ତି ପରିସର ସଂକୁଚିତ ହେଉଛି ଓ ଅନେକ ପଦର ଅବସାନ ଘଟୁଛି। ତେଣୁ ସଂରକ୍ଷଣ ବ୍ୟବସ୍ଥା ସତ୍ତ୍ୱେ ଏହି ଦୁଇବର୍ଗର ନିଯୁକ୍ତି ପରିସର ସଂକୁଚିତ ହେଉଛି। ଉଦାରୀକରଣ ବ୍ୟବସ୍ଥାରେ ଘରୋଇକରଣକୁ ଅଧିକ ପ୍ରୋତ୍ସାହିତ କରାଯାଉଛି। ଘରୋଇ କ୍ଷେତ୍ରରେ ନିଯୁକ୍ତିରେ ସଂରକ୍ଷଣ ବ୍ୟବସ୍ଥା ନାହିଁ। ଫଳରେ ତଫସିଲଭୁକ୍ତ ଜାତି ଓ ଉପଜାତିର ଶିକ୍ଷିତମାନଙ୍କ ନିଯୁକ୍ତି ପ୍ରକ୍ରିୟା ସଂକୁଚିତ ହେବା ସହ ସେମାନଙ୍କ ସଶକ୍ତୀକରଣ ପ୍ରୟାସ ବାଧାପ୍ରାପ୍ତ ହେଉଛି। ଏହା ଫଳରେ ଏହି ବର୍ଗଙ୍କ ମଧ୍ୟରେ ଶିକ୍ଷାଦାନ ପ୍ରତି ଅନାଗ୍ରହ ଭାବ ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି।

ଉପସଂହାରରେ ଏତିକି କୁହାଯାଇପାରେ ଯେ ସରକାରୀ ପ୍ରୟାସ ଫଳରେ ଗତ କେଇ ଦଶନ୍ଧିରେ ତଫସିଲଭୁକ୍ତ ଜାତି ଓ ଉପଜାତି ବର୍ଗଙ୍କ ଭାଗ୍ୟରେ ଯଥେଷ୍ଟ ଉନ୍ନତି ଆସିଥିଲେ ହେଁ ଏ କ୍ଷେତ୍ରରେ ଆହୁରି କିଛି କରିବାକୁ ପଡ଼ିବ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଦୁଇବର୍ଗ ମଧ୍ୟରେ ପାଠପଢ଼ିବାର ସଚେତନତା ବୃଦ୍ଧି ପାଇଛି। ପରିବର୍ତ୍ତିତ ପରିସ୍ଥିତିରେ ଉତ୍ତମମାନର ଉଚ୍ଚଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଏହି ବର୍ଗ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ସରକାରୀ ସ୍ତରରେ ଗ୍ରହଣ କରାଗଲେ ଏହାର ବଞ୍ଚିତ ଶ୍ରେଣୀ ସଦସ୍ୟମାନେ ଅଧିକ ଉପକୃତ ହେବା ସହ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଅଧିକ ସଶକ୍ତ ଓ ସ୍ୱାବଲମ୍ବୀ ହୋଇପାରିବେ।

**ଟେବୁଲ-୨ : ବିଭିନ୍ନ କ୍ଷେତ୍ରରେ ତଫସିଲଭୁକ୍ତ ଜାତି ଓ ଜନଜାତି ବର୍ଗର ମୋଟ୍ ନିଯୁକ୍ତି ଅନୁପାତ**

| | ତଫସିଲଭୁକ୍ତ ଜାତି | ତଫସିଲଭୁକ୍ତ ଉପଜାତି |
|---|---|---|
| ମୋଟ୍ ଗ୍ରାମିଣ ପରିବାର | ୩୩୧୬୪୦୮୫ | ୧୯୬୩୬୩୯୯ |
| ସରକାରୀ | ୩.୯୫% | ୪.୩୬% |
| ରାଷ୍ଟ୍ରାୟତ୍ତ | ୦.୯୩% | ୦.୫୮% |
| ଘରୋଇ | ୨.୪୨% | ୧.୪୮% |

*ବିନ୍ଦୁ : ଶତାଂଶ ସଂପୃକ୍ତ ବର୍ଗର ମୋଟ୍ ପରିବାର ସଂଖ୍ୟାର ହାର*

*ଉତ୍ସ : ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ- ୨୦୧୧*

ଲେଖକ ଶ୍ରୀନିବାସ ରାଓ ଜେଏନ୍‌ୟୁରେ ଜଣେ ସହଯୋଗୀ ପ୍ରଫେସର। ସହଲେଖକ ସୁନ୍ଦରେଶ ଡି ସେହି ଅନୁଷ୍ଠାନର ଜଣେ ଗବେଷକ।

# ଦିବ୍ୟାଙ୍ଗମାନଙ୍କ ସଶକ୍ତିକରଣ


ଡକ୍ଟର ସନ୍ଧ୍ୟା ଲିମାୟେ

ଦିବ୍ୟାଙ୍ଗମାନେ ହେଉଛନ୍ତି ଭାରତର ଅନ୍ୟତମ ବୃହତ୍ ସଂଖ୍ୟାଲଘୁ ଗୋଷ୍ଠୀ, ଯେଉଁମାନେ ବର୍ଷବର୍ଷ ଧରି ଅବହେଳିତ ଓ ବଞ୍ଚିତ ରହିଆସିଛନ୍ତି। ଦେଶରେ ବର୍ତ୍ତମାନ ମଧ୍ୟ ଏମାନେ ଅତ୍ୟାଚାରର ଶିକାର ହେଉଛନ୍ତି ଏବଂ ସମ୍ପୂର୍ଣ୍ଣ ନାଗରିକ ହେବାର ସୁଯୋଗ ନ ପାଇ ଏକ ଯଥାଯଥ ଗୁଣସମ୍ପନ୍ନ ଜୀବନ ଜୀଇଁ ପାରୁନାହାନ୍ତି। ଏମାନେ ଏବେ ମଧ୍ୟ ସାମାଜିକ ଭାବେ ଅବହେଳିତ, କାରଣ ସମାଜ ଆଖିରେ ଏମାନେ ନ୍ୟୁନ, ନଗଣ୍ୟ, ଅସମ୍ପୂର୍ଣ୍ଣ ଓ ସର୍ବୋପରି ଏକ ସାମାଜିକ ବୋଝ ଭାବେ ପରିଗଣିତ ହୋଇଥାନ୍ତି। ୨୦୧୧ ଜନଗଣନା ଅନୁଯାୟୀ ଦିବ୍ୟାଙ୍ଗମାନେ ଦେଶର ଜନସଂଖ୍ୟାର ୨.୨୧ ପ୍ରତିଶତ ଏବଂ ଏମାନଙ୍କ ସଂଖ୍ୟା ହେଉଛି ୨୬୮.୧୪ ଲକ୍ଷ। ସବୁଠାରୁ ଅଧିକ ଦିବ୍ୟାଙ୍ଗ, ଚଳପ୍ରଚଳଜନିତ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ (୫୪.୩୭), ୫୦.୭୩ ପ୍ରତିଶତ ଦିବ୍ୟାଙ୍ଗ ଶ୍ରବଣଶକ୍ତି ବାଧିତ ଓ ୫୦.୩୩ ପ୍ରତିଶତ ଦିବ୍ୟାଙ୍ଗ ହେଉଛନ୍ତି ଦୃଷ୍ଟିଶକ୍ତି ବାଧିତ।

ଦିବ୍ୟାଙ୍ଗମାନଙ୍କ ଥଇଥାନ ଦିଗରେ କାର୍ଯ୍ୟକରୁଥିବା ବୃତ୍ତିଧାରୀମାନେ ବର୍ତ୍ତମାନ ଦିବ୍ୟାଙ୍ଗମାନଙ୍କ ଅଧିକାର, ସମାନ ସୁଯୋଗ ଏବଂ ସେମାନଙ୍କୁ ମୁଖ୍ୟ ଧାରାରେ ସାମିଲ୍ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଆଜି ଏକଥା ସରକାରୀ ଭାବେ ସ୍ୱୀକୃତ ଯେ ଦିବ୍ୟାଙ୍ଗମାନେ ମଧ୍ୟ ଅନ୍ୟମାନଙ୍କ ପରି ଆର୍ଥିକ, ଆବେଗିକ, ଶାରିରୀକ, ବୌଦ୍ଧିକ, ଆଧ୍ୟାତ୍ମିକ, ସାମାଜିକ ଓ ରାଜନୈତିକ ଆବଶ୍ୟକତା ଅନୁଭବ କରିଥାଆନ୍ତି। ଯଦିଓ ଦିବ୍ୟାଙ୍ଗମାନଙ୍କ ପାଇଁ ଅନେକ କାର୍ଯ୍ୟ କରାଯାଇଛି, ତଥାପି ସେମାନଙ୍କ ପାଇଁ ଏକ ବାଧାମୁକ୍ତ ବାତାବରଣ ସୃଷ୍ଟି କରିବା ଏବଂ ସେମାନଙ୍କୁ ସମାଜରେ ସାମିଲ୍ କରି ସେମାନଙ୍କର ଅଧିକାର ସୁନିଶ୍ଚିତ କରିବା ଦିଗରେ ଆହୁରି ଅନେକ କିଛି କାମ କରିବାର ଆବଶ୍ୟକତା ରହିଛି। ଭିନ୍ନ ଭିନ୍ନ ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ପରିପ୍ରେକ୍ଷୀରେ ସଶକ୍ତିକରଣର ସଂଜ୍ଞା ଭିନ୍ନ। ଏହାର ଅର୍ଥ ସାମର୍ଥ୍ୟ ହୋଇପାରେ କିମ୍ବା ନିୟନ୍ତ୍ରଣ ହୋଇପାରେ କିମ୍ବା ନିଜ ଅଧିକାର ଓ ସ୍ୱାଧୀନତା ସାବ୍ୟସ୍ତ କରିବା ପାଇଁ ସଂଗ୍ରାମ ମଧ୍ୟ ହୋଇପାରେ। ଆଉ ମଧ୍ୟ ଏହା ନିଜ ପାଇଁ ନିଷ୍ପତ୍ତି ନେବାର କ୍ଷମତା ମଧ୍ୟ ହୋଇପାରେ। ସଶକ୍ତିକରଣ ଉଭୟ ବ୍ୟକ୍ତିଗତ ଓ ସାମୂହିକ ସ୍ତରରେ ପ୍ରଯୁଜ୍ୟ। ଏହା ଆର୍ଥିକ, ରାଜନୈତିକ ଓ ସାମାଜିକ ସ୍ତରରେ ବିଭିନ୍ନ ସମ୍ବଳ ନିୟନ୍ତ୍ରଣ ମାଧ୍ୟମରେ ନିଜ ଜୀବନକୁ ପରିଚାଳିତ ମଧ୍ୟ କରିବା ହୋଇପାରେ। ସମାଜିକ ସଶକ୍ତିକରଣର କ୍ଷେତ୍ର ଅତି ବ୍ୟାପକ ଏବଂ ଏହା ଗୋଷ୍ଠୀଗତ ବିକାଶ ଉପରେ ଗୁରୁତ୍ୱ ଦେଇଥାଏ। ସାମାଜିକ କାର୍ଯ୍ୟ କ୍ଷେତ୍ରରେ ସଶକ୍ତିକରଣର ଅର୍ଥ ହେଉଛି ସମ୍ବଳ ଉପଯୋଗକୁ ନେଇ ଏକ ବ୍ୟବହାରିକ ଦୃଷ୍ଟିଭଙ୍ଗୀ ରଖିବା।

**ଦିବ୍ୟାଙ୍ଗମାନଙ୍କ ସାମାଜିକ ସଶକ୍ତିକରଣ ପାଇଁ ସରକାରୀ ପ୍ରୟାସ**

ଦିବ୍ୟାଙ୍ଗମାନଙ୍କ ପାଇଁ ଆବଶ୍ୟକ ନୀତି ପ୍ରଣୟନ ଓ ସେଗୁଡ଼ିକର ଉପଯୁକ୍ତ କାର୍ଯ୍ୟକାରିତା ତଦାରଖ କରିବା ପାଇଁ ମେ' ୧୨, ୨୦୧୨ ମସିହାରେ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ମଧ୍ୟରେ ଦିବ୍ୟାଙ୍ଗଙ୍କ ସଶକ୍ତିକରଣ ସମ୍ପର୍କିତ



ଏକ ପୃଥକ ବିଭାଗକୁ କାର୍ଯ୍ୟକ୍ଷମ କରାଗଲା। ଏହି ବିଭାଗର ଉଦ୍ଦେଶ୍ୟ ହେଉଛି ବିଭିନ୍ନ ଯୋଜନା ମାଧ୍ୟମରେ ଦିବ୍ୟାଙ୍ଗମାନଙ୍କ ସାମାଜିକ ସଶକ୍ତିକରଣକୁ ସୁନିଶ୍ଚିତ କରିବା।

**୧) ବିଭିନ୍ନ ସହାୟତା ଉପକରଣ କ୍ରୟ ଓ ଉପଯୋଗ କରିବା ପାଇଁ ସହାୟତ ଯୋଜନା (ADIP)**

ଏହି ଯୋଜନା ଅଧିନରେ ଗତ ତିନିବର୍ଷ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ୫୨୬୫ଟି ଶିବିର ଆୟୋଜିତ କରାଯାଇ ୪୩୦.୯୮ କୋଟି ଟଙ୍କା ବିନିଯୋଗରେ ୭.୦୩ ଲକ୍ଷ ଦିବ୍ୟାଙ୍ଗମାନଙ୍କୁ ଉପକୃତ କରାଯାଇଛି। ୨୦୧୪ ମସିହା ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ଉପଲକ୍ଷେ ଦେଶର ୧୭୨ଟି ଡାକ୍ତରଖାନାକୁ ପଞ୍ଜିକୃତ କରାଯାଇ ପ୍ରଥମଥର ପାଇଁ ଏହି ଯୋଜନା ଅଧିନରେ କକ୍‌ଲିଆର (କର୍ଣ୍ଣ ସମ୍ବନ୍ଧୀୟ) ପ୍ରତିରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ସେତେବେଳେ ୭୯୪ଟି ଅସ୍ତ୍ରୋପଚାର କରାଯାଇ ସମ୍ପୃକ୍ତ ଦିବ୍ୟାଙ୍ଗମାନଙ୍କୁ ଅସ୍ତ୍ରୋପଚାର ପରବର୍ତ୍ତୀ ସୁବିଧା ମଧ୍ୟ ଯୋଗାଇ ଦିଆଯାଇଥିଲା। ଏହି ଯୋଜନା ଅଧିନରେ ବିଭାଗ ତରଫରୁ ଦିବ୍ୟାଙ୍ଗମାନଙ୍କୁ ୩୭ ହଜାର କୋଟି ଟଙ୍କା ମୂଲ୍ୟର ଟ୍ରାଇସାଇକେଲ୍ କିଣିବା ପାଇଁ ୨୫ ହଜାର ଟଙ୍କାର ରିହାତି ମୂଲ୍ୟ ପ୍ରଦାନ କରାଯାଇଥାଏ ଓ ଅବଶିଷ୍ଟ ୧୨ ହଜାର ଟଙ୍କା ଏମ୍‌ପିଲାଡ୍ ଯୋଜନା / ରାଜ୍ୟ ସରକାର ଓ ବେଳେବେଳେ ଲାଭାର୍ଥୀଙ୍କ ଠାରୁ ଅଣାଯାଇଥାଏ। ଏଥିରେ ଗତ ତିନିବର୍ଷ ଭିତରେ ୩୬୩୯ ଜଣ ହିତାଧିକାରୀଙ୍କୁ ୯.୧୦ କୋଟି ଟଙ୍କା ବ୍ୟୟରେ ମୋଟରସାଇକେଲ୍ ପ୍ରଦାନ କରାଯାଇଛି। ଏଭଳି ସହାୟତା ଉପକରଣ ଯୋଗୁଁ ଦିବ୍ୟାଙ୍ଗମାନଙ୍କ ସ୍ୱୟଂକ୍ରିୟତା ଓ ଗତିଶୀଳତା ବୃଦ୍ଧି ପାଇଛି ଏବଂ ତାହାଦ୍ୱାରା ସେମାନଙ୍କ ସାମାଜିକ ଅଂଶଗ୍ରହଣ ପ୍ରୟାସକୁ ତ୍ୱରାନ୍ୱିତ କରାଯାଇପାରିଛି। ଅନ୍ୟପକ୍ଷରେ ଉପଯୁକ୍ତ ପ୍ରଯୁକ୍ତିବିଦ୍ୟା ଜନିତ ସହାୟତା ଉପକରଣ ଯୋଗାଇ ଦିବ୍ୟାଙ୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଓ ସମାଜରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ୧୯୯୦-୯୧ ମସିହାରେ ଏହି ଯୋଜନାଟିକୁ ଲାଗୁ କରାଯାଇଥିଲା। ଏହି ଯୋଜନା ଅଧିନରେ ସହାୟତା ଉପକରଣ ବିକଶିତ କରିବା ପାଇଁ ବିଭିନ୍ନ ଗବେଷଣା ଓ ବିକାଶ ପ୍ରକଳ୍ପଗୁଡ଼ିକୁ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଇଥିଲା। ଏହି ଯୋଜନାଟିକୁ ଆଇଆଇଟି, ଶିକ୍ଷାନୁଷ୍ଠାନ, ଗବେଷଣା ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀ ସଂଗଠନ ଆଦି ମାଧ୍ୟମରେ କାର୍ଯ୍ୟକାରୀ କରାଯାଇଥାଏ। ଏମାନଙ୍କୁ ଶତପ୍ରତିଶତ ଆର୍ଥିକ ସାହାଯ୍ୟ ଦିଆଯାଇଥାଏ। ପ୍ରକଳ୍ପ ଚିହ୍ନଟୀକରଣ ଓ କାର୍ଯ୍ୟ ପ୍ରଗତି ତଦାରଖ କରିବା ପାଇଁ ଚାରୋଟି ଟେକ୍ନିକାଲ୍ ପରାମର୍ଶଦାତା ଦଳ ଗଠନ କରାଯାଇଛି। ଏଗୁଡ଼ିକର କାର୍ଯ୍ୟ ହେଲା ଅସ୍ଥି, ଦୃଶ୍ୟଶକ୍ତି, ବାକ୍ ଓ ଶ୍ରବଣଶକ୍ତି ଏବଂ ମାନସିକ ଭାବେ ବାଧାପ୍ରାପ୍ତ ଦିବ୍ୟାଙ୍ଗଙ୍କ ପାଇଁ ଆବଶ୍ୟକ ସହାୟତା ଉପକରଣ ନିର୍ମାଣରେ ପ୍ରଗତିର ତଦାରଖ କରିବା।

**୨) ମାଧ୍ୟମିକ ସ୍ତରରେ ଦିବ୍ୟାଙ୍ଗଙ୍କ ସମାବେଶୀ ଶିକ୍ଷା (IEDSS)**

ସରକାରୀ, ସରକାରୀ ସହାୟତାପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ହାସଲ କରିବା ପାଇଁ ଦିବ୍ୟାଙ୍ଗମାନଙ୍କୁ ଏହି ଯୋଜନା ଅଧିନରେ ସହାୟତା ଦିଆଯାଇଥାଏ। ଏହି ଯୋଜନାରେ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ଏଭଳି ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସହାୟତା ଉପକରଣ, ପାଠ୍ୟପୁସ୍ତକ, ଗମନାଗମନ ସୁବିଧା, ଛାତ୍ରାବାସ ସୁବିଧା, ଛାତ୍ରବୃତ୍ତି, ସହାୟକ ପ୍ରଯୁକ୍ତିବିଦ୍ୟା ଆଦି ପ୍ରଦାନ କରି ସେମାନଙ୍କୁ ନିଜର ମାଧ୍ୟମିକ ଶିକ୍ଷା ସମାପ୍ତ କରିବା ପାଇଁ ପ୍ରୋତ୍ସାହିତ କରାଯାଇଥାଏ। ଉଚ୍ଚଶିକ୍ଷା ହାସଲ ପାଇଁ ମଧ୍ୟ ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ଛାତ୍ରବୃତ୍ତି ଦିଆଯାଇଥାଏ। ଏହାଦ୍ୱାରା ଦିବ୍ୟାଙ୍ଗମାନଙ୍କ ସଶକ୍ତିକରଣ ସମ୍ଭବ ହୁଏ ଓ ସେମାନଙ୍କ ଅନ୍ତର୍ଭୁକ୍ତୀକରଣ ପାଇଁ ପଥ ପରିଷ୍କାର ହୋଇଥାଏ।

**୩) ସୁଗମ ଭାରତ ଅଭିଯାନ**

ବିଭିନ୍ନ କୋଠାବାଡ଼ି, ଗମନାଗମନ ଓ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ଦିବ୍ୟାଙ୍ଗମାନଙ୍କ ପାଇଁ ଅନୁକୂଳ ବ୍ୟବସ୍ଥା ସୃଷ୍ଟି ସକାଶେ ପ୍ରଧାନମନ୍ତ୍ରୀ ଏହି ଯୋଜନାଟିକୁ ୨୦୧୫ ମସିହା ଡିସେମ୍ବର ୩ ତାରିଖ ଦିନ ଶୁଭାରମ୍ଭ କରିଥିଲେ। ଏହି

ଅଭିଯାନଟିର ମୂଳ ଭିତ୍ତି ହେଲା ଯେ ବ୍ୟକ୍ତିବିଶେଷଙ୍କ ଶାରୀରିକ ଓ ମାନସିକ ଅକ୍ଷମତା ସୃଷ୍ଟିହୁଏ ସମାଜର ସାଂଗଠନିକ ବ୍ୟବସ୍ଥା ଦ୍ୱାରା, ସମ୍ପୃକ୍ତ ଦିବ୍ୟାଙ୍ଗଙ୍କ ଦୁର୍ବଳ କିମ୍ବା ସୀମିତ ଅଙ୍ଗପ୍ରତ୍ୟଙ୍ଗ ପାଇଁ ନୁହଁ। ଏଥିପାଇଁ କୋଠାବାଡ଼ି ନିର୍ମାଣ କରୁଥିବା ବ୍ୟକ୍ତିବିଶେଷଙ୍କ ସମେତ ଅନ୍ୟମାନଙ୍କୁ ମଧ୍ୟ ଏହି ଦିଗରେ ସଚେତନ କରାଯାଉଛି। ଏକ ୱେବ୍ ପୋର୍ଟାଲ୍ ମଧ୍ୟ ସୃଷ୍ଟି କରାଯାଇଛି, ଯାହା ମାଧ୍ୟମରେ ଜନସାଧାରଣ ମଧ୍ୟ ଯେକୌଣସି କୋଠାରେ ଦିବ୍ୟାଙ୍ଗଙ୍କ ସୁଗମତା ପାଇଁ ଆବଶ୍ୟକ ସୁବିଧା ସମ୍ପର୍କରେ ନିଜର ସୁଚିନ୍ତିତ ମତାମତ ଓ ଚିତ୍ର ଉପସ୍ଥାପନ କରିପାରିବେ।

**୪) ଦିବ୍ୟାଙ୍ଗଙ୍କ ପାଇଁ ଯୋଜନା କାର୍ଯ୍ୟକାରିତା ଅଧିନିୟମ (SIPDA)**

ଏହା ଏକ ବିସ୍ତାରିତ ଯୋଜନା, ଯାହା ଅଧିନରେ ଦିବ୍ୟାଙ୍ଗମାନଙ୍କ କୌଶଳ ବିକାଶ ଓ ସେମାନଙ୍କ ପାଇଁ ବାଧାମୁକ୍ତ ବାତାବରଣ ସୃଷ୍ଟି କରିବା ଆଦି ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ। ଦିବ୍ୟାଙ୍ଗ ଅଧିନିୟମର ଧାରା ୪୬ରେ ଗୁରୁତ୍ୱପୂର୍ଣ୍ଣ ସରକାରୀ କୋଠାବାଡ଼ିରେ ବାଧାମୁକ୍ତ ବ୍ୟବସ୍ଥା ସୃଷ୍ଟି ପାଇଁ ନିର୍ଦ୍ଧାରିତ କରାଯାଇଛି। ର୍ୟାମ୍ପ, ଲିଫ୍ଟ, ହ୍ୱିଲ୍ ଚେୟାର ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ପାଇଁ ସୁବିଧାଯୁକ୍ତ ଶୌଚାଳୟ, ବ୍ରେଲ୍‌ଲିପି, ଶ୍ରବଣ ସଙ୍କେତ, ସ୍ପର୍ଶ ଅନୁକୂଳ ଚଟାଣ ନିର୍ମାଣ ଆଦି ସୁବିଧା ସୃଷ୍ଟି ହେଉଛି ଏହି ଅଧିନିୟମର ଉଦ୍ଦେଶ୍ୟ।

**୫) ଦୀନଦୟାଲ୍ ଦିବ୍ୟାଙ୍ଗ ଥଇଥାନ ଯୋଜନା**

ଏହି ଯୋଜନାରେ ଦିବ୍ୟାଙ୍ଗଙ୍କ ଥଇଥାନ ପାଇଁ କାର୍ଯ୍ୟ କରୁଥିବା ବେସରକାରୀ ସଂଗଠନଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ। ଥଇଥାନର ଅର୍ଥ ହେଲା ଯେ, ଦିବ୍ୟାଙ୍ଗମାନଙ୍କ ଶାରିରୀକ, ଇନ୍ଦ୍ରିୟଜନିତ, ବୌଦ୍ଧିକ, ମନସ୍ତାତ୍ତ୍ୱିକ ଓ ସାମାଜିକ କ୍ଷମତାର ଯଥା ସମ୍ଭବ ବିକାଶ ହୋଇପାରୁଥିବ।

୬) ସୂଚନା ଓ ପ୍ରଯୁକ୍ତି ବିଦ୍ୟା

ସହରଗୁଡ଼ିକରେ ଦିବ୍ୟାଙ୍ଗ ଅନୁକୂଳ ସାଧାରଣ ସୁବିଧା ସମ୍ପର୍କରେ ସୂଚନା ଦେବା ପାଇଁ ଏକ ମୋବାଇଲ୍ ଆପ୍ ବିକଶିତ କରାଯିବ। ମୋବାଇଲ୍‌ଗୁଡ଼ିକୁ ଦିବ୍ୟାଙ୍ଗଙ୍କ ପାଇଁ ବେଶ୍ ଉପାଦେୟ ହୋଇପାରିଛି। କମ୍ପ୍ୟୁଟରରେ କଥନ ଚିହ୍ନଟୀକରଣ ପାଇଁ ବ୍ୟବସ୍ଥା କରାଯାଉଛି। ଏଟିଏମ୍, ବ୍ୟାଙ୍କ୍, ମଲ୍, ଶୌଚାଳୟ ଆଦି ସମ୍ପର୍କରେ ଏଥିରେ ସୂଚନା ଦିଆଯିବାର ପରିକଳ୍ପନା କରାଯାଇଛି। ଦୃଷ୍ଟିବାଧିତ ଦିବ୍ୟାଙ୍ଗଙ୍କ ପାଇଁ ଟେଲିଭିଜନ୍‌ରେ ସେଟ୍‌ଟପ୍ ବକ୍ସ ଖଞ୍ଜିବା ପାଇଁ ସରକାର ବିଚାର କରୁଛନ୍ତି। ବର୍ତ୍ତମାନ ପ୍ରତିକାତ୍ମକ ଭାଷାରେ କେବଳ ଗୋଟିଏ ସମାଚାର ବୁଲେଟିନ୍ ପ୍ରସାରିତ ହେଉଛି। ଏହାକୁ ବୃଦ୍ଧି କରିବା ପାଇଁ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ



ପ୍ରତ୍ୟେକ ବର୍ଷ ୨୦୦ ଜଣ ବ୍ୟକ୍ତିଙ୍କୁ ପ୍ରତୀକ ଭାଷାରେ ପ୍ରଶିକ୍ଷଣ ଦିଆଯିବାର ପରିକଳ୍ପନା କରାଯାଇଛି। ଦୂରଦର୍ଶନର ୨୫ ପ୍ରତିଶତ କାର୍ଯ୍ୟକ୍ରମରେ ପ୍ରତୀକ ଭାଷାର ଉପଯୋଗ କରାଯାଇ ଦିବ୍ୟାଙ୍ଗମାନଙ୍କ ପାଇଁ ଟେଲିଭିଜନକୁ ଅଧିକ ଅନୁକୂଳ କରାଯିବାର ଚିନ୍ତା କରାଯାଇଛି। ଏତଦ୍‌ବ୍ୟତୀତ ସରକାରୀ ୱେବ୍‌ସାଇଟ୍‌ର ବିଷୟବସ୍ତୁକୁ ଦୃଷ୍ଟିବାଧିତଙ୍କ ସୁବିଧା ପାଇଁ ଟେକ୍ସ୍ଟ ଟୁ ସ୍ପିଚ୍ ମୋଡ୍‌କୁ ଅଣାଯିବାର ବିଚାର କରାଯାଉଛି।

**୭) ସଚେତନତା ସୃଷ୍ଟି ଓ ପ୍ରଚାର ଯୋଜନା**

ଦିବ୍ୟାଙ୍ଗମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମ ଜରିଆରେ ଜନସଚେତନତା ସୃଷ୍ଟି ସକାଶେ ଏହି ଯୋଜନାଟିକୁ ୨୦୧୪ ମସିହାରେ ଆରମ୍ଭ କରାଯାଇଥିଲା। ଏହାଦ୍ୱାରା ସେମାନଙ୍କ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି ସମେତ ସେମାନଙ୍କ ଆଇନଗତ ଅଧିକାର ପ୍ରତି ଜନସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି। ଏତଦ୍‌ବ୍ୟତୀତ ଦିବ୍ୟାଙ୍ଗମାନଙ୍କ ବିଶେଷ ଆବଶ୍ୟକତା ପ୍ରତି ମଧ୍ୟ ନିଯୁକ୍ତି ପ୍ରଦାନକାରୀଙ୍କ ଠାରେ ସମ୍ବେଦନଶୀଳତା ସୃଷ୍ଟି ପାଇଁ ପ୍ରୟାସ କରାଯାଉଛି।

**ଉପସଂହାର:**

ଦିବ୍ୟାଙ୍ଗମାନଙ୍କ ଜୀବନର ମାନରେ ଉନ୍ନତି ଆଣିବା ପାଇଁ ସେମାନଙ୍କ ସାମାଜିକ ଅନ୍ତର୍ଭୁକ୍ତୀକରଣ ଅତ୍ୟାବଶ୍ୟକ। ଏହା ଏକ ଲଗାତାର ପ୍ରକ୍ରିୟା ଏବଂ ଏକ ଫଳାଫଳ ମଧ୍ୟ। ସାମାଜିକ ଅନ୍ତର୍ଭୁକ୍ତୀକରଣ ଚାରୋଟି ସ୍ତରରେ କାର୍ଯ୍ୟକାରୀ ହୁଏ-

(୧) ବ୍ୟକ୍ତି ସ୍ତରରେ- ଏଥିରେ ସମ୍ପୃକ୍ତ ବ୍ୟକ୍ତିବିଶେଷ ଆତ୍ମସମ୍ମାନ ହାସଲ କରି ଜୀବନ



ପ୍ରକ୍ରିୟାରେ ଅଂଶଗ୍ରହଣ କରିବାର ଆଗ୍ରହ ଦେଖାଏ।

(୨) ପାରିବାରିକ ସ୍ତରରେ- ଏଥିରେ ଦିବ୍ୟାଙ୍ଗମାନଙ୍କ ସାମାଜିକ ଥଇଥାନ ପାଇଁ ସମ୍ପୃକ୍ତ ପରିବାରକୁ ଆବଶ୍ୟକ ମାର୍ଗଦର୍ଶନ ଓ ସହାୟତା ଦିଆଯାଏ।

(୩) ଗୋଷ୍ଠୀ ସ୍ତରରେ- ଏଥିରେ ସଚେତନତା ସୃଷ୍ଟି ଉପରେ ଧ୍ୟାନ ଦିଆଯାଇଥାଏ ଓ ଦିବ୍ୟାଙ୍ଗମାନଙ୍କ ପ୍ରତି ସାମାଜିକ ସହାୟତା ବୃଦ୍ଧି ପାଇଁ ପ୍ରୟାସ କରାଯାଇଥାଏ।

(୪) ସାମାଜିକ ନୀତି ସ୍ତରରେ- ଏଥିରେ ଉଭୟ ଜାତୀୟ ଓ ସ୍ଥାନୀୟ ସ୍ତରରେ ଦିବ୍ୟାଙ୍ଗମାନଙ୍କ ସାମାଜିକ ଅନ୍ତର୍ଭୁକ୍ତୀକରଣ ଓ ସମାନ ସାମାଜିକ ଅଧିକାର ପାଇଁ ଆବଶ୍ୟକ ନୀତି ପ୍ରଣୟନ ଓ ସେଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଏ।

ଅବଶ୍ୟ ଶିକ୍ଷା ଓ ସାମାଜିକ-ଆର୍ଥିକ ସମାବେଶୀକରଣ ମାଧ୍ୟମରେ ମଧ୍ୟ ସାମାଜିକ ସଶକ୍ତିକରଣ କରାଯାଇପାରେ। ତେବେ ସାମାଜିକ ନୀତି ନିର୍ଦ୍ଧାରଣ ଜରିଆରେ ସେମାନଙ୍କ ପାଇଁ ଆବଶ୍ୟକ ଉପକରଣ, ଉପାୟ ଓ ଦୃଷ୍ଟିଭଙ୍ଗୀ ଉପରେ ଗୁରୁତ୍ୱ ଦିଆଯାଇ ଦିବ୍ୟାଙ୍ଗମାନଙ୍କ ସାମାଜିକ ସମାବେଶୀକରଣକୁ ସୁନିଶ୍ଚିତ କରାଯାଇଥାଏ। ତେଣୁ ସାମାଜିକ ନୀତି ଓ ସୁବିଧାସୁଯୋଗଗୁଡ଼ିକୁ ଦିବ୍ୟାଙ୍ଗମାନଙ୍କ ସଶକ୍ତିକରଣ ପାଇଁ ଉପଯୁକ୍ତ ଉପକରଣ ଭାବେ ବିବେଚନା କରାଯାଇପାରେ।

ଲେଖିକା ହେଉଛନ୍ତି ଜଣେ ଶିକ୍ଷାବିତ୍।

ବିଶେଷ ପ୍ରସଙ୍ଗ

# ଆର୍ଥିକ ସଂପୃକ୍ତି ମାଧ୍ୟମରେ ଦୁର୍ବଳବର୍ଗଙ୍କ ସଶକ୍ତିକରଣ

ଡା. ମୁନିରାଜୁ

ସମାଜର ଦୁର୍ବଳବର୍ଗଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ସହିତ ସେମାନଙ୍କ ସାମାଜିକ, ଆର୍ଥିକ ବିକାଶ ଏବଂ ଅନ୍ୟମାନଙ୍କ ଭଳି ସମସ୍ତ ସୁବିଧା ସୁଯୋଗ ସମାନ ଭାବେ ଯୋଗାଇଦେବାକୁ ଦେଶର ସମ୍ବିଧାନ ପ୍ରଣେତାମାନେ ଆବଶ୍ୟକ ବ୍ୟବସ୍ଥା କରିଯାଇଛନ୍ତି। ସମ୍ବିଧାନରେ ଏହି ବର୍ଗଙ୍କ ପାଇଁ ମଧ୍ୟ କିଛି ସ୍ୱତନ୍ତ୍ର ଓ ବିଶେଷ ସୁବିଧା ସୁଯୋଗ ଯୋଗାଣକୁ ଅନିବାର୍ଯ୍ୟ କରାଯାଇଛି। ତଦନୁସାରେ ବିଭିନ୍ନ ସରକାର ଏହି ସବୁ ବର୍ଗଙ୍କ ଉତ୍‌ଥାନ ପାଇଁ ନାନାବିଧ ସାମାଜିକ, ଆର୍ଥିକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଆସୁଛନ୍ତି। ସେମାନଙ୍କୁ ସଶକ୍ତ ଓ ସମର୍ଥ କରି ସମାଜର ଅନ୍ୟବର୍ଗଙ୍କ ସମକକ୍ଷ କରିବାକୁ ଏହି ସବୁ ଯୋଜନା ଓ କାର୍ଯ୍ୟକ୍ରମ ମାଧ୍ୟମରେ ଉଦ୍ୟମ ଅବ୍ୟାହତ ରହିଛି। ସମାଜର ଶେଷ ଦୁର୍ବଳ ବ୍ୟକ୍ତିଟିକୁ ସାମାଜିକ ଓ ଆର୍ଥିକ ସୁରକ୍ଷା ଯୋଗାଇ ଦେବା ଉଦ୍ଦେଶ୍ୟରେ ବିଭିନ୍ନ ସମୟରେ ସରକାର ମଧ୍ୟ ସମ୍ବିଧାନରେ ଆବଶ୍ୟକ ସଂଶୋଧନ କରୁଛନ୍ତି।

ଏଥିପାଇଁ ପ୍ରାରମ୍ଭିକ ପଦକ୍ଷେପ ସ୍ୱରୂପ ସରକାର ବ୍ୟାଙ୍କ ସମୂହକୁ ଜାତୀୟକରଣ କରିବା ସହିତ ଅଗ୍ରାଧିକାର କ୍ଷେତ୍ର ଋଣ ଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିଛନ୍ତି। ସରକାରୀ ଯୋଜନାର ରୂପାୟନ ପାଇଁ ଆବଶ୍ୟକ ଅର୍ଥ ଯୋଗାଇଦେବାକୁ ଲିଡ୍ (ଅଗ୍ରଣୀ)ବ୍ୟାଙ୍କ ଯୋଜନା କାର୍ଯ୍ୟକାରୀ ହୋଇଛି। ଗ୍ରାମାଞ୍ଚଳ ଲୋକଙ୍କୁ ସେମାନଙ୍କ ଘର ପାଖରେ ବ୍ୟାଙ୍କ ସୁବିଧା ଯୋଗାଇ ଦେବାକୁ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କମାନ ଗଠନ କରାଯାଇଛି। ସ୍ୱୟଂସହାୟକ ଗୋଷ୍ଠୀ ଓ ବ୍ୟାଙ୍କ ମଧ୍ୟରେ ସଂଯୋଗ ସ୍ଥାପନ କରାଯାଇ ଅଭାବୀ ଲୋକଙ୍କ ପାଇଁ ଉପାର୍ଜନ ସୁଯୋଗ ପ୍ରଦାନର ଏକ ମଞ୍ଚ ପ୍ରସ୍ତୁତ ହୋଇଛି। ଏହା ଫଳରେ ଅଧିକରୁ ଅଧିକ ଗରିବ ଲୋକ ଉପକୃତ ହେଉଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇ ଅତି ଗରିବ ଓ ବଞ୍ଚିତ ବର୍ଗର ଲୋକଙ୍କୁ ଆର୍ଥିକ ସମାବେଶୀ ପ୍ରକ୍ରିୟାରେ ସାମିଲ ହେବାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି।

ଆର୍ଥିକ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହେଲେ ସଂପୃକ୍ତ ଜନଗୋଷ୍ଠୀ ବା ବର୍ଗର ରୋଜଗାର ଏବଂ ଆର୍ଥିକ ଦକ୍ଷତା ବୃଦ୍ଧି ପାଇଁ ଏକ ସୁଯୋଗ ସୃଷ୍ଟି ହୁଏ। ସେଥିପାଇଁ ସରକାର ଓ ଆର୍ଥିକ ଦୃଷ୍ଟିରୁ ଅତି ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ସ୍ୱଳ୍ପ ସୁଧରେ ଋଣ ଯୋଗାଣ ବ୍ୟବସ୍ଥା କରିଛନ୍ତି। ଏହି ଋଣ ନେଇ ଏହି ବର୍ଗର ଆଗ୍ରହୀ ବ୍ୟକ୍ତି ବିଶେଷ ନିଜର ଧନ୍ଦା ବା ରୋଜଗାର ବାଟ ତିଆରି କରିବାର ସୁଯୋଗ ପାଉଛନ୍ତି। ସରକାର, ରିଜର୍ଭ ବ୍ୟାଙ୍କ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ସୂଚୀଭୁକ୍ତ ବ୍ୟାଙ୍କ ଏବଂ କ୍ଷୁଦ୍ର ଅର୍ଥ ଲଗାଣକାରୀ ସଂସ୍ଥାମାନେ ଏହି ଆର୍ଥିକ ସମାବେଶୀ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ଆର୍ଥିକ ସମାବେଶୀ ପ୍ରକ୍ରିୟାରେ ସଂପୃକ୍ତ ଦୁର୍ବଳ ବର୍ଗଙ୍କର ନାନାଦି ସମସ୍ୟା ଥାଏ। ତାହାର ଦୂରୀକରଣ ସହିତ ସେମାନଙ୍କର ଯୋଗାଣ ଚାହିଦା ଜନିତ ସମସ୍ୟାର ସମାଧାନ କରିବାକୁ ହୋଇଥାଏ। ତା' ନ ହେଲେ ଆର୍ଥିକ ସମାବେଶୀ ପ୍ରକ୍ରିୟାର ଅସଲ ଉଦ୍ଦେଶ୍ୟ ସାଧିତ ହୋଇ ନ ଥାଏ। ତାହାକୁ ଦୃଷ୍ଟିରେ ରଖି ବ୍ୟାଙ୍କ ଓ ବିତ୍ତୀୟ ଅନୁଷ୍ଠାନ ସକଳ କାର୍ଯ୍ୟ କରୁଛନ୍ତି।




ବିଶ୍ୱରେ ସବୁ ଦେଶ ଏବେ ଆର୍ଥିକ ସମାବେଶୀ ପ୍ରକ୍ରିୟାକୁ ଅଗ୍ରାଧିକାର ଦେଉଛନ୍ତି। ଆର୍ଥିକ ସମାବେଶର ଅର୍ଥ ଧନୀ ନିର୍ଦ୍ଧନ ନିର୍ବିଶେଷରେ ସମସ୍ତଙ୍କୁ ଆର୍ଥିକ ବ୍ୟବସ୍ଥାରେ ଯୋଡ଼ି ଏହାର ଲାଭ ଯୋଗାଇ ଦେବା ଓ ସମସ୍ତଙ୍କୁ ସମୃଦ୍ଧ କରିବା। ଏହି ବ୍ୟବସ୍ଥାରେ ଅଭିବୃଦ୍ଧିର ଲାଭ ସମସ୍ତଙ୍କୁ ମିଳିଥାଏ ଏବଂ ସବୁ ନାଗରିକ ରୋଜଗାରର ମାଧ୍ୟମ ପାଇବା ସହ ଜାତୀୟ ଅଭିବୃଦ୍ଧି ଧାରା ତ୍ୱରାନ୍ୱିତ ହୋଇଥାଏ। ଭାରତ ସରକାର ଏହି ଆର୍ଥିକ ଅନ୍ତର୍ଭୁକ୍ତି ବା ସମାବେଶୀ ପ୍ରକ୍ରିୟାକୁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଦେଶର ବହୁ ଲୋକ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥା ବାହାରେ ରହୁଛନ୍ତି। ଏହା ଫଳରେ ସେମାନେ ବିଭିନ୍ନ ସରକାରୀ ସୁବିଧା ଓ ପ୍ରୋତ୍ସାହନର ଲାଭ ଉଠାଇବାରେ ବିଫଳ ହେଉଛନ୍ତି। ତାହାକୁ ଦୃଷ୍ଟିରେ ରଖି ସରକାର ଆର୍ଥିକ ସମାବେଶୀ ପ୍ରକ୍ରିୟାକୁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଦେଶର ସବୁ ୬, ୪୯,୪୮୧ ଗାଁକୁ ବ୍ୟାଙ୍କ ସେବା ଯୋଗାଇ ଦେବାକୁ କାର୍ଯ୍ୟ ଚାଲିଛି ଏବଂ ଏହି କାର୍ଯ୍ୟ ଶେଷ ହେଲେ ଆର୍ଥିକ ସମାବେଶୀ ପ୍ରକ୍ରିୟା ବିଶେଷ ତ୍ୱରାନ୍ୱିତ ହୋଇପାରିବ।

**ପ୍ରତିବନ୍ଧକ:**

ଭାରତରେ ଆର୍ଥିକ ସମାବେଶୀ ପ୍ରକ୍ରିୟା ବିଭିନ୍ନ ପ୍ରତିବନ୍ଧକର ସମ୍ମୁଖୀନ। ବିଭିନ୍ନ ଗବେଷଣାତ୍ମକ ତଥ୍ୟ ଅନୁସାରେ ଏକାଧିକ ଆଇନ, ନୀତି ନିର୍ଦ୍ଧାରକଙ୍କ ଐକାନ୍ତିକ ଚେଷ୍ଟା, ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ, ଲିଡ୍ ବ୍ୟାଙ୍କ ସମୂହଙ୍କ ସ୍କିମ୍ ଓ ଅମ୍ବୁଡ୍ସମ୍ୟାନ୍ ନିଯୁକ୍ତି ସତ୍ତ୍ୱେ ଏହି ଆର୍ଥିକ ସମାବେଶୀ ପ୍ରକ୍ରିୟା ନାନା ପ୍ରକାର ପ୍ରତିବନ୍ଧକ ଯୋଗୁଁ ଆଗେଇ ପାରୁନାହିଁ। ଫଳରେ ସାରା ଦେଶରେ ଆର୍ଥିକ ଅନ୍ତର୍ଭୁକ୍ତି ବା ସମାବେଶୀ ପ୍ରକ୍ରିୟାରେ ସବୁ ଲୋକ ସାମିଲ ହୋଇପାରୁନାହାନ୍ତି।

ବିଶେଷଜ୍ଞ ଭାରତୀ ଡି.ବିଙ୍କ ମତରେ ଚାହିଦା ପାର୍ଶ୍ୱରୁ ଦେଖିଲେ ଯେଉଁମାନେ ସ୍ୱଳ୍ପଆୟକାରୀ, ଗରିବ, ନିରକ୍ଷର, ଅସଚେତନ ସେମାନେ ଆର୍ଥିକ ସମାବେଶୀ ବ୍ୟବସ୍ଥାର ବାହାରେ ଅଧିକ ରହୁଛନ୍ତି। ସେହିଭଳି ଯୋଗାଣ ଦୃଷ୍ଟିରୁ ଦେଖିଲେ ବ୍ୟାଙ୍କ ଶାଖାର ସୁଲଭତା ଓ ପହଞ୍ଚ ସୁବିଧା, ସମୟ, ଜଟିଳ କାଗଜପତ୍ର କାମ, ପଦ୍ଧତିଗତ ବ୍ୟବସ୍ଥା, ବ୍ୟାଙ୍କ କର୍ମଚାରୀଙ୍କ ମନୋଭାବ, ଭାଷା ଆଦି ଏ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛି।

ରଂଜିନୀ ଓ ବାପଟଙ୍କ ଭଳି ଗବେଷକ ବିଶେଷଜ୍ଞଙ୍କ ଅନୁସାରେ କାଗଜପତ୍ର ପ୍ରସ୍ତୁତିରେ ଜଟିଳତା, ଋଣ ମଂଜୁରୀ ପଦ୍ଧତି, ଜଟିଳ ଋଣ ପରିଶୋଧ ନୀତି, ଆବଶ୍ୟକତା ପୂରଣ କରିବାର ଅସାମର୍ଥ୍ୟ, କ୍ଷୁଦ୍ର ଋଣ ପାଇଁ ବ୍ୟାଙ୍କର ଦ୍ୱାରସ୍ଥ ହେବାରେ କୁଣ୍ଠା ଆଦି ଆର୍ଥିକ ସମାବେଶୀ ପ୍ରକ୍ରିୟା କ୍ଷେତ୍ରରେ ବାଧକ ସାଜିଛି।

ବିଶେଷଜ୍ଞ ଚରଣ ସିଂହଙ୍କ ମତରେ ରିଜର୍ଭ ବ୍ୟାଙ୍କ ଓ ଭାରତ ସରକାରଙ୍କ ବିଭିନ୍ନ ପ୍ରକାର ବ୍ୟବସ୍ଥା ସତ୍ତ୍ୱେ ଏ କ୍ଷେତ୍ରରେ ଏଯାଏ ସନ୍ତୋଷଜନକ ଫଳ ମିଳିନାହିଁ। ଏ କ୍ଷେତ୍ରର ପ୍ରତିବନ୍ଧକକୁ ସେ ମୁଖ୍ୟତଃ ଦୁଇ ଭାଗରେ ୧) ଗ୍ରାହକ ସମ୍ପର୍କିତ ଓ ୨) ବୈଷୟିକଗତ ଭାବେ ବିଭକ୍ତ କରିଛନ୍ତି। ଆର୍ଥିକ ସାକ୍ଷରତା, ମୋବାଇଲ ନମ୍ବର ପଂଜୀକରଣ ଓ ପିନ୍ ନମ୍ବର ଜେନେରେସନ ଆଦିକୁ ସେ ଗ୍ରାହକଙ୍କ ପାଇଁ ପ୍ରମୁଖ ପ୍ରତିବନ୍ଧକ ଭାବେ ଦର୍ଶାଇଛନ୍ତି। ବ୍ୟାଙ୍କରେ ପହଞ୍ଚି ସେବା ଦେବାର ମାଧ୍ୟମ (ଆକ୍ସେସ୍ ଚାନେଲ), ମୋବାଇଲ ସେବା ପ୍ରଦାନକାରୀଙ୍କ ସହ ସମନ୍ୱୟ ଏ କ୍ଷେତ୍ରରେ ବ୍ୟାଙ୍କ ସମୂହଙ୍କ ପାଇଁ ପ୍ରତିବନ୍ଧକ ହୋଇଛି। ଆର୍ଥିକ ସେବା ପ୍ରଦାନର ସୀମିତ ସୁବିଧା, ବିଜ୍‌ନେସ୍ କରେସ୍‌ପଣ୍ଡେଣ୍ଟ ବା ବ୍ୟାବସାୟିକ ପ୍ରତିନିଧିଙ୍କ ଦକ୍ଷତାର ଅଭାବ ମଧ୍ୟ ଆର୍ଥିକ ସମାବେଶୀ ପ୍ରକ୍ରିୟାର ସୁଫଳ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିଛି।

ରାଜୀବ ଗୁପ୍ତା ଓ ସଚିନ୍ଦ୍ର ଜି.ଆର୍‌ଙ୍କ ମତରେ ନାମକୁମାତ୍ର ଚାଷୀ, ଭୂମିହୀନ ଶ୍ରମିକ, ମୌଖିକ ପଟ୍ଟାଦାର, ଆତ୍ମନିଯୁକ୍ତ ବ୍ୟକ୍ତିବିଶେଷ, ଅସଂଗଠିତ କ୍ଷେତ୍ରର ଉଦ୍ୟୋଗୀ, ସହରାଞ୍ଚଳ ବସ୍ତି ବାସିନ୍ଦା, ବହିରାଗତ ଲୋକ କିମ୍ବା ବିଭିନ୍ନ ଜାତି ଓ ସଂପ୍ରଦାୟର ସଂଖ୍ୟାଲଘୁ, ସାମାଜିକ ସ୍ତରରେ ବଞ୍ଚିତ ଓ ଅବହେଳିତ, ବରିଷ୍ଠ ନାଗରିକ ଓ ମହିଳା ଆର୍ଥିକ ସମାବେଶୀ ପ୍ରକ୍ରିୟାର ବାହାରେ ଅଧିକ ସଂଖ୍ୟାରେ ରହୁଛନ୍ତି। ସେମାନଙ୍କ ପାଇଁ ଏଜେଣ୍ଟ ଓ ଭେଣ୍ଡର ସଂକଟ, ଦୈନିକ ଆବଶ୍ୟକତା ପୂରଣଭିତ୍ତିକ ଖର୍ଚ୍ଚ କରିବା ଶୈଳୀ, ସୁପ୍ତ ବ୍ୟାଙ୍କଖାତା, ସଚେତନତାର ଅଭାବ, ସୀମିତ ଭିତ୍ତିଭୂମି, ସ୍ୱଳ୍ପ ସାକ୍ଷରତା ହାର, ସଂଚୟ ଅଭ୍ୟାସର ଅଭାବ, ଋଣ ଅସୁଲି ଜନିତ ପ୍ରସଙ୍ଗ, ଅଳ୍ପ କାରବାର ପାଇଁ ଅଧିକ ଖର୍ଚ୍ଚ ଏବଂ ସ୍ଥିରତା ପ୍ରମୁଖ ପ୍ରତିବନ୍ଧକ ପାଲଟିଛି।

ଆଶୁତୋଷଙ୍କ ମତ ହେଲା ଯେ ଗ୍ରାମାଞ୍ଚଳର

ବ୍ୟାଙ୍କ ଶାଖାଗୁଡ଼ିକ ଅଧିକ ପରିଚାଳନାଗତ ଖର୍ଚ୍ଚ ଯୋଗୁଁ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନୁହଁନ୍ତି। ତେଣୁ ସେମାନେ ଗ୍ରାମାଞ୍ଚଳରେ ବିଜ୍‌ନେସ୍ କରେସପଣ୍ଡେଣ୍ଟମାନଙ୍କର ସେବା ବିଶେଷ ଉପଯୋଗ କରୁ ନାହାନ୍ତି। ଗ୍ରାମାଞ୍ଚଳ ଲୋକେ ପାରମ୍ପରିକଭାବେ ଅଣଆନୁଷ୍ଠାନିକ ଉତ୍ସରୁ ଋଣ ନେଇ ନିଜର ଆବଶ୍ୟକତା ପୂରଣ କରିବାକୁ ଅଧିକ ପସନ୍ଦ କରିଥାନ୍ତି। ଏହି ସାହୁକାର ଭିତ୍ତିକ ସୁଧ କାରବାରର ସର୍ତ୍ତ ଗାଁ ଲୋକଙ୍କୁ ବ୍ୟାଙ୍କ ତୁଳନାରେ ଅଧିକ ସୁହାଇଥାଏ। ବ୍ୟାଙ୍କ ଓ ଆର୍ଥିକ ସେବା ବ୍ୟବସ୍ଥା ଏକାଧିକ ଋଣ ଯୋଗାଣର ସୁବିଧା ଯୋଗାଉଥିଲେ ମଧ୍ୟ ସଚେତନତାର ଅଭାବ ଯୋଗୁଁ ଲୋକେ ଏହାର ଲାଭ ଉଠାଇ ପାରୁନାହାନ୍ତି।

ଆଉ ଜଣେ ବିଶେଷଜ୍ଞ ଏସ୍.କେ ରାଓଙ୍କ ମତରେ ସମାବେଶୀ ଅଭିବୃଦ୍ଧି ୧୯୬୯ର ବ୍ୟାଙ୍କ ଜାତୀୟକରଣର ଏକ ଫଳ। ସେ ନିଜର ଯୁକ୍ତିର ଯଥାର୍ଥତା ପ୍ରତିପାଦନ କରିବାକୁ ଯାଇ ଦର୍ଶାଇଛନ୍ତି ଯେ ବ୍ୟାଙ୍କ ଜାତୀୟକରଣ ପରେ ଦେଶର ଗ୍ରାମାଞ୍ଚଳରେ ବ୍ୟାଙ୍କ ସେବାର ପ୍ରସାର ଘଟିଥିଲା। ଏବେ ଗ୍ରାମାଞ୍ଚଳରେ ବ୍ୟାଙ୍କ ସେବାର ବ୍ୟାପକ ପ୍ରସାର ସତ୍ତ୍ୱେ ଆର୍ଥିକ ସମାବେଶୀ ବ୍ୟବସ୍ଥା ସନ୍ତୋଷଜନକ ନ'ହେବା ପଛରେ ବିଭିନ୍ନ ପ୍ରତିବନ୍ଧକକୁ ସ୍ୱୀକାର କରିଛନ୍ତି। ସେସବୁର ସମାଧାନ ପୂର୍ବକ ବ୍ୟାଙ୍କ ଓ ଗ୍ରାହକଙ୍କ ମଧ୍ୟରେ ନୂଆ ଯୋଗାଯୋଗ ବ୍ୟବସ୍ଥା ପ୍ରତିଷ୍ଠା ଉପରେ ସେ ଗୁରୁତ୍ୱ ଦେଇଛନ୍ତି।

ଏସ୍.ଏନ୍ ବଡ଼ଜେନା ଓ ପ୍ରଫେସର ଏଚ୍ ଗୁଣ୍ଡିମେଡାଙ୍କ ଏ ସଂକ୍ରାନ୍ତ ଅନୁଧ୍ୟାନର ତଥ୍ୟ ଅନୁସାରେ ଗ୍ରାମାଞ୍ଚଳରେ ବ୍ୟାଙ୍କ ସେବାର ବ୍ୟାପକ ପ୍ରସାର ସତ୍ତ୍ୱେ ଏହା ସମ୍ପୃକ୍ତ ଜନସଂଖ୍ୟାର ଏକ ବଡ଼ ଭାଗକୁ ଏଯାଏ ଆର୍ଥିକ ସେବା ଯୋଗାଣରେ ସଫଳ ହୋଇପାରିନାହିଁ। ସ୍ୱୟଂସହାୟକ ଗୋଷ୍ଠୀଙ୍କ ଉଲ୍ଲେଖନୀୟ କାର୍ଯ୍ୟ ସତ୍ତ୍ୱେ ଏହି ପ୍ରକ୍ରିୟା ବିଶେଷ ଜନାଦୃତି ଲାଭ କରିପାରି ନ ଥିବା ସେମାନେ କହିଛନ୍ତି।

**ସାଂପ୍ରତିକ ଦୃଶ୍ୟପଟ:**

ଆର୍ଥିକ ସମାବେଶୀ ପ୍ରକ୍ରିୟାର ବହୁବିଧ ସମସ୍ୟାକୁ ସରକାର ଇତିମଧ୍ୟରେ ଚିହ୍ନଟ କରିସାରିଛନ୍ତି। ଗତ ପାଞ୍ଚବର୍ଷ ମଧ୍ୟରେ ଆମେ ସାମାଜିକ ଓ ଆର୍ଥିକ ସଶକ୍ତୀକରଣ କ୍ଷେତ୍ରରେ ଏକ ଅବିଶ୍ୱସନୀୟ ପରିବର୍ତ୍ତନ ଦେଖିବାକୁ ପାଇଛୁ। ଏବେ ବିକାଶକୁ ଅଂଶୀଦାରୀ ଏବଂ ନାଗରିକ ସଂପୃକ୍ତିମୂଳକ କରି ନୂଆ ଢାଞ୍ଚା ବାହାର କରାଯାଇଛି। ସରକାର ଏହା ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଏ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉତ୍ସାହ ଓ ଗୁରୁତ୍ୱ ଏକ ବଡ଼ଧରଣର ପରିବର୍ତ୍ତନ ଆଣିଛି।

**ଆର୍ଥିକ ଅନ୍ତର୍ଭୁକ୍ତି ଓ ସରକାର:**

ଜାତୀୟ ତଫସିଲଭୁକ୍ତ ଜାତି ଅର୍ଥ ବିକାଶ ନିଗମ (ଏନ୍‌ଏସ୍‌ସି ଏଫ୍‌ଡିସି) ଏକ ସରକାରୀ କମ୍ପାନୀ ଭାବେ ୧୯୮୯ରେ ଗଠିତ ହୋଇଥିଲା। ଏହା କୌଣସି ଲାଭ ଅର୍ଜନର ଉଦ୍ଦେଶ୍ୟ ନ ରଖି ଦାରିଦ୍ର୍ୟସୀମାରେଖାର ଦୁଇଗୁଣ ତଳେ ଥିବା ତଫସିଲଭୁକ୍ତ ଜାତିର ଲୋକଙ୍କୁ ଆର୍ଥିକ ବିକାଶ ପାଇଁ ପାଣ୍ଠି ଯୋଗାଇବାକୁ ଅଭିପ୍ରେତ। ଏହି ନିଗମ ସଂପୃକ୍ତ ଉଦ୍ଦିଷ୍ଟବର୍ଗଙ୍କୁ କୋହଳ ସୁଧରେ କିସ୍ତି ଋଣ, କ୍ଷୁଦ୍ର ଋଣ, ଶିକ୍ଷା ଋଣ, ଧନ୍ଦାମୂଳକ ଋଣ ଯୋଗାଇବା ସହ ଦକ୍ଷତା ବିକାଶ ପାଇଁ ମଧ୍ୟ କେତେକ କ୍ଷେତ୍ରରେ ତାଲିମ ପ୍ରଦାନ କରୁଛି। ଏହା ସିଧା ଋଣ ନ ଦେଇ ବିଭିନ୍ନ ସରକାରୀ ସଂସ୍ଥା ଓ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଜରିଆରେ ପ୍ରଦାନ କରିଆସୁଛି। ତେବେ ଦକ୍ଷତା ବିକାଶ ଓ ବିପଣନ କ୍ଷେତ୍ରରେ ଏହା ଉଦ୍ଦିଷ୍ଟ ବର୍ଗଙ୍କୁ ସିଧାସଳଖ ସହାୟତା ପ୍ରଦାନ କରୁଛି।

ଏହାର ପ୍ରତିଷ୍ଠା କାଳରୁ ୨୦୧୫ ମାର୍ଚ୍ଚ ୩୧ ସୁଦ୍ଧା ଏହି ନିଗମ ମୋଟ୍ ୩୦୧୯.୮୭ କୋଟି ଟଙ୍କା ଋଣ ତଫସିଲଭୁକ୍ତ ଜାତିର ୯,୪୧,୦୩୪



ଅତି ଗରିବଙ୍କୁ ପ୍ରଦାନ କରିଛି।

**ଜାତୀୟ ତଫସିଲଭୁକ୍ତ ଉପଜାତି ଅର୍ଥ ବିକାଶ ନିଗମ (ଏନ୍‌ଏସ୍‌ଟି ଏଫ୍‌ଡିସି):**

ଏହି ନିଗମ ୨୦୦୧ରେ ଗଠିତ ହୋଇଥିଲା। ଲାଭ ଅର୍ଜନ ଉଦ୍ଦେଶ୍ୟ ନରଖି ତଫସିଲଭୁକ୍ତ ଉପଜାତି ବର୍ଗର ଆର୍ଥିକ ଓ ସାମାଜିକ ବିକାଶ ପାଇଁ ଋଣ ସହାୟତା ଯୋଗାଣ ଏହାର ଲକ୍ଷ୍ୟ। ଏହା ମଧ୍ୟ ଆଦିବାସୀ ଶିଳ୍ପକାର କାରିଗରଙ୍କୁ କୋହଳ ସୁଧରେ ଋଣ ଯୋଗାଉଛି।

ଏହା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ସର୍ବାଧିକ ୨୫ଲକ୍ଷ ଟଙ୍କାର ପ୍ରକଳ୍ପ ନିମନ୍ତେ ଆର୍ଥିକ ସହାୟତା ଯୋଗାଇଥାଏ। ସଭ୍ୟ ପିଛା ସର୍ବାଧିକ ଋଣ ଯୋଗାଣ ୫୦ ହଜାରରେ ସୀମିତ। ପ୍ରକଳ୍ପ ବ୍ୟୟର ୯୦ଭାଗ ପର୍ଯ୍ୟନ୍ତ ଅର୍ଥ ଏହି ନିଗମ ଯୋଗାଏ ଏବଂ ଅବଶିଷ୍ଟ ଅର୍ଥ ସବ୍‌ସିଡି, ପ୍ରୋତ୍ସାହକ ଓ ମାର୍ଜିନ୍ ଅର୍ଥ ସୂତ୍ରରୁ ଆଣି ଭରଣା କରାଯାଏ। ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ବାର୍ଷିକ ଶତକଡ଼ା ୬ ହାରରେ, ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶତକଡ଼ା ୮ ହାରରେ ଓ ତା'ଠାରୁ ଅଧିକ ଋଣ ଉପରେ ଶତକଡ଼ା ୧୦ ହାରରେ ନିଗମ ସୁଧ ଆଦାୟ କରିଥାଏ। ଆଦିବାସୀ ମହିଳା ସଶକ୍ତୀକରଣ ଯୋଜନା ଏହି ବର୍ଗର ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ନିଗମ ଏଥିପାଇଁ ଏକ ଲକ୍ଷ ଟଙ୍କାର ପ୍ରକଳ୍ପ ବ୍ୟୟର ୯୦ ଶତାଂଶ ଅର୍ଥ ଯୋଗାଇଥାଏ। ଏଥିପାଇଁ ବାର୍ଷିକ ସୁଧହାର ୪ ଶତାଂଶ। ଗତ ୧୨ବର୍ଷ ମଧ୍ୟରେ (୨୦୧୭ ମାର୍ଚ୍ଚ ସୁଦ୍ଧା) ନିଗମ ମୋଟ୍ ୧୬୫୪ କୋଟି ୯୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇଛି। ନିକଟ ଅତୀତରେ ନିଗମ ଆଦିବାସୀ ଶିକ୍ଷା ଋଣ ଓ ଦକ୍ଷତା ବିକାଶ ଋଣ ଯୋଗାଣ ଯୋଜନା ଆରମ୍ଭ କରିଛି।

**ଜାତୀୟ ସଫାଇ କର୍ମଚାରୀ ଅର୍ଥ ବିକାଶ ନିଗମ (ଏନ୍‌ଏସ୍‌କେଏଫ୍‌ଡିସି):**

୧୯୫୬ କମ୍ପାନୀ ଆଇନ ଅନୁସାରେ ଏହି ନିଗମ ୧୯୯୭ ଜାନୁୟାରୀ ୨୪ ତାରିଖରେ ଗଠିତ ହୋଇଥିଲା। କେନ୍ଦ୍ରସରକାରଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଏହି ନିଗମ ଲାଭ ଅର୍ଜନ ପାଇଁ ଉଦ୍ଦିଷ୍ଟ ନୁହେଁ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ସଫେଇ କର୍ମଚାରୀଙ୍କ ସାମାଜିକ ଓ ଆର୍ଥିକ ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକ୍ରମ ନିମନ୍ତେ ଆର୍ଥିକ ସହାୟତା ଯୋଗାଇବା। ଏଥିରେ ସରକାରଙ୍କର ୬୦୦କୋଟି ଟଙ୍କାର ଅଂଶଧନ ରହିଛି। ଏହି ନିଗମ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଭିନ୍ନ ସରକାରୀ ଓ ଅଧିକୃତ ସଂସ୍ଥା, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଜରିଆରେ ହିତାଧିକାରୀଙ୍କ ପାଇଁ ଅର୍ଥ ଯୋଗାଇଥାଏ। ଜିଲ୍ଲା ସମାଜକଲ୍ୟାଣ ବିଭାଗ ଏଥିରେ ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଅର୍ଥ ବଣ୍ଟନ କରିଥାଏ। ସାଧାରଣ ପ୍ରକଳ୍ପ ପାଇଁ ଏହି ନିଗମ ସର୍ବାଧିକ ୧୫ଲକ୍ଷ ଏବଂ ସ୍ୱଚ୍ଛ ଉଦ୍ୟମୀ ଯୋଜନା ପାଇଁ ସର୍ବାଧିକ ୨୫ ଲକ୍ଷ ଟଙ୍କା ଯୋଗାଇଦେବାର ବ୍ୟବସ୍ଥା ହୋଇଛି।



**ଜାତୀୟ ପଛୁଆବର୍ଗ ଅର୍ଥ ନିଗମ (ଏନ୍‌ବିସିଏଫ୍‌ଡିସି) :**

ଏହା ଭାରତ ସରକାରଙ୍କ ଏକ ଉପକ୍ରମ ଯାହା ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରେ। ୧୯୯୨ରେ ଗଠିତ ଏହି ନିଗମରେ ସରକାରଙ୍କର ୧୫୦୦ କୋଟି ଟଙ୍କାର ଅଂଶଧନ ରହିଛି। ୨୦୧୭ ଶେଷ ସୁଦ୍ଧା ନିଗମକୁ ସରକାର କାର୍ଯ୍ୟକାରୀ ପୁଞ୍ଜି ଆକାରରେ ୧୧୨୪ କୋଟି ଟଙ୍କା ଯୋଗାଇ ଦେଇଛନ୍ତି। କମ୍ପାନୀ ଆଇନ ଅନୁସାରେ ଗଠିତ ଏହି ନିଗମ ଲାଭ ପାଇଁ ଉଦ୍ଦିଷ୍ଟ ନୁହେଁ ଏବଂ ଏହାର ମୁଖ୍ୟ ଲକ୍ଷ୍ୟ ହେଲା ଅନ୍ୟାନ୍ୟ ଅନଗ୍ରସର ବର୍ଗଙ୍କ ସାମାଜିକ ଆର୍ଥିକ ବିକାଶ ପାଇଁ ଆର୍ଥିକ ସହାୟତା ଯୋଗାଇଦେବା। ଏହି ନିଗମ ୪୬ଟି ପ୍ରାଦେଶିକ ସଂସ୍ଥା ମାଧ୍ୟମରେ ନିଜର କାର୍ଯ୍ୟ କରିଥାଏ। ୨୦୧୭ ମାର୍ଚ୍ଚ ଶେଷ ସୁଦ୍ଧା ଏହି ନିଗମ ୩୫୭୫କୋଟି ୫୨ଲକ୍ଷ ଟଙ୍କା ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ପାଇଁ ଯୋଗାଇଦେଇଛି ଏବଂ ଏହାଦ୍ୱାରା ସଂପୃକ୍ତ ବର୍ଗର ୨୩,୦୦୩୬ ହିତାଧିକାରୀ ଉପକୃତ ହୋଇଛନ୍ତି।

**ଜାତୀୟ ସଂଖ୍ୟାଲଘୁ ଅର୍ଥ ବିକାଶ ନିଗମ (ଏନ୍‌ଏମ୍‌ଡିଏଫ୍‌ସି):**

୧୯୯୪ ସେପ୍ଟେମ୍ବର ୩୦ରେ କମ୍ପାନୀ ଆଇନ ଅନୁସାରେ ଏହି ନିଗମ ଗଠିତ ହୋଇଥିଲା। ଲକ୍ଷ୍ୟ ଥିଲା ଲାଭ ଅର୍ଜନ ପରିବର୍ତ୍ତେ ସଂଖ୍ୟାଲଘୁ ବର୍ଗର କଲ୍ୟାଣ ଓ ବିକାଶ ପାଇଁ କୋହଳ ସୁଧରେ ଆର୍ଥିକ ଋଣ ଓ ସହାୟତା ଯୋଗାଇଦେବା। ଆତ୍ମନିଯୁକ୍ତି ଓ ବିଭିନ୍ନ ରୋଜଗାର ସୃଷ୍ଟିକାରୀ ପ୍ରକଳ୍ପ ନିମନ୍ତେ ଏହା ମୁଖ୍ୟତଃ ଆର୍ଥିକ ସହାୟତା ଯୋଗାଇଥାଏ। ପଛୁଆବର୍ଗ କମିସନଙ୍କ ଦ୍ୱାରା ସଂଖ୍ୟାଲଘୁ ଘୋଷିତ ମୁସଲମାନ, ଖ୍ରୀଷ୍ଟିୟାନ, ଶିଖ, ବୌଦ୍ଧ, ପାର୍ସୀ ଓ ଜୈନ ସଂପ୍ରଦାୟର ସଦସ୍ୟମାନେ ଏହି ନିଗମ ଦ୍ୱାରା ଉପକୃତ ହେଉଛନ୍ତି। ଏହାଛଡ଼ା ନିଗମ




ସଂପୃକ୍ତ ବର୍ଗର ମହିଳା ଓ କାରିଗରଙ୍କ ବିକାଶକୁ ମଧ୍ୟ ଅଗ୍ରାଧିକାର ଦେଇଛି।

ପ୍ରତିଷ୍ଠା କାଳରୁ ୨୦୧୮ ଜୁନ୍ ଶେଷ ସୁଦ୍ଧା ଏହି ନିଗମ ୧୪,୨୬,୩୦୮ ହିତାଧିକାରୀଙ୍କୁ ୪୬୮୦.୧୬କୋଟି ଟଙ୍କା ଋଣ ଯୋଗାଇଦେଇଛି। କେବଳ ୨୦୧୭-୧୮ ମଧ୍ୟରେ ୧,୨୯,୪୮୯ ହିତାଧିକାରୀଙ୍କୁ ୫୭୦ କୋଟି ୮୩ଲକ୍ଷ ଟଙ୍କାର ଋଣ ସହାୟତା ଦିଆଯାଇଛି। ଚଳିତ ଆର୍ଥିକ ବର୍ଷ (୨୦୧୮-୧୯)ରେ ଗତ ଜୁନ୍ ଶେଷ ସୁଦ୍ଧା ନିଗମରୁ ୧୦,୮୦୦ହିତାଧିକାରୀ ୧୧୨କୋଟି ଟଙ୍କାର ଋଣ ସହାୟତା ପାଇଛନ୍ତି।

**ଜାତୀୟ ଭିନ୍ନକ୍ଷମ ଅର୍ଥ ବିକାଶ ନିଗମ (ଏନ୍‌ଏଚ୍‌ଏଫ୍‌ଡିସି) :**

ଭିନ୍ନକ୍ଷମଙ୍କ ଆର୍ଥିକ ବିକାଶ ପାଇଁ ୧୯୯୭ ଜାନୁୟାରୀ ୨୪ରେ ଏହି ନିଗମ ଏକ ଅଣଲାଭ ଅର୍ଜନକାରୀ କମ୍ପାନୀ ଭାବେ ଗଠିତ ହୋଇଥିଲା। ଏଥିପାଇଁ ସରକାର ୪୦୦ କୋଟି ଟଙ୍କାର ଅଂଶଧନ ଯୋଗାଇଦେଇଥିଲେ। ଦେଶର ଦିବ୍ୟାଙ୍ଗମାନଙ୍କ ଆର୍ଥିକ ବିକାଶ ପାଇଁ ବିତ୍ତୀୟ ସହାୟତା ଯୋଗାଇବା କ୍ଷେତ୍ରରେ ଏହା ସର୍ବୋଚ୍ଚ ସଂସ୍ଥା ଭାବେ କାର୍ଯ୍ୟ କରୁଛି। ଦିବ୍ୟାଙ୍ଗମାନଙ୍କୁ ଶିକ୍ଷା ଋଣ ପ୍ରଦାନ ସହ ନିଜନିଜର ନିଯୁକ୍ତି ସୁବିଧା କରିବାକୁ ଏହି ନିଗମ କୋହଳ ହାର ସୁଧରେ ଋଣ ଯୋଗାଉଛି। ୨୦୧୭ ମାର୍ଚ୍ଚ ଶେଷ ସୁଦ୍ଧା ଏହି ବର୍ଗର ୧,୪୨,୩୪୯ହିତାଧିକାରୀଙ୍କୁ ୮୦୧ କୋଟି ୬୬ଲକ୍ଷ ଟଙ୍କାର ଋଣ ସହାୟତା ଯୋଗାଇଦିଆଯାଇଛି।

**ରାଷ୍ଟ୍ରୀୟ ମହିଳା କୋଷ:**

ରାଷ୍ଟ୍ରୀୟ ମହିଳା କୋଷ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱୟଂଶାସିତ ସଂସ୍ଥାଭାବେ କାର୍ଯ୍ୟ କରୁଛି। ୧୮୬୦ ସୋସାଇଟି ନିୟମ ଅନୁସାରେ ଏହା ଏକ କ୍ଷୁଦ୍ର ଅର୍ଥ ଲଗାଣକାରୀ ସଂସ୍ଥା ଭାବେ ପଂଜୀକୃତ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଗରିବ ମହିଳାମାନଙ୍କୁ ବିଭିନ୍ନ ଜୀବିକାର୍ଜନ କାର୍ଯ୍ୟ ପାଇଁ ସ୍ୱଳ୍ପ ହାର ସୁଧରେ ଋଣ ଯୋଗାଇଦେବା ଓ ସେମାନଙ୍କର ସାମାଜିକ, ଆର୍ଥିକ ବିକାଶରେ ସହାୟତା କରିବା। ବିଭିନ୍ନ ଆନ୍ତଃ ମଧ୍ୟସ୍ଥ ସଂଗଠନ ଜରିଆରେ ରାଷ୍ଟ୍ରୀୟ ମହିଳା କୋଷରୁ ଅତି ଗରିବ ଏବଂ ସମ୍ବଳହୀନ ମହିଳାଙ୍କୁ ମୁଖ୍ୟତଃ ଋଣ ଯୋଗାଇ ଦିଆଯାଇଥାଏ। ଏ କ୍ଷେତ୍ରରେ ସୁଧହାର ସରଳ ଓ ବାର୍ଷିକ ଛ' ଶତାଂଶ।

**ମୁଦ୍ରା ଯୋଜନା:**

୨୦୧୫-୧୬ ବଜେଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ମୁଦ୍ରାଯୋଜନା ଘୋଷଣା କରିବା ପରେ ମୁଦ୍ରାବ୍ୟାଙ୍କ ପ୍ରତିଷ୍ଠା ହୋଇଥିଲା। ୨୦୧୫ ଏପ୍ରିଲ ଆଠ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ଅଣ କମ୍ପାନୀ, ଅଣ ଫାର୍ମ କ୍ଷୁଦ୍ର ଓ ଅତିକ୍ଷୁଦ୍ର ଉଦ୍ୟୋଗ ପାଇଁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣର ବ୍ୟବସ୍ଥା କରାଯାଇଛି। ବ୍ୟାବସାୟିକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, କ୍ଷୁଦ୍ର ବିତ୍ତୀୟ ବ୍ୟାଙ୍କ, ସମବାୟ ବ୍ୟାଙ୍କ, ଏମ୍‌ଏଫ୍‌ଆଇ ଓ ଏନ୍‌ବିଏଫ୍‌ସି ଜରିଆରେ ଏହି ଋଣ ପ୍ରଦାନ କରାଯାଉଛି। ମୁଦ୍ରାପୋର୍ଟାଲ ମାଧ୍ୟମରେ ଆଗ୍ରହୀ ଉଦ୍ୟୋଗୀ ଓ ବ୍ୟକ୍ତିବିଶେଷ ଅନ୍‌ଲାଇନ୍‌ରେ ଯେକୌଣସି ଅଧିକୃତ ଋଣ ପ୍ରଦାନକାରୀ ସଂସ୍ଥାରୁ ଋଣ ପାଇବାକୁ ଆବେଦନ କରିପାରିବେ। ଏଥିପାଇଁ ଉଦ୍ୟୋଗଗୁଡ଼ିକୁ ଶିଶୁ, କିଶୋର ଓ ତରୁଣ ଏଭଳି ତିନି ଭାଗରେ ବିଭକ୍ତ କରାଯାଇଛି।

**ଷ୍ଟାଣ୍ଡଅପ୍ ଇଣ୍ଡିଆ ସ୍କିମ୍:**

ଏହି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ନୂଆ ଉଦ୍ୟୋଗ ସ୍ଥାପନ ପାଇଁ ପ୍ରତ୍ୟେକ ବ୍ୟାଙ୍କ ଶାଖା ଅତିକମ୍‌ରେ ଜଣେ ତଫସିଲଭୁକ୍ତ ଜାତି, ଜଣେ ଉପଜାତି ଓ ଜଣେ ମହିଳାଙ୍କୁ ୧୦ଲକ୍ଷରୁ ଏକ କୋଟି ପର୍ଯ୍ୟନ୍ତ ଋଣ ଯୋଗାଇବାର ବ୍ୟବସ୍ଥା ହୋଇଛି। ଏହି ଉଦ୍ୟୋଗ ମାନୁଫାକଚରିଙ୍ଗ (ବିନିର୍ମାଣ), ସେବା କିମ୍ବା ବ୍ୟବସାୟ ଯେକୌଣସି କ୍ଷେତ୍ରରେ ହୋଇପାରେ। ଏହି ଋଣ ଉପରେ ସୁଧହାର ବ୍ୟାଙ୍କର ପ୍ରଚଳିତ ସୁଧହାରର ସର୍ବନିମ୍ନ ସ୍ତରର ହେବ ଏବଂ ଏହାକୁ ରେଟିଂ କ୍ୟାଟାଗୋରୀ ଭିତ୍ତିରେ ଧାର୍ଯ୍ୟ କରାଯିବ ଯାହା ମୂଳ ସୁଧ ହାର (ଏମ୍‌ସିଏଲ୍‌ଆର୍) +୩ + ଟେନର୍ ପ୍ରିମିୟମଠାରୁ ଅଧିକ ହେବନାହିଁ।

**ପ୍ରଧାନମନ୍ତ୍ରୀ ମୁଦ୍ରାଯୋଜନାରେ ୨୦୧୫ ଏପ୍ରିଲ ୮ରୁ ୨୦୧୮ ଜୁନ୍ ୨୯ ମଧ୍ୟରେ ବିଭିନ୍ନ ସାମାଜିକ ଗୋଷ୍ଠୀ**

| କ୍ରମିକ ସଂଖ୍ୟା | ବର୍ଗ | ଏ/ସି ସଂଖ୍ୟା | ମଂଜୁର ଅର୍ଥ ପରିମାଣ(ଟଙ୍କା) | ବର୍ଗଭିତ୍ତିକ ଋଣ ଗ୍ରହିତାଙ୍କ ଶତାଂଶ (%) |
|---|---|---|---|---|
| ୧ | ସାଧାରଣ | ୫୯୨୩୩୫୫୨ | ୩୯୫୦୫୬.୯୪ | ୪୫.୨୦% |
| ୨ | ତଫସିଲଭୁକ୍ତ ଜାତି | ୨୩୩୫୭୪୬୬ | ୬୨୯୮୨.୯୫ | ୧୭.୮୨% |
| ୩ | ତଫସିଲଭୁକ୍ତ ଉପଜାତି | ୬୬୨୦୭୩୭ | ୨୦୦୩୫.୨୫ | ୫.୦୫% |
| ୪ | ଅନ୍ୟାନ୍ୟ ଅନଗ୍ରସର ବର୍ଗ | ୪୧୮୩୪୨୦୪ | ୧୩୭୦୮୪.୨୯ | ୩୧.୯୨% |
| **୫** | ମୋଟ୍ | **୧୩୧୦୪୫୯୫୯** | **୬୧୫୧୫୯.୪୩** | ----- |

*ଉତ୍ସ : ମୁଦ୍ରାମିଶନ*

ପ୍ରାଦେଶିକ / କେନ୍ଦ୍ରୀୟ ସ୍କିମ୍‌ରେ ଏ କ୍ଷେତ୍ରରେ ଯେଉଁ ୨୫ ଶତାଂଶ ମାର୍ଜିନ୍ ମନିର ବ୍ୟବସ୍ଥା ଅଛି, ତାହାର ସୁବିଧା ମଧ୍ୟ ହିତାଧିକାରୀ ପାଇବେ।

ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନାରେ ରଷ୍ଟ୍ରାୟତ୍ତ, ଘରୋଇ ଓ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ୨୦୧୮ମାର୍ଚ୍ଚ ସାତ ତାରିଖ ସୁଦ୍ଧା ଯଥାକ୍ରମେ ୫୧,୮୮୮,୨୪୪୫ ଓ ୧୦୦୯ କୋଟି ଟଙ୍କା ଋଣ ଆକାରରେ ଯୋଗାଇଦେଇଛନ୍ତି। ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ୧୮୦ଟି ଋଣ ଏହି ଯୋଜନାରେ ତଫସିଲଭୁକ୍ତ ଜାତିର ଆବେଦନକାରୀଙ୍କୁ ମଂଜୁର କରିଛନ୍ତି।

**ଭେଞ୍ଚର କ୍ୟାପିଟାଲ୍ ଫଣ୍ଡ୍ ସ୍କିମ୍:**

ଏହି ସ୍କିମ୍‌ଟି ଏଧରଣର ପ୍ରଥମ ଓ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଦ୍ୱାରା ପ୍ରବର୍ତ୍ତିତ। ତଫସିଲଭୁକ୍ତ ଜାତିର ଲୋକଙ୍କୁ ଅଳ୍ପସୁଧରେ ଋଣ ଦେଇ ସେମାନଙ୍କୁ ଉଦ୍ୟୋଗ ପ୍ରତିଷ୍ଠା ପ୍ରତି ଆଗ୍ରହୀ କରିବା ଏହି ସ୍କିମ୍‌ର ଲକ୍ଷ୍ୟ।

**ଋଣ ସୁବିଧା ବୃଦ୍ଧି ଗ୍ୟାରେଣ୍ଟି ସ୍କିମ୍:**

୨୦୧୪-୧୫ ବଜେଟ୍ ଭାଷଣରେ ତତ୍କାଳୀନ ଅର୍ଥମନ୍ତ୍ରୀ କହିଥିଲେ ଯେ ତଫସିଲଭୁକ୍ତ ଜାତିର ଯୁବ ତଥା ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କୁ ଋଣ ବୃଦ୍ଧି ସୁବିଧା ଯୋଗାଇଦିଆଯିବ। ଏହାଫଳରେ ସେମାନେ ନିଜର ଉଦ୍ୟୋଗର ସଂପ୍ରସାରଣ ସହିତ ଅଧିକ କର୍ମନିଯୁକ୍ତି ସୃଷ୍ଟି କରିପାରିବେ। ଏଥିପାଇଁ ୨୦୦କୋଟି ଟଙ୍କାର ପାଣ୍ଠି ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ଏହି

**୨୦୧୮ ଜୁନ୍ ୨୭ ସୁଦ୍ଧା ସ୍ଥିତି:**

| ସବିଶେଷ ତଥ୍ୟ | ବର୍ତ୍ତମାନର ସ୍ଥିତି |
|---|---|
| ସହୟତା ପ୍ରଦାନ କରାଯାଇଥିବା କମ୍ପାନୀଙ୍କ ସଂଖ୍ୟା | ୭୧ |
| ମଂଜୁର ହୋଇଥିବା ରାଶି | ୨୫୫.୩୭ କୋଟି ଟଙ୍କା |
| ଅର୍ଥ ପାଇଥିବା କମ୍ପାନୀଙ୍କ ସଂଖ୍ୟା | ୫୬ |
| ପ୍ରଦାନ କରାଯାଇଥିବା ମୋଟ୍ ଅର୍ଥ | ୧୭୬.୭୬କୋଟି |

ଯୋଜନାରେ ସଂପୃକ୍ତ ବର୍ଗର ଉଦ୍ୟୋଗୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି ସହିତ ଏକ ନୂଆ ମଧ୍ୟବିତ୍ତ ବର୍ଗ ସୃଷ୍ଟି କରି ସାମାଜିକ-ଆର୍ଥିକ ଉତ୍ଥାନରେ ଏହି ସ୍କିମ୍ ସହାୟକ ହେଉଛି। ଏଥିରେ ଯୋଗ୍ୟ ହିତାଧିକାରୀଙ୍କୁ ରିସ୍କ କଭର ସୁବିଧା ଯୋଗାଇ ଦିଆଯାଉଛି। ପ୍ରାୟ ୨୧କୋଟି ଟଙ୍କା ଏହି ଯୋଜନାରେ ହିତାଧିକାରୀଙ୍କୁ ପ୍ରଦାନ କରାଗଲାଣି ଏବଂ ବିଭିନ୍ନ ଋଣ ପ୍ରଦାନକାରୀ ସଂସ୍ଥା ୧୪କୋଟି ୪୦ଲକ୍ଷ ଟଙ୍କାର ଗ୍ୟାରେଣ୍ଟି ମଧ୍ୟ ଯୋଗାଇଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଦଳିତ ଶିଳ୍ପ ବଣିକ ସଂଗଠନ, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି, ରଷ୍ଟ୍ରାୟତ୍ତ ବ୍ୟାଙ୍କସମୂହର ପ୍ରତିନିଧିଙ୍କୁ ସାମିଲ କରାଯାଇ ଆଲୋଚନା ପର୍ଯ୍ୟାଲୋଚନା ମାଧ୍ୟମରେ ଅଧିକ ସମ୍ବେଦନଶୀଳ କରାଯାଉଛି।

**ପ୍ରଧାନମନ୍ତ୍ରୀ ଜନଧନ ଯୋଜନା:**

ଏହି ଯୋଜନା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ୨୦୧୪ ଅଗଷ୍ଟ ୧୫ରେ ଆରମ୍ଭ କରାଯାଇଥିଲା। ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଆନୁଷ୍ଠାନିକ ବ୍ୟାଙ୍କ ବ୍ୟବସ୍ଥାରେ ସାମିଲ କରିବା ଥିଲା ଏହାର ମୂଳ ଲକ୍ଷ୍ୟ। ଏହା ମାଧ୍ୟମରେ ସେମାନଙ୍କୁ ବ୍ୟାଙ୍କ ସେବା, ପେନ୍‌ସନ୍ ଓ ବୀମା ସୁବିଧା ଯୋଗାଇବା ସହ ବିଭିନ୍ନ ସରକାରୀ ଯୋଜନାର ଲାଭ ଯେପରି ସିଧାସଳଖ ସେମାନଙ୍କ ପାଖକୁ ଯାଇପାରିବ ତାହା ନିଶ୍ଚିତ କରିବାର ଉଦ୍ୟମ ହୋଇଛି। ଏହାଦ୍ୱାରା ପୂର୍ବର ସରକାରୀ ଯୋଜନାର ନକାରାତ୍ମକ ପ୍ରଭାବ ହ୍ରାସ ପାଇଛି ଏବଂ ସଂପୃକ୍ତ ଜନତା ଆର୍ଥିକ ସ୍ୱାଧୀନତା ଓ ସ୍ଥିରତା ହାସଲ କରିଛନ୍ତି। ଏହି ଯୋଜନାରେ ସମଗ୍ର ଦେଶରେ ୧.୫କୋଟି ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି।

ଉପରୋକ୍ତ ଯୋଜନା ଓ କାର୍ଯ୍ୟକ୍ରମ ସବୁ ସ୍ପଷ୍ଟ ସୂଚାଉଛି ଯେ ସରକାର ସମାଜର ଦୁର୍ବଳ ଶ୍ରେଣୀଙ୍କ ସଶକ୍ତିକରଣ ଓ ସମାବେଶୀ ବିକାଶ ପାଇଁ ଅଙ୍ଗୀକାରବଦ୍ଧ। ଏହିସବୁ ଯୋଜନା ସମାଜର ଦୁର୍ବଳବର୍ଗଙ୍କ ଉତ୍ଥାନ ଓ ବିକାଶ ସହିତ ଦାରିଦ୍ର୍ୟ ଦୂରୀକରଣରେ ସହାୟକ ହେବ ବୋଲି ଆଶା କରାଯାଏ।

ଲେଖକ 'ନିତି' ଆୟୋଗର ଉପ ପରାମର୍ଶଦାତା

ଫୋକସ୍

# ସମାବେଶୀ ବିକାଶ ନୀତିରେ ବଞ୍ଚିତବର୍ଗଙ୍କ ଉତ୍ଥାନ

ଡ. ସୁନିଲ ଶୁକ୍ଳା

ସମାଜର ପ୍ରତ୍ୟେକ ଶ୍ରେଣୀ ଓ ବର୍ଗଙ୍କୁ ସଶକ୍ତ କରିବା ପାଇଁ ଏକ ଉତ୍‌ଥାନମୁଖୀ ଅର୍ଥନୀତି, ନିଜର ଯୋଜନା ଓ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରିବାର ଆବଶ୍ୟକତା ରହିଛି। ଗତ ସାତ ଦଶନ୍ଧି ମଧ୍ୟରେ ଭାରତ ସବୁବର୍ଗ ଓ ଶ୍ରେଣୀର ଲୋକଙ୍କୁ ଆର୍ଥିକ ସଶକ୍ତୀକରଣର ସୁଯୋଗ ଦେବାକୁ ରଣନୀତି ଓ କୌଶଳମାନ ପ୍ରସ୍ତୁତ କରି ତଦନୁସାରେ କାର୍ଯ୍ୟକ୍ରମ ତିଆରି କରିଛି। ଏହା ସତ୍ତ୍ୱେ ସବୁ ବର୍ଗର ଲୋକ ଏହାର ସୁଯୋଗ ନେଇପାରୁନାହାନ୍ତି। ଯେଉଁ ଅତି ଦୁର୍ବଳ ଓ ବଞ୍ଚିତବର୍ଗର ଲୋକେ ଏହି ସାମାଜିକ ଓ ଆର୍ଥିକ ସୋପାନ ଚଢ଼ିବାକୁ ଆବଶ୍ୟକ ସାମାଜିକ ପୁଞ୍ଜି ଅଭାବର ସମ୍ମୁଖୀନ ସେମାନଙ୍କୁ ଏଥିପାଇଁ ସୁଯୋଗ ସୁବିଧା ଯୋଗାଣର ଆବଶ୍ୟକତା ରହିଛି। ଅନେକ କ୍ଷେତ୍ରରେ ସଂଖ୍ୟାଲଘୁ ବର୍ଗ, ଶାରୀରିକ ଭିନ୍ନକ୍ଷମ ଓ ମହିଳା ସାମାଜିକ କୁସଂସ୍କାର ଏବଂ ଅନ୍ୟ କେତେକ କାରଣରୁ ପାତରଅନ୍ତରର ସମ୍ମୁଖୀନ ହୋଇଥାନ୍ତି। ଭିନ୍ନକ୍ଷମମାନେ ଅଧିକାଂଶ ସମୟରେ ଅମାନବୀୟ ସ୍ଥିତିରେ କାଳାତିପାତ କରନ୍ତି। ଆହୁରି ମଧ୍ୟ ବିଭିନ୍ନ ସାମାଜିକ ଗୋଷ୍ଠୀ ମଧ୍ୟରେ ପାତରଅନ୍ତର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଏମାନଙ୍କ ମଧ୍ୟରେ ଥିବା ମହିଳା ଓ ଭିନ୍ନକ୍ଷମଙ୍କ ଅବସ୍ଥା ଆହୁରି ଶୋଚନୀୟ। ଉଦାରୀକରଣ ଓ ଅର୍ଥନୈତିକ ବିକାଶ ପ୍ରକ୍ରିୟା ଦେଶରେ କାର୍ଯ୍ୟକାରୀ ହେବାର ବେଶ୍ କିଛି ଦିନ ପରେ ମଧ୍ୟ ସମାଜର ସବୁ ଶ୍ରେଣୀ ଓ ବର୍ଗଙ୍କୁ ସମ୍ବଳ ଓ ସୁଯୋଗର ଲାଭ ଉଠାଇବାର ସମାନ ସୁବିଧା ମିଳିପାରିନାହିଁ। ଅତଏବ ସମାବେଶୀ ବିକାଶ ଏବେ ମଧ୍ୟ ଏକ ସୁଦୂର ପରାହତ ସ୍ୱପ୍ନ ହୋଇରହିଛି।

ନୀତି ଆୟୋଗ ପାଇଁ 'ପ୍ରଥମ' ସଂସ୍ଥା ପକ୍ଷରୁ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ ସର୍ଭେରେ ଭାଗ ନେଇଥିବା ଅର୍ଦ୍ଧସହର ଓ ଗ୍ରାମାଞ୍ଚଳର ୭୦ ଭାଗ ଯୁବକଯୁବତୀଙ୍କ ମଧ୍ୟରୁ ୭୦ଭାଗ ନିଜ ନିଜର କିଛି ଧନ୍ଦା, ଉଦ୍ୟୋଗ କରି ଆତ୍ମନିଯୁକ୍ତ ହେବାକୁ ଚାହାନ୍ତି। ସହରାଞ୍ଚଳ ଯୁବକଯୁବତୀଙ୍କ ମତାମତର ଏହା ସମ୍ପୂର୍ଣ୍ଣ ଓଲଟା। ଏହି ଅନୁଧ୍ୟାନର ତଥ୍ୟ ଅନୁସାରେ ଗ୍ରାମାଞ୍ଚଳର ଯୁବସଂପ୍ରଦାୟ ଦାରିଦ୍ର୍ୟ ଓ ବେକାରୀରୁ ମୁକ୍ତି ପାଇବା ପାଇଁ କିଛି ଧନ୍ଦା ବା ଉଦ୍ୟୋଗ କରିବାକୁ ପ୍ରସ୍ତୁତ। ଭାରତ ଏକ ଯୁବଶକ୍ତିର ଦେଶ। ଯୁବକମାନଙ୍କ ମଧ୍ୟରେ ପ୍ରଚଣ୍ଡ ଉତ୍ସାହ ଓ ସାହସ ରହିଛି। ଭାରତୀୟ ଯୁବକଯୁବତୀମାନଙ୍କ ମଧ୍ୟରୁ ଅଧିକାଂଶ ଗ୍ରାମାଞ୍ଚଳ ବାସିନ୍ଦା ଏବଂ ସେମାନଙ୍କର ଆର୍ଥିକ ଅବସ୍ଥା ଭଲ ନୁହେଁ। ଭାରତୀୟ ଗ୍ରାମାଞ୍ଚଳରେ ସମ୍ବଳ ଓ ନିଯୁକ୍ତି ସୁଯୋଗ ସୃଷ୍ଟିର ସୁବିଧା ସୁଯୋଗ ବିଶେଷ ନାହିଁ। ଏକ ପ୍ରତିକୂଳ ଓ ଅଭାବ ପରିବେଶ ଗ୍ରାମାଞ୍ଚଳରେ ବିଦ୍ୟମାନ। ଏସବୁ ସତ୍ତ୍ୱେ ଗ୍ରାମାଞ୍ଚଳର ଯୁବକଯୁବତୀମାନଙ୍କ ମଧ୍ୟରେ ଏକ ଉଦ୍‌ଯୋଗ ଚରିତ୍ର ଓ ବିଶେଷତ୍ୱ ରହିଛି। ସେମାନେ ସୁଯୋଗ ସୁବିଧା ପାଇଲେ ସଫଳ ଉଦ୍‌ଯୋଗୀ ହୋଇପାରିବେ। ନୂଆ ଜିନିଷ ଉଦ୍‌ଭାବନ କରିବା, ଅଭିନବ ଉପାୟରେ ଜଟିଳ ସାମାଜିକ ସମସ୍ୟାର ସମାଧାନ ଏବଂ ନୂଆ ନୂଆ କୌଶଳ ଓ ବ୍ୟବସ୍ଥା ସେମାନଙ୍କୁ ଆକର୍ଷିତ କରିଥାଏ। ସେମାନେ ଏକ ନୂଆ ବ୍ୟାବସାୟିକ ଶ୍ରେଣୀ ଭାବରେ ଗୋଟିଏ ବିଶ୍ୱସ୍ତ ସହାୟକ ବ୍ୟବସ୍ଥା ଓ ଉପଯୁକ୍ତ ଦିଗ୍‌ଦର୍ଶନ

ଚାହାନ୍ତି ଯାହା ମାଧ୍ୟମରେ ନିଜର ବିଚାର ବୁଦ୍ଧି ଓ କୌଶଳକୁ ରୂପାୟିତ କରିବାକୁ ଆଗ୍ରହୀ।

ବିଶ୍ୱର ଔଦ୍ୟୋଗିକ ବାର୍ଷିକ ଅନୁଧ୍ୟାନ ରିପୋର୍ଟ ଗ୍ଲୋବାଲ ଆନ୍ତ୍ରୋପ୍ରିନିୟରସିପ୍ ମନିଟର (ଜିଇଏମ୍) ରିପୋର୍ଟ ୨୦୧୬-୧୭ ଅନୁସାରେ ଯୁବସମାଜ ମଧ୍ୟରେ ଉଦ୍‌ଯୋଗସ୍ଥାପନ ଆଗ୍ରହ ୧୪.୯ ଶତାଂଶକୁ ବଢ଼ିଛି। ୨୦୧୫-୧୬ରେ ଏହା ଥିଲା ମାତ୍ର ୯ ଶତାଂଶ। ସେହିଭଳି ଉଦ୍‌ଯୋଗ ସ୍ଥାପନ ପ୍ରୟାସରେ ବିଫଳ ହେବାର ଭୟ ହାର ଏହି ସମୟ ମଧ୍ୟରେ ୪୪ ଶତାଂଶରୁ ୩୭.୫ ଶତାଂଶକୁ ହ୍ରାସ ପାଇଛି। ଏହି ରିପୋର୍ଟ ଅନୁସାରେ କିଛି ଉଦ୍ୟୋଗ କରିବା ଏବଂ ଏଥିପାଇଁ ନିଜକୁ ସମର୍ଥ ମଣିବାର ଭାବନା ଭାରତୀୟ ଯୁବବର୍ଗଙ୍କ ମଧ୍ୟରେ ବୃଦ୍ଧି ପାଇଛି। ଦେଶର ୨୧ଟି ପ୍ରମୁଖ ରାଜ୍ୟର ବିଭିନ୍ନ ବର୍ଗ ଓ ଶ୍ରେଣୀରେ ଯୁବକଯୁବତୀଙ୍କ ମଧ୍ୟରେ ସର୍ଭେ କରାଯାଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ତେଣୁ ଭାରତୀୟ ସମାଜରେ ନିଜସ୍ୱ ସ୍ୱାଧୀନ ଧନ୍ଦା ବା ଉଦ୍ୟୋଗ ସ୍ଥାପନର ମାନସିକତାରେ ଏକ ବଡ଼ ପରିବର୍ତ୍ତନ ଆସିଛି। ଦେଶରେ ଉଦ୍‌ଯୋଗ ବିକାଶ କ୍ଷେତ୍ରରେ ଏହା ଏକ ଭଲ ଲକ୍ଷଣ।

**ଆହ୍ୱାନ ଓ ସୁଯୋଗ:**

ବଞ୍ଚିତ ଓ ଅନଗ୍ରସର ବର୍ଗଙ୍କ ମଧ୍ୟରେ ଶିକ୍ଷା ଓ ଦକ୍ଷତାର ଅଭାବ ଏକ ବଡ଼ ପ୍ରତିବନ୍ଧକ। ଏହା ଫଳରେ ଏହିବର୍ଗର ଲୋକଙ୍କ ମଧ୍ୟରେ ଦାୟିତ୍ୱ ବହନ କରିବାର ଆତ୍ମବିଶ୍ୱାସ ହ୍ରାସ ପାଉଛି। ଏହି ଆତ୍ମବିଶ୍ୱାସର ଅଭାବ ମିହଳାମାନଙ୍କ ମଧ୍ୟରେ ଅଧିକ। ଦକ୍ଷତା ବିକାଶ ଓ ଉଦ୍‌ଯୋଗୀ ପ୍ରେରଣା କାର୍ଯ୍ୟକ୍ରମ ଦ୍ୱାରା ଏହି ଅଭାବ ଦୂର ହୋଇପାରିବ। ମନୋଭାବରେ ପରିବର୍ତ୍ତନ, ଆତ୍ମବିଶ୍ୱାସ ବୃଦ୍ଧି ପାଇଁ କର୍ମଶାଳା ଓ ଆଲୋଚନାଚକ୍ର ବିଶେଷ ସହାୟକ ହୋଇଥାଏ। ଏହା ଏକ ପରୀକ୍ଷିତ ବ୍ୟବସ୍ଥା। ବଞ୍ଚିତ ଓ ଅନଗ୍ରସରବର୍ଗର ଯୁବକଯୁବତୀ ଏହାର ସୁଯୋଗ ଉଠାଇଲେ ନିଶ୍ଚିତ ଭାବେ ସେମାନଙ୍କ ସ୍ଥିତିରେ ଉନ୍ନତି ଆସିବ।

**ଚାରିଟିକିଆ ରଣନୀତି:**

ଅର୍ଥାଭାବ, କ୍ଷତିର ଭୟ ଏବଂ କାମଚଳା ସାକ୍ଷରତାର ଅଭାବ ଆଦି କେତେକ ପ୍ରମୁଖ କାରଣ ଯୋଗୁଁ ବଞ୍ଚିତ ଓ ଅବହେଳିତ ବର୍ଗର ଲୋକେ ନିଜର ଉଦ୍ୟୋଗ ବା ଧନ୍ଦା ଆରମ୍ଭ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଗବେଷଣାରୁ ଆହୁରି ଜଣାପଡ଼ିଛି ଯେ କଞ୍ଚାମାଲ ପାଇବାରେ ଅସୁବିଧା, ପୁଞ୍ଜିର ଅଭାବ, ଆବଶ୍ୟକ ବଜାର ନମିଳିବା, ଭିତ୍ତିଭୂମିର ଅଭାବ ଆଦି ଗ୍ରାମାଞ୍ଚଳ ଉଦ୍ୟୋଗ ସ୍ଥାପନରେ ପ୍ରମୁଖ ପ୍ରତିବନ୍ଧକ ସୃଷ୍ଟି କରୁଛି। ଆହୁରି ମଧ୍ୟ ପ୍ରବୃତ୍ତିଗତ ଅଯୋଗ୍ୟତା ଓ ତତ୍ପରତା ଅଭାବରୁ ଅନେକ ଉଦ୍ୟୋଗସ୍ଥାପନ କରିପାରୁନାହାନ୍ତି। ସଚେତନତା ଓ ଶିକ୍ଷାର ଅଭାବ ଏ କ୍ଷେତ୍ରରେ ମୁଖ୍ୟ ଅନ୍ତରାୟ ହୋଇଛି। ତେଣୁ ଆତ୍ମନିଯୁକ୍ତି ପରିବର୍ତ୍ତେ ସେମାନେ ଦିନମଜୁରିଆ ଭାବେ ବା କେଉଁଠି ଚାକରିବାକିରି କରି ଜୀବିକା ଉପାର୍ଜନ କରିବାକୁ ପସନ୍ଦ କରିଥାନ୍ତି। ଏସବୁ ସମସ୍ୟା ଓ ଆହ୍ୱାନକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳ ଉଦ୍‌ଯୋଗ ବିକାଶ ପାଇଁ ନୀତି ଏବଂ କାର୍ଯ୍ୟକ୍ରମମାନ

**ସମାଜର ପ୍ରତ୍ୟେକ ଶ୍ରେଣୀ ଓ ବର୍ଗଙ୍କୁ ସଶକ୍ତ କରିବା ପାଇଁ ଏକ ଉତ୍‌ଥାନମୁଖୀ ଅର୍ଥନୀତି, ନିଜର ଯୋଜନା ଓ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରିବାର ଆବଶ୍ୟକତା ରହିଛି। ଗତ ସାତ ଦଶନ୍ଧି ମଧ୍ୟରେ ଭାରତ ସବୁବର୍ଗ ଓ ଶ୍ରେଣୀର ଲୋକଙ୍କୁ ଆର୍ଥିକ ସଶକ୍ତୀକରଣର ସୁଯୋଗ ଦେବାକୁ ରଣନୀତି ଓ କୌଶଳମାନ ପ୍ରସ୍ତୁତ କରି ତଦନୁସାରେ କାର୍ଯ୍ୟକ୍ରମ ତିଆରି କରିଛି। ଏହା ସତ୍ତ୍ୱେ ସବୁ ବର୍ଗର ଲୋକ ଏହାର ସୁଯୋଗ ନେଇପାରୁନାହାନ୍ତି। ଯେଉଁ ଅତି ଦୁର୍ବଳ ଓ ବଞ୍ଚିତବର୍ଗର ଲୋକେ ଏହି ସାମାଜିକ ଓ ଆର୍ଥିକ ସୋପାନ ଚଢ଼ିବାକୁ ଆବଶ୍ୟକ ସାମାଜିକ ପୁଞ୍ଜି ଅଭାବର ସମ୍ମୁଖୀନ ସେମାନଙ୍କୁ ଏଥିପାଇଁ ସୁଯୋଗ ସୁବିଧା ଯୋଗାଣର ଆବଶ୍ୟକତା ରହିଛି। ଅନେକ କ୍ଷେତ୍ରରେ ସଂଖ୍ୟାଲଘୁ ବର୍ଗ, ଶାରୀରିକ ଭିନ୍ନକ୍ଷମ ଓ ମହିଳା ସାମାଜିକ କୁସଂସ୍କାର ଏବଂ ଅନ୍ୟ କେତେକ କାରଣରୁ ପାତରଅନ୍ତରର ସମ୍ମୁଖୀନ ହୋଇଥାନ୍ତି। ଭିନ୍ନକ୍ଷମମାନେ ଅଧିକାଂଶ ସମୟରେ ଅମାନବୀୟ ସ୍ଥିତିରେ କାଳାତିପାତ କରନ୍ତି। ଆହୁରି ମଧ୍ୟ ବିଭିନ୍ନ ସାମାଜିକ ଗୋଷ୍ଠୀ ମଧ୍ୟରେ ପାତରଅନ୍ତର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଏମାନଙ୍କ ମଧ୍ୟରେ ଥିବା ମହିଳା ଓ ଭିନ୍ନକ୍ଷମଙ୍କ ଅବସ୍ଥା ଆହୁରି ଶୋଚନୀୟ। ଉଦାରୀକରଣ ଓ ଅର୍ଥନୈତିକ ବିକାଶ ପ୍ରକ୍ରିୟା ଦେଶରେ କାର୍ଯ୍ୟକାରୀ ହେବାର ବେଶ୍ କିଛି ଦିନ ପରେ ମଧ୍ୟ ସମାଜର ସବୁ ଶ୍ରେଣୀ ଓ ବର୍ଗଙ୍କୁ ସଫଳ ଓ ସୁଯୋଗର ଲାଭ ଉଠାଇବାର ସମାନ ସୁବିଧା ମିଳିପାରିନାହିଁ। ଅତଏବ ସମାବେଶୀ ବିକାଶ ଏବେ ମଧ୍ୟ ଏକ ସୁଦୂର ପରାହତ ସ୍ୱପ୍ନ ହୋଇରହିଛି।**





ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି ।

୧୯୯୦ ପରେ ଆର୍ଥିକ ସଂସ୍କାର କାଳରେ ଭାରତରେ ଅବହେଳିତ ବର୍ଗର ଉଦ୍ୟୋଗୀମାନଙ୍କର ଉଦ୍‌ଭବ ବିକ୍ଷିପ୍ତ ଭାବେ ହୋଇଥିଲା । ଏହା ସତ୍ତ୍ୱେ ସେସବୁ ଉଦ୍ୟୋଗୀ ଓ ଉଦ୍ୟୋଗ ସମୁହର ବିକାଶ ସନ୍ତୋଷଜନକ ନୁହେଁ । ତୁଳନାତ୍ମକଭାବେ ଅନ୍ୟାନ୍ୟ ଅନଗ୍ରସର ବର୍ଗ, ଉଚ୍ଚବର୍ଗ ଓ ପାରମ୍ପରିକ ବ୍ୟବସାୟୀ ବର୍ଗଙ୍କର ଉଦ୍ୟୋଗ ବିକାଶ ଏହି ସମୟରେ ଉଲ୍ଲେଖନୀୟ ହୋଇଛି । ତଫସିଲଭୁକ୍ତ ଜାତି ଓ ଉପଜାତିର ଉଦ୍ୟୋଗୀମାନେ ଏବେ ମଧ୍ୟ ନାନାବିଧ ସମସ୍ୟାର ସମ୍ମୁଖୀନ । ସେମାନେ ବ୍ୟବସାୟ ଓ ଉଦ୍‌ଯୋଗରେ ଅନ୍ୟାନ୍ୟ ବର୍ଗ ସହ ପ୍ରତିଯୋଗିତା କରିପାରୁନାହାନ୍ତି । ଏହି ବର୍ଗର ଉଦ୍‌ଯୋଗୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ ଦଳିତ ଶିଳ୍ପ ସଂଘ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ସେମାନଙ୍କୁ ସଂଘ ପକ୍ଷରୁ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଉଛି ।

ସରକାର ମଧ୍ୟ ଏହି ବର୍ଗର ଉଦ୍ୟୋଗୀଙ୍କ ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଷ୍ଟାର୍ଟଅପ୍ ଇଣ୍ଡିଆ, ଷ୍ଟାଣ୍ଡଅପ୍ ଇଣ୍ଡିଆ, ମୁଦ୍ରାଯୋଜନା ଓ ଗ୍ରାମ୍ୟ ଉଦ୍‌ଯୋଗ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ବର୍ଗର ଉଦ୍ୟୋଗୀଙ୍କୁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଯୋଗାଇଦିଆଯାଉଛି । ନିମ୍ନରେ ସେ ସମ୍ପର୍କରେ ବିଶଦ ଆଲୋଚନା କରାଯାଇଛି ।

**(କ) ଷ୍ଟାର୍ଟଅପ୍ ଇଣ୍ଡିଆ କାର୍ଯ୍ୟକ୍ରମ :** ଏହି ଯୋଜନାରେ ସରକାର ଉଦ୍‌ଯୋଗ ବିକାଶ ପାଇଁ ୧୦ହଜାର କୋଟି ଟଙ୍କାର ଏକ ପାଣ୍ଠି ଗଠନ କରିଛନ୍ତି । ଏଥିରେ ନୂଆ ଉଦ୍ୟୋଗଗୁଡ଼ିକୁ ଚାରିବର୍ଷ ପାଇଁ ଆର୍ଥିକ ସହାୟତା ଯୋଗାଇଦିଆଯାଉଛି । ସିଡ୍‌ବି ଜରିଆରେ ନୂଆ କମ୍ପାନୀ ବା ଉଦ୍ୟୋଗକୁ ଏହି ପାଣ୍ଠିରୁ ଅର୍ଥ ଯୋଗାଣର ବ୍ୟବସ୍ଥା ହୋଇଛି । ଏ ପର୍ଯ୍ୟନ୍ତ ବିଭିନ୍ନ ନୂଆ ଉଦ୍ୟୋଗକୁ ୬୦୦ କୋଟି ଟଙ୍କା ଯୋଗାଇଦିଆଯାଇଛି । ପ୍ରାୟ ୭୫ଟି ଉଦ୍ୟୋଗ ଏହାଦ୍ୱାରା ଉପକୃତ ହୋଇଛନ୍ତି । ଏହା ସହିତ ୭୪ଟି ଉଦ୍ୟୋଗକୁ ଆୟକର ମୁକ୍ତ କରାଯାଇଛି । ଷ୍ଟାର୍ଟଅପ୍ ଇଣ୍ଡିଆ କାର୍ଯ୍ୟକ୍ରମ ଏ ପର୍ଯ୍ୟନ୍ତ ପୂରା ଦମ୍‌ରେ କାର୍ଯ୍ୟକାରୀ ହୋଇନାହିଁ । ତେଣୁ ଏହାର ପ୍ରଭାବ ଆଗ୍ରହୀ ଯୁବ ଉଦ୍ୟୋଗୀଙ୍କ ଉପରେ ବିଶେଷ ପଡ଼ିନି । ଏଥିପାଇଁ ଯୁବବର୍ଗଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଏକ ଭର୍ଚୁଆଲ ଷ୍ଟାର୍ଟଅପ୍ ଇଣ୍ଡିଆ ହବ୍ ଖୋଲାଯାଇଛି । ଏହା ମାଧ୍ୟମରେ ଦେଶର ୧,୮୯,୦୦୦ବ୍ୟକ୍ତି ବିଶେଷଙ୍କୁ ଉଦ୍ୟୋଗସ୍ଥାପନ ସଂକ୍ରାନ୍ତ ଶିକ୍ଷଣୀୟ ମଡେଲ ଓ ଡିଜାଇନ ଯୋଗାଇ ଦିଆଯାଇଛି । ଏହାର ପ୍ରଭାବ ସେପରି ଉଲ୍ଲେଖନୀୟ ହୋଇ ନ ଥିଲେ ମଧ୍ୟ ଏହା ଯୁବବର୍ଗଙ୍କ ମଧ୍ୟରେ ଉଦ୍ୟୋଗ ସ୍ଥାପନ ପାଇଁ ଏକ ଗଠନମୂଳକ ବାତାବରଣ ସୃଷ୍ଟି କରିଛି । ୧୫ହଜାର ବ୍ୟକ୍ତି ଏହି ହବ୍ ସହ ପଞ୍ଜୀକୃତ ହୋଇଛନ୍ତି ଏବଂ ୭୫,୬୪୩ଜଣ ବିଭିନ୍ନ ପ୍ରସଙ୍ଗ ପଚାରିବୁଝିଛନ୍ତି ।

**(ଖ) ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନା :** ଏହି କାର୍ଯ୍ୟକ୍ରମରେ ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକଙ୍କୁ ଉଦ୍ୟୋଗ ସ୍ଥାପନ ପାଇଁ ଋଣ ଦେବାକୁ ୧.୨୫ଲକ୍ଷ ବ୍ୟାଙ୍କ ଶାଖାକୁ ପ୍ରୋତ୍ସାହିତ କରାଯାଉଛି । ଏହି ବର୍ଗର ଆଗ୍ରହୀ ଉଦ୍ୟୋଗୀ ଓ

ଜଣେ ମହିଳାଙ୍କୁ ୧୦ଲକ୍ଷରୁ ଏକ କୋଟି ଟଙ୍କା ଲେଖାଏଁ ଋଣ ଯୋଗାଇ ଦେବାକୁ ସଂପୃକ୍ତ ବ୍ୟାଙ୍କ ଶାଖାଗୁଡ଼ିକୁ କୁହାଯାଇଛି। ଏହିବର୍ଗର ଯେଉଁମାନଙ୍କର ଉଦ୍ୟୋଗ ଅଛି ସେମାନଙ୍କୁ ଋଣ ଗ୍ୟାରେଣ୍ଟି ସୁବିଧା ପ୍ରଦାନର ବ୍ୟବସ୍ଥା କରାଯାଇଛି। ଏହା ଫଳରେ ପ୍ରାୟ ୨.୫ଲକ୍ଷ ଉଦ୍ୟୋଗୀ ଉପକୃତ ହେବେ। ସମାଜର ତଳସ୍ତର ବିଶେଷ କରି ଗ୍ରାମାଞ୍ଚଳରେ ଉଦ୍ୟୋଗ ବିକାଶ ପାଇଁ ଏହି ଯୋଜନା ମୂଳତଃ ଉଦ୍ଦିଷ୍ଟ। ଏପର୍ଯ୍ୟନ୍ତ ଏହି ଯୋଜନାରେ ୬୦୭୯୫ ଆବେଦନପତ୍ର ମିଳିଛି। ସେମାନେ ଯୋଗ୍ୟ ବିବେଚିତ ହେଲେ ୧୩୨୧୭ କୋଟି ଟଙ୍କାର ଋଣ ସୁବିଧା ପାଇବେ।

**(ଗ) ମୁଦ୍ରାଯୋଜନା (ପ୍ରଧାନମନ୍ତ୍ରୀ ମୁଦ୍ରାଯୋଜନା):** ମାଇକ୍ରୋ ୟୁନିଟସ୍ ଡେଭେଲପ୍‌ମେଣ୍ଟ୍ ଆଣ୍ଡ୍ ରିଫାଇନାନ୍ସ ଏଜେନ୍ସି (ମୁଦ୍ରା) ଷ୍ଟାଣ୍ଡ୍‌ଅପ୍ ଇଣ୍ଡିଆ କାର୍ଯ୍ୟକ୍ରମର ଆର୍ଥିକ କାର୍ଯ୍ୟନିର୍ବାହୀ ସଂସ୍ଥା। ଯେଉଁସବୁ ସଂସ୍ଥା ଅତି କ୍ଷୁଦ୍ର ଶିଳ୍ପ ସଂସ୍ଥାଙ୍କୁ ଋଣ ଯୋଗାଉଛନ୍ତି ସେସବୁକୁ ମୁଦ୍ରା ସଂସ୍ଥାଦ୍ୱାରା ପାଣ୍ଠି ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି। ଏହାଛଡ଼ା ଏହି ଯୋଜନାରେ ଅତିକ୍ଷୁଦ୍ର ଉଦ୍ୟୋଗକୁ ଋଣ ଗ୍ୟାରେଣ୍ଟି ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଯେଉଁମାନେ ଋଣ ପରିଶୋଧ କରିପାରୁ ନାହାନ୍ତି ସେମାନଙ୍କୁ ମଧ୍ୟ ସାହାଯ୍ୟ ସହଯୋଗ 'ମୁଦ୍ରା'ଯୋଗାଇଦେଉଛି। ଅତିକ୍ଷୁଦ୍ର ସଂସ୍ଥାକୁ ଦିଆଯାଉଥିବା ଋଣକୁ ଶିଶୁ, କିଶୋର ଓ ତରୁଣ ଏଭଳି ତିନି ଭାଗରେ ବିଭକ୍ତ କରାଯାଇଛି। ଏହି ଯୋଜନାରେ ଇତିମଧ୍ୟରେ ୧୨କୋଟି ହିତାଧିକାରୀଙ୍କୁ ୬ ଟ୍ରିଲିୟନ ଟଙ୍କା ଯୋଗାଇ ଦିଆଯାଇଛି। ସେଥିମଧ୍ୟରୁ ୨୮ ଶତାଂଶ ବା ୩.୨୫ କୋଟି ପ୍ରଥମ କରି ଉଦ୍ୟୋଗ ଆରମ୍ଭ କରିଛନ୍ତି। ଉଲ୍ଲେଖନୀୟ ହେଲା ଏହି ଯୋଜନାରେ ୯କୋଟି ଋଣ ଗ୍ରହିତା ମହିଳା ଓ ୫୫ଶତାଂଶ ତଫସିଲଭୁକ୍ତ ଜାତି, ଉପଜାତି ଓ ଅନ୍ୟାନ୍ୟ ଅନଗ୍ରସର ବର୍ଗର ହିତାଧିକାରୀ ଅଛନ୍ତି। ତିନି ବର୍ଷ ମଧ୍ୟରେ ଏହି ଯୋଜନାରେ ସମାଜର ତଳସ୍ତରର ଲୋକଙ୍କୁ ସଶକ୍ତ କରିବାକୁ ଉଦ୍ୟମ ହୋଇଛି।


୨୦୧୪-୧୫ ବଜେଟରେ ଷ୍ଟାର୍ଟଅପ୍ ଗ୍ରାମ୍ୟ ଉଦ୍‌ଯୋଗୀ ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଯାଇଥିଲା। ଗ୍ରାମାଞ୍ଚଳର ଯୁବକଯୁବତୀଙ୍କୁ ଆତ୍ମନିଯୁକ୍ତି ମାଧ୍ୟମରେ ସବଳ କରିବା ଏହାର ଲକ୍ଷ୍ୟ। ସେଥିପାଇଁ ସରକାର ଆର୍ଥିକ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି। ସମାବେଶୀ ବିକାଶ ପ୍ରକ୍ରିୟାରେ ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବା ଏହାର ଅନ୍ୟତମ ଲକ୍ଷ୍ୟ। ଏହି ଯୋଜନାର ଉପଯୋଜନା ଭାବେ ଜାତୀୟ ଜୀବିକା ମିଶନ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟକାରୀ ହେଉଛି। ଗତ ଚାରିବର୍ଷ ମଧ୍ୟରେ ଷ୍ଟାର୍ଟଅପ୍ ଗ୍ରାମ୍ୟ ଉଦ୍‌ଯୋଗୀ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର ୨୪ଟି ରାଜ୍ୟର ୧୨୫ ବ୍ଲକରେ ୧.୮୨ ଲକ୍ଷ ଗ୍ରାମୋଦ୍ୟୋଗକୁ ସଶକ୍ତ କରାଯାଇଛି। ଏହା ଫଳରେ ୩.୭୮ ଲକ୍ଷ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି।

**ଉପସଂହାର:**

ଏହା ନିଃସନ୍ଦେହରେ କୁହାଯାଇପାରେ ଯେ ଦେଶର ବଞ୍ଚିତ ଓ ଅତ୍ୟନ୍ତ ଅବହେଳିତ ବର୍ଗଙ୍କ ଔଦ୍ୟୋଗିକ ବିକାଶ ପାଇଁ ସରକାର ଯେଉଁସବୁ ଯୋଜନା ହାତକୁ ନେଇଛନ୍ତି ତାହାଦ୍ୱାରା ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ବହୁମୁଖୀ ବିକାଶ ସାଧିତ ହୋଇପାରିବ। ଏହାଦ୍ୱାରା



ସାମାଜିକ ପାତରଅନ୍ତର ଓ ଅନ୍ୟାନ୍ୟ ବାଛବିଚାରମୂଳକ ବ୍ୟବସ୍ଥାର ଅବସାନ ଘଟିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ମହତ୍ ଉଦ୍ଦେଶ୍ୟ ବହନ କରୁଥିବା ଏସବୁ ଯୋଜନାର ସଫଳ ରୂପାୟନ ପାଇଁ ଏହାର ନିୟମିତ ତଦାରଖ, ମୂଲ୍ୟାୟନ ଲୋଡ଼ା। ସ୍ୱୟଂସହାୟକ ଗୋଷ୍ଠୀ ଆତ୍ମନିଯୁକ୍ତି ଓ ସଶକ୍ତୀକରଣର ଏକ ସଫଳ ଉଦାହରଣ। ଏହି ଗୋଷ୍ଠୀ ମାଧ୍ୟମରେ ଅନଗ୍ରସର ବର୍ଗଙ୍କର ଅଶେଷ କଲ୍ୟାଣ ସାଧିତ ହୋଇପାରିବ। ସେମାନେ ଅସଂଖ୍ୟ ଉଦ୍‌ଯୋଗୀଙ୍କୁ ସୃଷ୍ଟି କରିପାରିବେ। ବଞ୍ଚିତବର୍ଗଙ୍କ ମଧ୍ୟରେ ଜୀବିକାର୍ଜନର ଦକ୍ଷତା ବଢ଼ାଇବାକୁ ନୂଆ କୌଶଳ ଉପଯୋଗ କରିବାକୁ ହେବ। ସେମାନେ ସବଳ ଓ ସମର୍ଥ ହେଲେ ଆତ୍ମନିଯୁକ୍ତି ମାଧ୍ୟମରେ ରୋଜଗାର କରିବା ସହ ଅନ୍ୟମାନଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇପାରିବେ। ଏହା ମଧ୍ୟ ବିନିଯୋଗ ହୋଇ ନ ଥିବା ଦେଶର ସମ୍ବଳର ଉପଯୁକ୍ତ ଉପଯୋଗ ପାଇଁ ରାସ୍ତା ଫିଟାଇବ।






ଲେଖକ ଭାରତୀୟ ଉଦ୍‌ଯୋଗ ବିକାଶ ପ୍ରତିଷ୍ଠାନର ନିର୍ଦ୍ଦେଶକ।

# ବୟସ ବୃଦ୍ଧି- ଏକ ଅନୁଭୂତି

ଡକ୍ଟର ସିଲୁ ଶ୍ରୀନିବାସନ

ବୟସ ବୃଦ୍ଧି ସହିତ ଉତ୍ପାଦନ କ୍ଷମତାର ସାମଞ୍ଜସ୍ୟ ପାଇଁ ଦୈହିକ ଓ ମାନସିକ କାର୍ଯ୍ୟକଳାପ ଭିତରେ ସମନ୍ୱୟ ଆବଶ୍ୟକ। ବୟସ ବୃଦ୍ଧି ସହିତ ହେଉଥିବା ଅଧିକାଂଶ ମାନସିକ କାର୍ଯ୍ୟକଳାପର ଅବକ୍ଷୟକୁ ରୋକାଯାଇପାରିବ। ଏହି କ୍ଷେତ୍ରରେ CENEGENICS ହେଉଛି ଏକ ନୂତନ ସମାଧାନ, ଯାହା ଲସ୍ ଭେଗାସ୍ ଭଳି ସହରଗୁଡ଼ିକରେ ଏହାର ବ୍ୟବହାରକାରୀଙ୍କୁ AMORTALITY ବା 'ବୟସ ନିରପେକ୍ଷ କର୍ମପ୍ରବଣତା' ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥାଏ। ବାର୍ଦ୍ଧକ୍ୟ ଓ ସ୍ନାୟବିକ ମନସ୍ତତ୍ୱ କ୍ଷେତ୍ରରେ ହୋଇଥିବା ଗବେଷଣାରୁ ଜଣାପଡ଼େ ଯେ ମାନସିକ କାର୍ଯ୍ୟକଳାପ ଯୋଗୁଁ ନ୍ୟୁରନ୍‌ଗୁଡ଼ିକରେ ନୂଆ ନୂଆ ଡେନ୍‌ଡ୍ରାଇଟ୍ ବିକଶିତ ହୋଇଥାନ୍ତି, ଯଦ୍ୱାରା ଅନ୍ୟ ନ୍ୟୁରନ୍‌ଗୁଡ଼ିକ ସହ ଯୋଗାଯୋଗ ସମ୍ଭବ ହୋଇଥାଏ। ଅନ୍ୟପକ୍ଷରେ ମସ୍ତିଷ୍କ ଅଳସୁଆ ହେଲେ ଏହି ଡେନ୍‌ଡ୍ରାଇଟ୍‌ଗୁଡ଼ିକ ଲୋପ ପାଇଯାଇଥାଆନ୍ତି। ସାଧାରଣ ଭାବରେ କହିବାକୁ ଗଲେ ଯଦି ଜଣେ ବ୍ୟକ୍ତି ସମସ୍ୟା ସମାଧାନ କରିବା ପରିତ୍ୟାଗ କରନ୍ତି, ତେବେ ସେ କୌଣସି ସମସ୍ୟାର ସମାଧାନ କରିପାରିବେ ନାହିଁ। ତେଣୁ ସର୍ବଦା କର୍ମଚଞ୍ଚଳ ରହିବା ଆବଶ୍ୟକ। ଏମିତି ହେଲେ ବୟସ ବୃଦ୍ଧିଜନିତ ସମସ୍ୟା ରହିବ ନାହିଁ। ଏହା ନିଜ ହାତରେ।

ବୟସ ବୃଦ୍ଧି ସହ ଏକ ଗୁଣବତ୍ତା ସମ୍ପନ୍ନ ଜୀବନ ଜୀଇଁବା ପାଇଁ ଅନେକ ଗବେଷଣା ହୋଇଛି ଓ ଅନେକ ସିଦ୍ଧାନ୍ତ ପ୍ରତିପାଦିତ ହୋଇଛି। ସେଗୁଡ଼ିକ ମଧ୍ୟରେ କେତୋଟି ହେଉଛି- ଓ୍ୱେର୍ ଆଣ୍ଡ୍ ଟିଅର୍ ଥିଓରୀ, ଜେନେଟିକ୍ କଣ୍ଟ୍ରୋଲ୍ ଥିଓରୀ, ଫ୍ରି ରେଡିକାଲ୍ ଥିଓରୀ, ଓ୍ୱେଷ୍ଟ୍ ଆକ୍ୟୁମୁଲେସନ୍ ଥିଓରୀ, ପ୍ରଡକ୍ଟିଭ୍ ଏଜିଂ ଥିଓରୀ ଇତ୍ୟାଦି। ଏସବୁଥିରୁ ଆହରିତ ଜ୍ଞାନ ମାଧ୍ୟମରେ ବୟସାଧିକ୍ୟର ବିଯୁକ୍ତାତ୍ମକ ପ୍ରଭାବଗୁଡ଼ିକୁ ପ୍ରତିହତ କରାଯାଇପାରେ ଓ ନିଜକୁ କର୍ମଚଞ୍ଚଳ ରଖାଯାଇପାରେ। ବୟସ ବୃଦ୍ଧି ସମ୍ପର୍କିତ ଗବେଷଣାଲବ୍ଧ ତଥ୍ୟକୁ ନେଇ ମୁଁ ନିଜେ ଅତି ଉତ୍ସାହିତ ହୋଇପଡ଼େ।

ଗତ ଦଶନ୍ଧି ମଧ୍ୟରେ ଏ ସମ୍ପର୍କିତ ଗବେଷଣାରୁ ଅନେକ ତଥ୍ୟ ମିଳିଛି। ଉଦାହରଣ ସ୍ୱରୂପ ଗୋଟିଏ ପ୍ରକାରର ଜିନ୍ ପରିବର୍ତ୍ତନ କଲେ ପଶୁମାନଙ୍କ ବାର୍ଦ୍ଧକ୍ୟକୁ ପ୍ରତିହତ କରି ସେମାନଙ୍କ 'ଯୌବନ'କୁ ବିସ୍ତାରିତ କରାଯାଇପାରେ। ମଣିଷମାନଙ୍କ କ୍ଷେତ୍ରରେ ଏଭଳି କରାଗଲେ ଜଣେ ୯୦ ବର୍ଷର ବୃଦ୍ଧ ବ୍ୟକ୍ତି ଜଣେ ୪୫ ବର୍ଷ ବୟସ୍କ ବ୍ୟକ୍ତି ଭଳି ଦେଖାଯିବ ଓ ନିଜକୁ ସେହିଭଳି ଅନୁଭବ କରିପାରିବ। ଏହି ପୃଷ୍ଠଭୂମିରେ ଆମେ ବୟସ ବୃଦ୍ଧିକୁ ଏକ ବ୍ୟାଧି ଭାବେ ବିବେଚନା କରୁ ଓ ଏହାର ନିଦାନ ପାଇଁ କିମ୍ବା ଏହାକୁ ପ୍ରତିହତ କରିବା ପାଇଁ ଚିନ୍ତା କରୁ। ଏ ଦିଗରେ ଆହୁରି ଗବେଷଣା ଜାରିରହିଛି। କାରଣ ପ୍ରତ୍ୟେକ ବ୍ୟକ୍ତି ଏହାକୁ ନେଇ ବେଶ୍ ଉତ୍ସାହିତ। ବୟସ ବୃଦ୍ଧି ଓ ତତ୍‌ସମ୍ପର୍କିତ ପ୍ରଚଳିତ ଧାରଣା ସମୂହକୁ ଜ୍ଞାନ ମାଧ୍ୟମରେ ପ୍ରତିହତ କରାଯାଇପାରେ।



ପାଶ୍ଚାତ୍ୟ ଦେଶଗୁଡ଼ିକରେ ଏ ଦିଗରେ ଯଥେଷ୍ଟ କାର୍ଯ୍ୟ କରାଯାଉଛି। ଭାରତ କିନ୍ତୁ ଏବେ ମଧ୍ୟ ଖାଦ୍ୟ, ବାସଗୃହ, ସ୍ୱାସ୍ଥ୍ୟସେବା, ବୀମା, ଆୟ ସୁରକ୍ଷା ଆଦି ସମସ୍ୟାଘେରରେ ରହିଛି। ତେବେ ଏହାସତ୍ତ୍ୱେ ମଧ୍ୟ ବେସରକାରୀ ସଂଗଠନଗୁଡ଼ିକ ପାଇଁ ଅନ୍ୟ ବିଷୟବସ୍ତୁ ସମ୍ପର୍କରେ କାର୍ଯ୍ୟ କରିବାର ସୁଯୋଗ ରହିଛି। ଏହି ଲେଖାଟିରେ ମୁଁ ସେହି ବିଷୟବସ୍ତୁ ଉପରେ ଆଲୋଚନା କରିଛି।

ଯେଉଁ ସମାଜରେ ବାର୍ଦ୍ଧକ୍ୟକୁ ନେଇ ଏତେ ପରିମାଣର ବିପରୀତଧର୍ମୀ ତତ୍ତ୍ୱ ରହିଛି ଏବଂ ଯେଉଁଠାରେ ବୟସ୍କମାନେ ଭେଦଭାବର ଶିକାର ହେଉଛନ୍ତି, ସେହିଭଳି ଏକ ସମାଜରେ ଜଣେ ବ୍ୟକ୍ତି ପ୍ରକୃତରେ କ'ଣ କରିପାରିବ? ଏହା ହିଁ ହେଉଛି ମୂଳ ସମସ୍ୟା। ଉଦାହରଣ ସ୍ୱରୂପ ୮୧ ବର୍ଷ ବୟସ୍କ ଜଣେ ବ୍ୟକ୍ତି ଇ. ଏ. ଆବ୍ରାହମ୍ ଏକ ସ୍ଥାନୀୟ କଲେଜରେ ସଂସ୍କୃତ ପାଠ୍ୟକ୍ରମ ପାଇଁ ଭର୍ତ୍ତି ହେବା ସକାଶେ ପ୍ରୟାସ କରି ହନ୍ତସନ୍ତ ହେବା ଘଟଣାକୁ ବିଚାର କରାଯାଇପାରେ। ତାଙ୍କର ବୟସାଧିକ୍ୟ ଯୋଗୁଁ ତାଙ୍କୁ କୌଣସି ମହାବିଦ୍ୟାଳୟରେ ନାମ ଲେଖିବାର ସୁଯୋଗ ମିଳିଲା ନାହିଁ। ତେଣୁ ସେ ବାଧ୍ୟ ହୋଇ ମୁମ୍ବାଇର ଏକ ବିଶ୍ୱବିଦ୍ୟାଳୟ ଅଧିନରେ ପିଏଚ୍‌ଡି କରିବା ପାଇଁ ସ୍ଥିର କଲେ, କାରଣ ଏ କ୍ଷେତ୍ରରେ ବୟସ ସୀମା ନଥାଏ। ତାଙ୍କୁ ଯେତେବେଳେ ୭୫ ବର୍ଷ ବୟସ, ସେତେବେଳେ ସେ ସଂସ୍କୃତରେ ଉପାଧି ପ୍ରାପ୍ତ କରିଥିଲେ।

ବୟସ ବୃଦ୍ଧି ଓ କାର୍ଯ୍ୟକ୍ଷମତା ସମ୍ପର୍କରେ ମାସିକ ପତ୍ରିକା 'ଡିଗ୍‌ନିଟୀ ଡାଇଲଗ୍'ରେ ବୟସ ବୃଦ୍ଧି ଯୋଗୁଁ ବହୁ ବୟସ୍କ ବ୍ୟକ୍ତି ସୁଯୋଗ ହରାଇଥିବାର ଉଦାହରଣ ଦିଆଯାଇଛି। ଏଥିରେ ପତ୍ରିକାର ପାଠକ/ପାଠିକମାନେ ଏହାକୁ ନେଇ ନିଜ ନିଜ ହତାଶାବୋଧ, ଦୁଃଖ, ବିଶ୍ୱାସଘାତକତା ଆଦି ଜନିତ ପ୍ରତିକ୍ରିୟା ମଧ୍ୟ ପ୍ରକାଶ କରିଛନ୍ତି।

ୟୁରୋପ ଓ ଜାପାନ ଭଳି ବର୍ତ୍ତମାନ ଭାରତରେ ମଧ୍ୟ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେଣୁ ଭାରତରେ ଏମାନଙ୍କ ପାଇଁ ଆବଶ୍ୟକ ଢାଞ୍ଚାଗତ ବ୍ୟବସ୍ଥା ସୃଷ୍ଟି କରିବା ଏକ ଆହ୍ୱାନ ହୋଇପଡ଼ିଛି। ମୋର ବ୍ୟକ୍ତିଗତ ଅଭିଜ୍ଞତା ହେଉଛି ଯେ, ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ବୟୋଜ୍ୟେଷ୍ଠମାନଙ୍କ ଅବସରବିନୋଦନ, ବିଶ୍ରାମ, ଛୁଟି କଟାଇବା, ସୁସ୍ୱାଦୁ ଖାଦ୍ୟ ଓ ମଉଜ ମଜଲିସ୍ ଆଦି ଉପରେ ଧ୍ୟାନ ଦିଆଯାଉଥିବାବେଳେ ଭାରତରେ କିନ୍ତୁ ବୟସ୍କ ବ୍ୟକ୍ତିମାନେ ଉତ୍ପାଦନକ୍ଷମ ରହିବାକୁ ପସନ୍ଦ କରୁଛନ୍ତି। ଭାରତୀୟ ବୟୋବୃଦ୍ଧମାନେ ସମାଜ ସେବା କାର୍ଯ୍ୟ କରିବାକୁ ମଧ୍ୟ ଆଗଭର ହେଉଛନ୍ତି। ଦେଶର ଅବସରପ୍ରାପ୍ତ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ମଉଜ ମଜଲିସ୍‌ରେ ନିଜ ସମୟ ବିତାଇବା ଅପେକ୍ଷା କୌଣସି ଉଦ୍ଦେଶ୍ୟପୂର୍ଣ୍ଣ ଓ ମହତ୍ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ପସନ୍ଦ କରିଥାନ୍ତି। ଏହାର ଏକ ଉଦାହରଣ ହେଉଛି ମୁମ୍ବାଇର ୬୬୩ ଜଣ ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ବମ୍ବେ ନଗର ନିଗମର ମିଳିତ ପ୍ରୟାସରେ ମୁମ୍ବାଇ ସହରକୁ ସ୍ୱଚ୍ଛ ରଖିବାର ପ୍ରକଳ୍ପ। ପ୍ରାତଃ ଭ୍ରମଣ ବେଳେ ସେମାନେ ନଗର ନିଗମର ଝାଡୁଦାରଙ୍କ ସହ କଥାବାର୍ତ୍ତା ହୋଇଥାନ୍ତି ଓ ସାପ୍ତାହିକ ମେଳଣ ପର୍ବରେ ବିଭିନ୍ନ ନାଗରିକ ସମସ୍ୟା ଉପରେ ଧ୍ୟାନ ଦେଇଥାନ୍ତି। ସ୍ୱାଧୀନତା ଦିବସ ପର୍ବକୁ ସେମାନେ 'ଆବର୍ଜନାରୁ ସ୍ୱାଧୀନତା ଆନ୍ଦୋଳନ' ଭାବେ ପାଳନ କରନ୍ତି। ଗୋଷ୍ଠୀ ନେତୃତ୍ୱ ମାଧ୍ୟମରେ ସେମାନେ ସ୍ଥାନୀୟ ବାସିନ୍ଦାମାନଙ୍କୁ ସ୍ୱଚ୍ଛତାର ବାର୍ତ୍ତା ଦେଇଥାନ୍ତି। ଅଳିଆ ଆବର୍ଜନାକୁ ବଚ୍ଛାବଚ୍ଛି କରି ଏକ ନିର୍ଦ୍ଦିଷ୍ଟ ପରିସର ମଧ୍ୟରେ ସେଗୁଡ଼ିକୁ ଜୈବ ଖତରେ ପରିବର୍ତ୍ତନ କରିବାର ସେମାନଙ୍କ ପ୍ରୟାସକୁ ଏକ ଉଦାହରଣ ଭାବେ ବିବେଚନା କରାଯାଇପାରେ। ପରିବେଶ ପ୍ରତି ଏହି ବୟୋଜ୍ୟେଷ୍ଠଙ୍କ ଦାୟିତ୍ୱବୋଧ ଯୋଗୁଁ ସେମାନଙ୍କ କର୍ମଚଞ୍ଚଳ ହେବାର ଆବଶ୍ୟକତା ପୂରଣ ହୋଇପାରୁଛି। ସେମାନଙ୍କ ସାମାଜିକ ଅଙ୍ଗୀକାରବଦ୍ଧତା ବଳବତ୍ତର ରହିପାରୁଛି। ସେମାନଙ୍କ ଏଭଳି ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ ଯୋଗୁଁ ବାର୍ଦ୍ଧକ୍ୟଜନିତ ଅସୁବିଧାକୁ ପ୍ରତିହତ କରିବାରେ ସେମାନେ ସକ୍ଷମ ହୋଇପାରୁଛନ୍ତି।

ମୁମ୍ବାଇର ନିସଙ୍ଗ ବୟୋଜ୍ୟେଷ୍ଠଙ୍କୁ ସାହାଯ୍ୟ କରିବା ପାଇଁ ପ୍ରାୟ ୨୦୦ ଜଣ ବୟସ୍କ ସ୍ୱେଚ୍ଛାସେବୀ ଏକ ହେଲ୍ପଲାଇନ୍ ସ୍ଥାପିତ କରିଛନ୍ତି। ଏହି ହେଲ୍ପଲାଇନ୍‌ର ଜଣେ ସ୍ୱେଚ୍ଛାସେବୀ ନର୍ଗିସ୍ ଓଲିଆ(୭୫) କୁହନ୍ତି ଯେ ବେଳେବେଳେ ବୟସ୍କ

ବ୍ୟକ୍ତିମାନେ ପ୍ରାୟ ୪୦ ମିନିଟ୍ ପର୍ଯ୍ୟନ୍ତ ନିଜ ଜୀବନର ଅନୁଭୂତି କଥା ଏହି ହେଲ୍ପଲାଇନ୍ ମାଧ୍ୟମରେ ବାଣ୍ଟିଥାନ୍ତି। ୫୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ଏହି ସ୍ୱେଚ୍ଛାସେବୀମାନେ ଅବହେଳା ଓ ଅସଦାଚରଣର ଶିକାର ବୟୋଜ୍ୟେଷ୍ଠମାନଙ୍କୁ ସହାୟତା ପ୍ରଦାନ କରିଆସୁଛନ୍ତି। ୮୫ ବର୍ଷ ବୟସ୍କ ନେତ୍ରାଣି ନାମକ ଜଣେ ବୟୋଜ୍ୟେଷ୍ଠ ସ୍ୱେଚ୍ଛାସେବୀ କୁହନ୍ତି ଯେ ଏଭଳି ସାମାଜିକ କାର୍ଯ୍ୟ ଯୋଗୁଁ ସେ ନିଜର ଏକାକୀ ପଣ ଓ ଅବସାଦକୁ ଦୂରେଇ ଦେଇପାରିଛନ୍ତି।

ବୟସ ବୃଦ୍ଧି ସହିତ ଉତ୍ପାଦନ କ୍ଷମତାକୁ ବଳବତ୍ତର ରଖିବାର ଅର୍ଥ ନୁହେଁ ଯେ ଏହା ଲାଭଜନକ ଉତ୍ପାଦନ କ୍ଷମତା ହେବା ଉଚିତ୍। ଅବସର ପରବର୍ତ୍ତୀ କାର୍ଯ୍ୟ ବା ଦ୍ୱିତୀୟ ଚାକିରି ଏପରି ହେବା ଉଚିତ୍, ଯେଉଁଥିରେ କାର୍ଯ୍ୟ ଓ ଅବସରର ଏକ ସୁନ୍ଦର ସମନ୍ୱୟ ରହିଥିବ। ଯେତେବେଳେ ଏଭଳି ଉତ୍ପାଦନ କ୍ଷମତାକୁ ଶ୍ରମ ଶକ୍ତି ପରିସର ବାହାରେ ରଖାଯାଏ, ସେତେବେଳେ ତାହା ଏକ ସାମାଜିକ ସଂଜ୍ଞା ଆହରଣ କରିଥାଏ। ପ୍ରଥମତଃ ଆନ୍ତଃପିଢ଼ି ସମାନତା ପାଇଁ ଏହା ଏକ ବଳିଷ୍ଠ ଯୁକ୍ତି। ଏହା ପ୍ରତିପାଦନ କରେ ଯେ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ପରିବାର ଓ ସମାଜ ଉପରେ କୌଣସି ବୋଝ ନୁହଁନ୍ତି। ଦ୍ୱିତୀୟତଃ, ଏହାଦ୍ୱାରା ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ଅନେକ ମନସ୍ତାତ୍ତ୍ୱିକ ଲାଭ ମିଳିଥାଏ, ସେଗୁଡ଼ିକ ହେଲା ଭଲ ସ୍ୱାସ୍ଥ୍ୟ, ପ୍ରେରଣା, ବୌଦ୍ଧିକ କାର୍ଯ୍ୟଦକ୍ଷତା ଓ ସନ୍ତୁଷ୍ଟି ଇତ୍ୟାଦି। ତୃତୀୟରେ, ଏହାର ସାମାଜିକ ପ୍ରଭାବ ମଧ୍ୟ ରହିଛି। ଯେମିତିକି ଏଭଳି ଉତ୍ପାଦନ କ୍ଷମତା ଯୋଗୁଁ ବୟୋଜ୍ୟେଷ୍ଠମାନେ ସମାଜର ଅନ୍ଧାରୁଆ ଗଳି ମଧ୍ୟକୁ ଠେଲି ହୋଇନଯାଇ ସମାଜ ସହିତ ଓତଃପ୍ରୋତ ଭାବେ ଜଡ଼ିତ ରୁହନ୍ତି।


ବୟୋଜ୍ୟେଷ୍ଠଙ୍କ ଉତ୍ପାଦନ ପ୍ରବଣତା ହେଉଛି ସେମାନଙ୍କ ପାଇଁ ଚରମ ଆତ୍ମସନ୍ତୋଷର ଏକ ମାଧ୍ୟମ। ଭାରତୀୟ ବୟୋଜ୍ୟେଷ୍ଠଙ୍କ ପାଇଁ ଧନସମ୍ପତ୍ତି ଓ ଖ୍ୟାତି ଯେତେ ବଡ଼ ନୁହେଁ, ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଆତ୍ମସମ୍ମାନ। ଉତ୍ପାଦନଶୀଳତା ଯୋଗୁଁ ସେମାନେ ଆତ୍ମସମ୍ମାନ ହାସଲ କରିପାରନ୍ତି। ଜଣେ ଆଈର କୌଣସି ଦକ୍ଷତାକୁ ନେଇ ନାତିନାତୁଣୀମାନେ ଗର୍ବ ଅନୁଭବ କରନ୍ତି। ଉତ୍ପାଦନକ୍ଷମ ପିତାମାତା ଏବଂ ଅଜା-ଆଈଙ୍କ ଠାରୁ ସନ୍ତାନସନ୍ତତିମାନେ ଯଥେଷ୍ଟ ପ୍ରେରଣା ପାଆନ୍ତି।

ବାର୍ଦ୍ଧକ୍ୟକୁ ଜୀବନର ଶେଷ ପର୍ଯ୍ୟାୟ ଭାବେ ବିଚାର କରୁଥିବା ପ୍ରାଚୀନ ଓ ମଧ୍ୟଯୁଗୀୟ ଚିନ୍ତାଧାରାରେ ବର୍ତ୍ତମାନ ପରିବର୍ତ୍ତନ ଆସିଛି। ବାର୍ଦ୍ଧକ୍ୟକୁ ବର୍ତ୍ତମାନ ଏକ ବୈଜ୍ଞାନିକ, ଧର୍ମନିରପେକ୍ଷ ଓ ବ୍ୟକ୍ତି କୈନ୍ଦ୍ରିକ ଦୃଷ୍ଟିଭଙ୍ଗୀ ସହ ତର୍ଜମା କରାଯାଉଛି। ଏକଥାଟି ଅନ୍ତତଃ ସ୍ୱାଧୀନତା ପରବର୍ତ୍ତୀ ପିଢ଼ି ପାଇଁ ବେଶ୍ ପ୍ରଯୁଜ୍ୟ।



ଅର୍ଥନୈତିକ ଦୃଷ୍ଟିକୋଣରୁ ମଧ୍ୟ ବୟୋଜ୍ୟେଷ୍ଠଙ୍କ ଉତ୍ପାଦନଶୀଳତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ୱାଲ୍‌ଷ୍ଟ୍ରିଟ୍ ଜର୍ଣ୍ଣାଲ୍ ମଧ୍ୟ ସ୍ୱୀକାର କରିଛି ଯେ- "ବାର୍ଦ୍ଧକ୍ୟ ହେଉଛି ସ୍ୱର୍ଣ୍ଣମୟ"। ଅବଶ୍ୟ ବାର୍ଦ୍ଧକ୍ୟର ଏହି ଶକ୍ତିକୁ ଭାରତରେ ଏଯାଏଁ ଉପଯୋଗ କରାଯାଇପାରିନାହିଁ। ବୀମା, ଗୃହନିର୍ମାଣ, ସ୍ୱାସ୍ଥ୍ୟ, ଅବସର ବିନୋଦନ ଓ ଅନ୍ୟାନ୍ୟ ସଂସ୍କୃତିଭିତ୍ତିକ ସେବାକାର୍ଯ୍ୟଗୁଡ଼ିକୁ ବୟୋଜ୍ୟେଷ୍ଠଙ୍କ ପାଇଁ ଉପଯୋଗୀ କରିବା ଆବଶ୍ୟକ। ସେ ସମୟ ପର୍ଯ୍ୟନ୍ତ ଉତ୍ପାଦନଶୀଳ କରାଇବାରେ ବେସରକାରୀ ସଂଗଠନଗୁଡ଼ିକର ଏକ ଗୁରୁଦାୟିତ୍ୱ ରହିଛି। ୨୦୧୧ ମସିହାରେ ମୁମ୍ବାଇ, ଚେନ୍ନାଇ, ବେଙ୍ଗାଲୁରୁ ଓ ପୁଣେଠାରେ ଡିଗ୍ନିଟୀ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ରିଟାୟରମେଣ୍ଟ ଏକ୍ସପୋର ଉଦ୍ଦେଶ୍ୟ ଥିଲା, ବୟସ୍କ ବ୍ୟକ୍ତିଙ୍କ ପାଇଁ ବିଭିନ୍ନ ସାମଗ୍ରୀ ଓ ସେବାଗୁଡ଼ିକର ବଜାର ସମ୍ଭାବନାକୁ ରେଖାଙ୍କିତ କରିବା।

ବର୍ତ୍ତମାନ ସମୟ ଆସିଛି ବୟସ୍କ ବ୍ୟକ୍ତିଙ୍କ ପାଇଁ ସରକାର ଅଧିକ ଦାୟିତ୍ୱ ନିର୍ବାହନ କରିବାର। ଅବଶ୍ୟ ଏହି ବିଷୟଟି ଅତ୍ୟନ୍ତ ଜଟିଳ ଓ ଏହାର ପରିଚାଳନା ପାଇଁ ସ୍ୱତନ୍ତ୍ର କୌଶଳ ଆବଶ୍ୟକ। ତେଣୁ ଏ ଦିଗରେ ସରକାର ଏକ ବିଶେଷଜ୍ଞ ଦଳ ଗଠନ କରିବା ଉଚିତ୍। ୧୯୯୯ ମସିହାର ବୟସ୍କ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ଜାତୀୟ ନୀତି ଏକ ଉତ୍କୃଷ୍ଟ ଦସ୍ତାବିଜ୍ ଏବଂ ଏହା ପ୍ରଗତିବାଦୀ। ତେବେ ବର୍ତ୍ତମାନ ବାର୍ଦ୍ଧକ୍ୟର ନୂଆ ନୂଆ ଦିଗଗୁଡ଼ିକ ଉନ୍ମୋଚିତ ହେବାରେ ଲାଗିଛି। ଉଦାହରଣସ୍ୱରୂପ, ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଜନସଂଖ୍ୟା ବୃଦ୍ଧିର ହାର ପ୍ରାୟ ୭୦୦%ରେ ପହଞ୍ଚିଛି। ସାଧାରଣ ଜନସଂଖ୍ୟା ବୃଦ୍ଧି ତୁଳନାରେ ବୟସ୍କ ବ୍ୟକ୍ତିଙ୍କ ଜନସଂଖ୍ୟା ବୃଦ୍ଧି ହାର ପ୍ରାୟ ୩୫୦%। ତେଣୁ ବୟସ୍କମାନଙ୍କ ବିଭିନ୍ନ ଆବଶ୍ୟକତା ପୂରଣ ପାଇଁ ଅନେକ ଯୋଜନା ପ୍ରଣୟନ କରିବା ବାଞ୍ଛନୀୟ। ଏ ଦିଗରେ ସରକାରଙ୍କ ସହ ହାତ ମିଳାଇବା ପାଇଁ ଅନେକ ସ୍ୱେଚ୍ଛାସେବୀ ସଂଗଠନ ଅପେକ୍ଷାରତ ଅଛନ୍ତି। କେରଳ, ତାମିଲନାଡୁ, ମଧ୍ୟପ୍ରଦେଶ, ହିମାଚଳପ୍ରଦେଶ ଆଦି ରାଜ୍ୟଗୁଡ଼ିକ ବୟସ୍କ ବ୍ୟକ୍ତିଙ୍କ ପାଇଁ ଅନେକ ପ୍ରଶଂସନୀୟ ଯୋଜନା ଲାଗୁ କରିଛନ୍ତି। ଏହି ରାଜ୍ୟଗୁଡ଼ିକର ଅଭିଜ୍ଞତା ଆଧାରରେ ଏ ଦିଗରେ ଅଧିକ ଉତ୍ତମ କାର୍ଯ୍ୟ କରାଯାଇପାରିବ। ଏଥିପାଇଁ ରାଜନୈତିକ ଓ ଅମଲାତାନ୍ତ୍ରିକ ଗୋଷ୍ଠୀଙ୍କୁ ସଚେତନ କରାଇବାର ଆବଶ୍ୟକତା ଅଛି। ବାର୍ଦ୍ଧକ୍ୟ ସମ୍ପର୍କିତ ନୀତି ନିର୍ଦ୍ଧାରଣରେ ବର୍ତ୍ତମାନ କେତେକ ସ୍ୱେଚ୍ଛାସେବୀ ସଂଗଠନ ଓ ବୟୋଜ୍ୟେଷ୍ଠଙ୍କ ସମୂହ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ତେବେ ଏଥିରେ ଅଧିକ ମନ୍ତ୍ରଣାଳୟଗୁଡ଼ିକର ସହଭାଗିତା ପାଇଁ ଅଧିକ ପ୍ରୟାସ ଲୋଡ଼ା। ଏଥିପାଇଁ ଏକ ପ୍ରାରମ୍ଭିକ କାର୍ଯ୍ୟ ହେଉଛି ବୟୋଜ୍ୟେଷ୍ଠଙ୍କ ସପକ୍ଷରେ ବିଭିନ୍ନ ସରକାରୀ ବିଭାଗକୁ ସଂଶ୍ଳିଷ୍ଟ କରିବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ବୟୋଜ୍ୟେଷ୍ଠଙ୍କ ସଂଘ ଆଦିକୁ ନେଇ ଏସ ସୁସଂଗଠିତ ଦଳ ଗଠନ କରିବା।



ଲେଖକ ହେଉଛନ୍ତି ଡିଗ୍ନିଟୀ ଫାଉଣ୍ଡେସନର ପ୍ରତିଷ୍ଠାତା ଅଧ୍ୟକ୍ଷ ଓ ଡିଗ୍ନିଟୀ ଡାଇଲଗ୍ ପତ୍ରିକାର ସମ୍ପାଦକ।

# ମାତୃ ସୁରକ୍ଷା

ଡକ୍ଟର ମନୀଷ ବର୍ମା, ପୂଜା ପାସି

ସହଶ୍ରାବ୍ଦ ବିକାଶ ଲକ୍ଷ୍ୟ ୫.୧ ଅନ୍ତର୍ଗତ '୧୯୯୦ ରୁ ୨୦୧୫ ମଧ୍ୟରେ ମାତୃ ମୃତ୍ୟୁହାର ଏକ ତୃତୀୟାଂଶ ହ୍ରାସ କରିବା' କ୍ଷେତ୍ରରେ ଭାରତ ଏକ ଉଲ୍ଲେଖନୀୟ ଉପଲବ୍ଧି ହାସଲ କରିପାରିଛି। ସଦ୍ୟତମ 'ନମୁନା ପଞ୍ଜୀକରଣ ବ୍ୟବସ୍ଥା'ର ତଥ୍ୟ ଅନୁଯାୟୀ ବର୍ତ୍ତମାନ ଭାରତର ମାତୃ ମୃତ୍ୟୁ ଅନୁପାତ ୧ ଲକ୍ଷ ଜୀବନ୍ତ ଶିଶୁ ଜନ୍ମରେ ୧୩୦ ରହିଛି। ୨୦୧୧-୧୩ରେ ଏହି ଅନୁପାତ ଯାହା ୧ ଲକ୍ଷ ଜୀବନ୍ତ ଶିଶୁ ଜନ୍ମରେ ୧୯୭ ଥିଲା, ସେଥିରେ ୩୭% ହ୍ରାସ ଘଟିଛି।

ଏହି ସହଶ୍ରାବ୍ଦ ବିକାଶ ଲକ୍ଷ୍ୟ ହାସଲ କେମିତି କରାଯାଇପାରିଲା, ତାହା ଜାଣିବା ପୂର୍ବରୁ ଆମକୁ ମାତୃ ମୃତ୍ୟୁହାର କ'ଣ ଓ ଏହାର ତାତ୍ପର୍ଯ୍ୟ ବୁଝିବାକୁ ପଡ଼ିବ। ମାତୃ ମୃତ୍ୟୁହାର ହେଉଛି କୌଣସି ଏକ ନିର୍ଦ୍ଦିଷ୍ଟ ବର୍ଷରେ ଗର୍ଭବସ୍ଥାଜନିତ କୌଣସି କାରଣରୁ ଏବଂ ଗର୍ଭପାତର ୪୨ ଦିନ ମଧ୍ୟରେ ପ୍ରତି ୧ ଲକ୍ଷ ଜୀବନ୍ତ ଶିଶୁ ଜନ୍ମରେ ମୃତ୍ୟୁରେ ପଡୁଥିବା ମା'ମାନଙ୍କ ସଂଖ୍ୟା। ଏହା ହେଉଛି ଏକ ଅନୁପାତ, ହାର ନୁହଁ। ମୃତ୍ୟୁହାର ଗଣନା କ୍ଷେତ୍ରରେ ୧୪ରୁ ୪୫ ବର୍ଷ ବୟସ୍କ ଓ ପ୍ରଜନନକ୍ଷମ ଜନନୀମାନଙ୍କୁ ହିସାବକୁ ନିଆଯାଇଥାଏ। ଏହି ଗଣନା ସମୟରେ କେବଳ ଗର୍ଭଜନିତ ବିପଦ ସମୂହକୁ ବିଚାରକୁ ନିଆଯାଏ। ସମ୍ପୃକ୍ତ ମା'ଟିର ପ୍ରଜନନ କ୍ଷମତାକୁ ବିଶ୍ଳେଷଣ ମଧ୍ୟକୁ ନିଆଯାଏ ନାହିଁ। ତେବେ ମାତୃ ମୃତ୍ୟୁହାରର ବିଶେଷତ୍ୱ କ'ଣ? ଏହା ହେଉଛି ସମଗ୍ର ଜାତୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଏକ ପ୍ରତିଫଳନ ଓ ଏହାଦ୍ୱାରା ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଥିବା ବିଭିନ୍ନ ଅବ୍ୟବସ୍ଥା ସମ୍ପର୍କରେ ସମ୍ୟକ ଧାରଣା ହାସଲ କରିହୁଏ। ଏତଦ୍‌ବ୍ୟତୀତ ଏହା ଆଉ ମଧ୍ୟ ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ଆଦର୍ଶର ଏକ ମାପଦଣ୍ଡ। ତେଣୁ ଏହା ଯେ କେବଳ କୌଣସି ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥାର ଚିତ୍ର ଉତ୍ତୋଳନ କରିଥାଏ ସେକଥା ନୁହଁ, ବରଂ ଏହା ସାମଗ୍ରିକ ବିକାଶ ଓ ପ୍ରଗତିର ମଧ୍ୟ ଚିତ୍ର ଆଙ୍କିଥାଏ।

ବର୍ତ୍ତମାନ ମାତୃ ମୃତ୍ୟୁହାରର ତାତ୍ପର୍ଯ୍ୟ ବୁଝିସାରିବା ପରେ ଓ ମାତୃ ମୃତ୍ୟୁହାର କ୍ଷେତ୍ରରେ ଆମ ଦେଶ ସହଶ୍ରାବ୍ଦ ବିକାଶ ଲକ୍ଷ୍ୟ ହାସଲ କରିସାରିବା ପରେ ଏହି ମାଇଲଖୁଣ୍ଟ ଅତିକ୍ରମ କରିବା ସମ୍ପର୍କରେ ଆମକୁ ବୁଝିବା ଦରକାର। ଏହାର ଅର୍ଥ ହେଉଛି, ୨୦୧୩ ମସିହା ଅପେକ୍ଷା ଆମ ଦେଶର ମାତୃ ମୃତ୍ୟୁହାରରେ ୨୨% ହ୍ରାସ ଘଟିଛି। ୨୦୧୩ ମସିହା ତୁଳନାରେ ୨୦୧୬ ମସିହାରେ ଆମ ଦେଶରେ ୧୨ ହଜାର କମ୍ ମା' ମୃତ୍ୟୁମୁଖରେ ପଡ଼ିଛନ୍ତି। ପ୍ରଥମଥର ପାଇଁ ପୂର୍ବର ୪୪ ହଜାର ପରିବର୍ତ୍ତେ ୩୨ ହଜାର ମା' ମୃତ୍ୟୁମୁଖରେ ପଡ଼ିଛନ୍ତି। ଅର୍ଥାତ୍ ୨୦୧୩ ମସିହା ତୁଳନାରେ ଗର୍ଭଜନିତ କାରଣରୁ ମୃତ୍ୟୁମୁଖରେ ପଡୁଥିବା ମା'ମାନଙ୍କ ମଧ୍ୟରୁ ଦୈନିକ ୩୦ ଜଣ ମା'ଙ୍କ ଜୀବନ ରକ୍ଷା କରାଯାଇପାରୁଛି। ଏ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥିବା ରାଜ୍ୟଗୁଡ଼ିକ ହେଲେ- ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଓ ଆସାମ। ଦେଶରେ ମାତୃ ମୃତ୍ୟୁର ଜାତୀୟ ହାର ୨୨% ଥିବାବେଳେ ଉତ୍ତରପ୍ରଦେଶ / ଉତ୍ତରାଖଣ୍ଡରେ ଏହା ୨୯%, କେରଳରେ ୨୫% ଓ ମଧ୍ୟପ୍ରଦେଶ-ଛତିଶଗଡ଼ରେ

ଏହା ୨୨%। ଏହି କଥାଟି ଅତ୍ୟନ୍ତ ଉତ୍ସାହବର୍ଦ୍ଧକ, କାରଣ ଏଥିରୁ ପ୍ରମାଣିତ ହୁଏ ଯେ, ଏ କ୍ଷେତ୍ରରେ ଆମେ ସଠିକ୍ ଦିଗରେ ପଦକ୍ଷେପମାନ ଗ୍ରହଣ କରିଛୁ। ୨୦୦୬-୦୯ରୁ ୨୦୧୧-୧୩ ମଧ୍ୟରେ ମାତୃ ମୃତ୍ୟୁ ଅନୁପାତ ହ୍ରାସର ହାର ୫.୮% ଥିବାବେଳେ ସେହି ହ୍ରାସ ହାରରେ ବୃଦ୍ଧି ଘଟି ତାହା ୨୦୧୧-୧୩ରୁ ୨୦୧୫-୧୬ ମଧ୍ୟରେ ୮.୦୧%ରେ ପହଞ୍ଚିଛି।

ଦେଶର ୧୦ଟି ରାଜ୍ୟ ସହସ୍ରାବ୍ଦ ବିକାଶ ଲକ୍ଷ୍ୟ ଅଧିନରେ ମାତୃ ମୃତ୍ୟୁହାର (ପ୍ରତି ଏକ ଲକ୍ଷ ଜୀବନ୍ତ ଶିଶୁ ଜନ୍ମରେ ୧୩୯ଟି ମାତୃ ମୃତ୍ୟୁ) ହ୍ରାସ କରିଥିବାବେଳେ ୬ଟି ରାଜ୍ୟ ପ୍ରତି ୧ ଲକ୍ଷ ଜୀବନ୍ତ ଶିଶୁ ଜନ୍ମରେ ୧୦୦ଟି ମାତୃ ମୃତ୍ୟୁର ଜାତୀୟ ସ୍ୱାସ୍ଥ୍ୟ ନୀତି ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିପାରିଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ ଭାରତ ବର୍ତ୍ତମାନ ପ୍ରତି ୧ ଲକ୍ଷ ଜୀବନ୍ତ ଶିଶୁ ଜନ୍ମରେ ୭୦ଟି ମାତୃ ମୃତ୍ୟୁଜନିତ ଧାରଣକ୍ଷମ ବିକାଶ ଲକ୍ଷ୍ୟ ହାସଲ କରିବା ଦିଗରେ ଅଗ୍ରଗତି କରୁଛି। ଅନ୍ତତଃ ତିନୋଟି ରାଜ୍ୟ ଯଥା– କେରଳ(୪୬), ମହାରାଷ୍ଟ୍ର (୬୧) ଓ ତାମିଲନାଡୁ (୬୬) ଏହି ଲକ୍ଷ୍ୟ ହାସଲ କରିସାରିଛନ୍ତି।

ଏହି ସଫଳତା ପଛରେ ରହିଛି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ବହୁମୁଖୀ ପଦକ୍ଷେପ। ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ରହିଛି ଚାହିଦା ସୃଷ୍ଟି, ଯୋଗାଣ, ସୁଗମତା ଓ ଗର୍ଭାବସ୍ଥାଜନିତ ସ୍ୱାସ୍ଥ୍ୟସେବା ପାଇଁ ଖର୍ଚ୍ଚ ହ୍ରାସ କରିବା ଇତ୍ୟାଦି।

ପ୍ରଥମ କଥା ହେଉଛି ସୁରକ୍ଷିତ ପ୍ରସବ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବା ସକାଶେ ଗର୍ଭବତୀ ମା'ଙ୍କ ମଧ୍ୟରେ ଏକ ଚାହିଦା ସୃଷ୍ଟି କରିବା। ଏ ଦିଗରେ ଜନନୀ ସୁରକ୍ଷା ଯୋଜନା ଭଲ ପ୍ରଦର୍ଶନ କରିପାରିଛି। ଏହି କାର୍ଯ୍ୟକ୍ରମ ଅଧିନରେ ଏଯାବତ୍ ୧.୦୪ କୋଟି ଗର୍ଭବତୀ ମହିଳା ଉପକୃତ ହୋଇଛନ୍ତି। ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଅଧିନରେ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶିଶୁ ଜନ୍ମ ଦେଉଥିବା ମା'ମାନଙ୍କୁ ନିଶୁଳ୍କ ଔଷଧ, ପରୀକ୍ଷା ସୁବିଧା, ଖାଦ୍ୟ, ପ୍ରସବ ଓ ଯାତାୟାତ ସୁବିଧା ପ୍ରଦାନ କରାଯାଉଛି। ରୁଗ୍ଣ ଶିଶୁଙ୍କୁ ମଧ୍ୟ ଏକବର୍ଷ ପର୍ଯ୍ୟନ୍ତ ଏହିସବୁ ସୁବିଧା ଦିଆଯାଉଛି। ପ୍ରତ୍ୟେକ ବର୍ଷ



୧.୦୩ କୋଟିରୁ ଉର୍ଦ୍ଧ୍ୱ ଗର୍ଭବତୀ ମହିଳା ଏହି ସୁବିଧା ଉପଭୋଗ କରୁଛନ୍ତି। ନିଶୁଳ୍କ ଓ ଆପାତକାଳୀନ ଆବଶ୍ୟକତା ପାଇଁ ୨୪ ହଜାର ଆମ୍ବୁଲାନ୍ସକୁ କାର୍ଯ୍ୟକ୍ଷମ କରାଯାଇଛି। ସେହିପରି 'ଯୋଗାଣ' କ୍ଷେତ୍ରରେ ମଧ୍ୟ ଅନେକ ପଦକ୍ଷେପ ନିଆଯାଇଛି। ୨୦ ହଜାରରୁ ଉର୍ଦ୍ଧ୍ୱ ପ୍ରସବ କେନ୍ଦ୍ରକୁ ସକ୍ରିୟ କରାଯାଇଛି ଓ ଫାଷ୍ଟ ରେଫରାଲ୍ ୟୁନିଟ୍ ଭାବେ ୨୨୦୦ରୁ ଉର୍ଦ୍ଧ୍ୱ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଯାଇଛି। ଏତଦ୍‌ବ୍ୟତୀତ ଆପାତଃକାଳୀନ ସ୍ୱାସ୍ଥ୍ୟସେବା ଓ ଜଜନୀ ଜୀବନ ସୁରକ୍ଷିତ କରିବା ପାଇଁ ୫୦ରୁ ଉର୍ଦ୍ଧ୍ୱ ଆଇସିୟୁକୁ କାର୍ଯ୍ୟକ୍ଷମ କରାଯାଇଛି। ୨୫ଟି ରାଜ୍ୟର ୫୯୦ରୁ ଉର୍ଦ୍ଧ୍ୱ ସ୍ୱାସ୍ଥ୍ୟ ସୁବିଧା କେନ୍ଦ୍ରରେ ୩୨ ହଜାର ଅଧିକ ଶଯ୍ୟା ବ୍ୟବସ୍ଥା କରାଯାଇଛି। ୯୩୩ଟି ରକ୍ତ ଭଣ୍ଡାର ଓ ୧୩୫୨ଟି ରକ୍ତ ସଂଗ୍ରହ କେନ୍ଦ୍ର ଖୋଲାଯାଇଛି। କେବଳ ଭିତ୍ତିଭୂମି ନୁହେଁ, ବରଂ ମାନବ ସମ୍ବଳ କ୍ଷେତ୍ରରେ ମଧ୍ୟ ୨.୨୭ ଲକ୍ଷ ଅତିରିକ୍ତ ବିଶେଷଜ୍ଞ, ଡାକ୍ତର, ନର୍ସ ଓ ଆୟୁଷ ସ୍ୱାସ୍ଥ୍ୟକର୍ମୀ ଏବଂ ଏଏନ୍‌ଏମ୍‌ମାନଙ୍କୁ ନିଯୁକ୍ତି ଦିଆଯାଇଛି। ସୁଗମତା ପାଇଁ ୧୦ ଲକ୍ଷ ଆଶାକର୍ମୀଙ୍କୁ ନିଯୁକ୍ତ କରାଯାଇଛି। ଏହି ସ୍ୱାସ୍ଥ୍ୟ ବିଶେଷଜ୍ଞ ଓ କର୍ମୀମାନଙ୍କୁ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯାଇଛି। ୫ଟି ଜାତୀୟ କୌଶଳ ପରୀକ୍ଷାଗାର ଓ ୫୪ଟି କୌଶଳ ପରୀକ୍ଷାଗାରକୁ କାର୍ଯ୍ୟକ୍ଷମ କରାଯାଇ ୧୦ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ କୌଶଳ ବିକାଶ ତାଲିମ ଦିଆଯାଇଛି।

ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମା' ଏବଂ କିଶୋରୀମାନଙ୍କୁ ଆଇରନ୍ ଓ ଫଲିକ୍ ଏସିଡ୍ ସପ୍ଲିମେଣ୍ଟ ପ୍ରଦାନ କରାଯାଉଛି। ପ୍ରତ୍ୟେକ ମାସର ୯ ତାରିଖରେ ଗର୍ଭାବସ୍ଥାର ଉତ୍ତମ ପରିଚାଳନା ପାଇଁ ୨୦୧୬ ମସିହାରେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଆରମ୍ଭ କରାଯାଇଥିଲା। ଆଜି ପର୍ଯ୍ୟନ୍ତ ୧ କୋଟି ୨୫ ଲକ୍ଷ ଗର୍ଭାବସ୍ଥା ସମ୍ପର୍କିତ ପରୀକ୍ଷା ନିରୀକ୍ଷା କାର୍ଯ୍ୟ କରାଯାଇସାରିଛି।



ସୂଚନା ଓ ପ୍ରଯୁକ୍ତିବିଦ୍ୟାର ସଦୁପଯୋଗ କରି ଜନନୀ ଓ ଶିଶୁ ଠାବ କରିବା ବ୍ୟବସ୍ଥା ଓ ମା’ ଓ ଶିଶୁ ଟ୍ରାକିଂ ଫେସିଲିଟେସନ୍ ସେଣ୍ଟର ଆଦି ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ଅଧିନରେ ୧୩.୫୪ କୋଟି ଗର୍ଭବତୀ ମହିଳା ଓ ୧୧.୭ କୋଟି ଶିଶୁଙ୍କୁ ଠାବ କରି ସେମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରି ସୁରକ୍ଷିତ ମାତୃତ୍ୱ ସୁନିଶ୍ଚିତ କରିବାର ପ୍ରୟାସ କରାଯାଉଛି।

ଏସବୁ ହେଉଛି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନେଇଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟରୁ ମାତ୍ର କେତୋଟି ଉଲ୍ଲେଖନୀୟ ପଦକ୍ଷେପ। ଏତଦ୍‌ବ୍ୟତୀତ ଏହି ସଫଳତା ପଛରେ ରହିଥିବା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ବିଭିନ୍ନ ରାଜ୍ୟ ଓ ଅନ୍ୟାନ୍ୟ ଅନୁଷ୍ଠାନ ମଧ୍ୟରେ ସମନ୍ୱୟ ଓ ଭାଗିଦାରୀ। ଏମାନଙ୍କ ମଧ୍ୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେଉଛି ସ୍ୱାସ୍ଥ୍ୟକର୍ମୀ ଓ ଆଗଧାଡ଼ିର ସ୍ୱେଚ୍ଛାସେବୀଙ୍କ ଭୂମିକା। ଏମାନଙ୍କ ବିନା ସହାୟତାରେ ଦେଶର ଗ୍ରାମାଞ୍ଚଳ ଓ ଦୂରବର୍ତ୍ତୀ ଅଞ୍ଚଳର ଗର୍ଭବତୀ ମା’ମାନଙ୍କ ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ହୁଏତ ଆଦୌ ସମ୍ଭବପର ହୋଇପାରିନଥାନ୍ତା।

୨୦୩୦ ମସିହା ପୂର୍ବରୁ ମାତୃ ମୃତ୍ୟୁ କ୍ଷେତ୍ରରେ ଧାରଣକ୍ଷମ ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ଆମ ଦେଶ ବେଶ୍ ତତ୍ପର ହୋଇସାରିଛି। ତେବେ ଏହା ହାସଲ କରିବାକୁ ହେଲେ, ବିଭିନ୍ନ ରାଜ୍ୟଗୁଡ଼ିକୁ ସେମାନେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକର ମୁକାବିଲା କରିବାକୁ ପଡ଼ିବ। କୁହାଯାଏ ଯେ, ଭାରତର ପ୍ରତ୍ୟେକ ରାଜ୍ୟ ହେଉଛି ଗୋଟିଏ ଗୋଟିଏ ଦେଶ ସଦୃଶ। ସେଥିପାଇଁ ବିଭିନ୍ନ ଆଞ୍ଚଳିକ ବ୍ୟବଧାନଗୁଡ଼ିକୁ ଚିହ୍ନଟ କରି ଏ ଦିଗରେ କାର୍ଯ୍ୟ କଲେ ଆହୁରି ଅଧିକ ମା’ମାନଙ୍କ ଜୀବନକୁ ସୁରକ୍ଷା ପ୍ରଦାନ କରାଯାଇପାରିବ।

**ଡକ୍ଟର ବର୍ମା ହେଉଛନ୍ତି କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ମୁଖ୍ୟ ଗଣମାଧ୍ୟମ ଅଧିକାରୀ ଓ ସୁଶ୍ରୀ ପାସି ହେଉଛନ୍ତି ଜଣେ ବରିଷ୍ଠ ପରାମର୍ଶଦାତା।**

# ସୌଭାଗ୍ୟ ଯୋଜନା: ତମସୋ ମା ଜ୍ୟୋତିର୍ଗମୟ

ଅଭୟ ଦ୍ୱିବେଦୀ

ଆଜକୁ ପ୍ରାୟ ୧୨୫ ବର୍ଷ ପୂର୍ବେ ବିଖ୍ୟାତ ବୈଜ୍ଞାନିକ ଥମାସ୍ ଆଲଭା ଏଡିଶନ ବିଜୁଳି ବଲ୍‌ବ ଉଦ୍ଭାବନ କରିଥିଲେ । ସେହି ପରିପ୍ରେକ୍ଷୀରେ ସେ କହିଥିଲେ, 'ଆମେ ବିଜୁଳି ଏତେ ଶସ୍ତା କରିଦେବୁ ଯେ କେବଳ ଧନୀ ପରିବାର ମହମବତୀ ଜାଳିବେ ।' କିନ୍ତୁ ଆଜି ଦେଶର ଚାରି କୋଟି ଘରେ ବଲ୍‌ବ ତ ଦୂରର କଥା , ବିଜୁଳି ପହଞ୍ଚି ପାରିନି । ସେହି ସବୁ ଘରେ ଆଜି ମଧ୍ୟ ମହମବତୀ ଓ ଲଣ୍ଠନ ଜଳୁଛି । ବିଜୁଳି ବିନା ଜୀବନ କେତେ ଦୁର୍ବିସହ ଓ ଯନ୍ତ୍ରଣାଦାୟକ; ଯେଉଁମାନେ ବିଜୁଳି ଆଲୁଅରେ ଜୀବନ ବିତଉଛନ୍ତି, ସେମାନଙ୍କ ପାଇଁ ତାହା ଜାଣିବା ଅତ୍ୟନ୍ତ ଜରୁରୀ । ଏହି ସବୁ ଘରେ ଯେବେ ବିଜୁଳି ସଂଯୋଗ ହେବ, ସେତେବେଳେ ସେମାନଙ୍କ ଭାଗ୍ୟ ବଦଳିଯିବ । ତାହା ହିଁ ହେବ ସେମାନଙ୍କର ସୌଭାଗ୍ୟ ।... 'ପ୍ରଧାନମନ୍ତ୍ରୀ ସହଜ ବିଜୁଳି ହର ଘର ଯୋଜନା' ଅର୍ଥାତ ସୌଭାଗ୍ୟ ଯୋଜନାରେ ସରକାର, ଗ୍ରାମ ଓ ସହରରେ ଯେଉଁ ଘରେ ବିଜୁଳି ସଂଯୋଗ ନାହିଁ, ସେହି ସମସ୍ତ ଘରେ ବିଜୁଳି ଯୋଗାଇ ଦେବେ ।... ଏହି ଯୋଜନାରେ ୧୬,୦୦୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେବ । କିନ୍ତୁ ଏ ବାବଦକୁ ଗରିବ ପରିବାରରୁ କୌଣସି ଶୁଳ୍କ ଆଦାୟ କରାଯିବ ନାହିଁ ।"


ଗତ ବର୍ଷ ସେପ୍ଟେମ୍ବର ୨୫ ତାରିଖରେ 'ସୌଭାଗ୍ୟ' ଯୋଜନା ଶୁଭାରମ୍ଭ ଅବସରରେ ଏହା ଥିଲା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍‌ବୋଧନର ଅଂଶ ମାତ୍ର । ପ୍ରାୟ ଦଶ ମାସ ପରେ ଚଳିତ ବର୍ଷ ଜୁଲାଇ ୧୯ ତାରିଖରେ 'ସୌଭାଗ୍ୟ' ଯୋଜନା ହିତାଧିକାରୀଙ୍କ ସହିତ ସାକ୍ଷାତ ଆଳାପ ଅବସରରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଯେଉଁ ବକ୍ତବ୍ୟ ରଖିଥିଲେ , ଆସନ୍ତୁ ତାହାର କିଞ୍ଚିତ ଅଂଶ ଅନୁଶୀଳନ କରିବା –

"ଆଜି ମୋତେ ଦେଶର ସେହି ୧୮୦୦୦ ଗ୍ରାମର ବନ୍ଧୁମାନଙ୍କ ସହିତ ସାକ୍ଷାତ ଆଲୋଚନାର ସୌଭଗ୍ୟ ମିଳିଛି, ଯେଉଁମାନଙ୍କ ଘରେ ପ୍ରଥମ ଥର ବିଜୁଳି ସଂଯୋଗ କରାଯାଇଛି । ଶତାବ୍ଦୀ ବ୍ୟାପୀ ଅନ୍ଧକାରରେ ରହିବା ପରେ ସେମାନଙ୍କ ଗ୍ରାମ କେବେ ଆଲୋକିତ ହେବ, ଏହା ସେମାନେ କେବେ ଚିନ୍ତା କରି ନଥିଲେ । ଆପଣମାନଙ୍କ ଖୁସିରେ ସାମିଲ ହୋଇଥିବାରୁ , ଏହା ମୋ ପାଇଁ ଅତ୍ୟନ୍ତ ଆନନ୍ଦର କଥା ।' ...୨୦୧୮ ମସିହା ଏପ୍ରିଲ ୨୮ ତାରିଖ ଭାରତ ବିକାଶ ଯାତ୍ରାର ଏକ ଐତିହାସିକ ଦିବସ । ଏହି ଦିନ ମଣିପୁର ରାଜ୍ୟର ଲାଇସିଙ୍ଗ ଗ୍ରାମ,ପାୱାର ଗ୍ରୀଡ ସହିତ ଯୋଡି ହେବାର ଅନ୍ତିମ ଗ୍ରାମ ଥିଲା । ବର୍ତ୍ତମାନ ସାରା ଭାରତ ବର୍ଷର ପ୍ରତିଟି ଗ୍ରାମକୁ ବିଜୁଳି ସଂଯୋଗ ସମ୍ଭବ ହୋଇ ପାରିଛି । ...ମୁମ୍ବାଇ ସହର ସ୍ମରଣକୁ ଆସିବା ମାତ୍ରେ, ଆଲୁଅରେ ଚକମକ କରୁଥିବା ସୁଉଚ୍ଚ ଅଟ୍ଟାଳିକାମାନ ଆଖି ଆଗରେ ଝଲସି ଉଠେ । କିନ୍ତୁ ମୁମ୍ବଇରୁ ମାତ୍ର କିଛି ଦୂରରେ ଏଲିଫାଣ୍ଟା ଦ୍ୱୀପପୁଞ୍ଜ ଅବସ୍ଥିତ । ଏହା ଏକ ବିଖ୍ୟାତ ପର୍ଯ୍ୟଟନସ୍ଥଳୀ । ଏଲିଫାଣ୍ଟା ଗୁମ୍ଫା ମିଳିତ ଜାତିସଂଘ ବିଶ୍ୱ ଐତିହ୍ୟସ୍ଥଳୀର ମାନ୍ୟତା ହାସଲ କରିଛି । ପ୍ରତିଦିନ

ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକମାନେ ଏହି ସ୍ଥାନକୁ ଆସନ୍ତି । ମୁଁ ଏହା ଜାଣିବା ପରେ ଗଭୀର ଭାବେ ମର୍ମାହତ ହେଲି ଯେ ମୁମ୍ବାଇର ଏତେ ପାଖରେ ଥାଇ, ଏତେ ବଡ ପର୍ଯ୍ୟଟନସ୍ଥଳୀର ସ୍ୱୀକୃତି ପାଇ, ସ୍ୱାଧୀନତା ପ୍ରାପ୍ତିର ଏତେ ବର୍ଷ ପରେ ମଧ୍ୟ ଏଲିଫାଣ୍ଟାରେ ଅବସ୍ଥିତ ତିନୋଟି ଗ୍ରାମକୁ ବିଜୁଳି ସଂଯୋଗ କରାଯାଇ ନାହିଁ । ଆହୁରି ଦୁଃଖର କଥା, ଏ ବିଷୟରେ ନା ଟିଭିରେ, ନା ସମ୍ବାଦପତ୍ରରେ, ଗଣମାଧ୍ୟମରେ ଆଲୋଚନା ମଧ୍ୟ ହୋଇ ନାହିଁ । ବିଶ୍ୱାସ ହେଉନି ଏତେ ବଡ ପର୍ଯ୍ୟଟନସ୍ଥଳୀର ଗ୍ରାମବାସୀ ଅନ୍ଧାରରେ ରହୁଥିଲେ ! ବର୍ତ୍ତମାନ ସମୁଦ୍ରରେ କେବୁଲ ବିଛାଯାଇ ସେ ଗ୍ରାମସମୂହକୁ ବିଜୁଳି ଯୋଗାଇ ଦିଆଯାଇଛି ।" ଏହି କାର୍ଯ୍ୟକ୍ରମରେ ଓଡିଶାର ରାୟଗଡା ଜିଲାରୁ ଲଳିତା ନାୟକ ଏବଂ ନାରାୟଣ ନାୟକ ପ୍ରଧାନମନ୍ତ୍ରୀଙ୍କ ସହିତ ବାର୍ତ୍ତାଳାପରେ ସାମିଲ ହୋଇ ଖୁସି ବ୍ୟକ୍ତ କରି କହିଥିଲେ -ଆମ ଗାଁର ପିଲାମାନେ ବିଜୁଳି ଆଲୁଅ କ'ଣ ଜାଣି ନ ଥିଲେ । ଏବେ ସେମାନଙ୍କୁ କେତେ ସୁବିଧା ମିଳିଯିବ ।

୨୦୧୫ ମସିହା ଅଗଷ୍ଟ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ, ଦେଶର ପ୍ରତିଟି ଗ୍ରାମକୁ ବିଜୁଳି ସଂଯୋଗ କରାଯିବ, ଏହା ଆଜି ବାସ୍ତବ ରୂପ ନେଇପାରିଛି ।

ପ୍ରତ୍ୟେକ ଜନମଙ୍ଗଳକାରୀ ସରକାରର ଏକମାତ୍ର ଆଭିମୁଖ୍ୟ ହେଉଛି, ବିକାଶର ଧାରା ସମାଜର ପ୍ରତିଟି ବର୍ଗକୁ ସଂପ୍ରସାରିତ ହେଉ । ବିଶେଷକରି, ସାମାଜିକ ଓ ଅର୍ଥନୈତିକ ସିଡିର ନିମ୍ନ ପାହଚରେ ଥିବା ଗୋଷ୍ଠୀ, ଯେଉଁମାନେ ଐତିହାସିକ ପୃଷ୍ଠଭୂମିରେ ଅବହେଳିତ ହୋଇ ରହିଛନ୍ତି, ସେମାନଙ୍କ ନିକଟରେ ବିକାଶର ସୁଫଳ ପହଞ୍ଚୁ । ଏଥି ନିମନ୍ତେ ସ୍ୱାଧୀନତା ପ୍ରାପ୍ତି ପରଠାରୁ ସରକାରୀସ୍ତରରେ ବହୁ ଯୋଜନା ପ୍ରଚଳନ କରାଯାଇଛି । ତଥାପ ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡେ, ଆମେ ଏତେ ନିମ୍ନରେ କାହିଁକି ? ସୌଭାଗ୍ୟ ଯୋଜନା ଆଧାରରେ ଆମେ ଏହାର ଅନୁଶୀଳନ କରିବା । କିଛି ବର୍ଷ ପୂର୍ବେ ବିକାଶ କେବଳ



ରୋଟି,କପଡା ଏବଂ ମକାନ ମଧ୍ୟରେ ସୀମିତ ଥିଲା। କିନ୍ତୁ ଆଜି ଏହାର ପରିସର ବ୍ୟାପକ ହୋଇଯାଇଛି । ଦେଶର ବିକାଶ ବର୍ତ୍ତମାନ ଶକ୍ତି ଉପଯୋଗ ଉପରେ ନିର୍ଭରଶୀଳ । ଯେଉଁ ଦେଶରେ ଶକ୍ତି ବିନିଯୋଗ ଯେତେ ଅଧିକ, ସେ ଦେଶରେ ବିକାଶର ଧାରା ସେତେ ଅଧିକ ପ୍ରଖର । ବିଶ୍ୱର ବିଭିନ୍ନ ରାଷ୍ଟ୍ରର ହାରାହାରି ମୁଣ୍ଡପିଛା ବାର୍ଷିକ ବିଦ୍ୟୁତ ଖର୍ଚ୍ଚ (kWh = Kilowatt hour) ରଏକ ତୁଳନାତ୍ମକ ବିଶ୍ଳେଷଣ ଦେଖିବା । ୨୦୧୬ ମସିହାର ଜନସଂଖ୍ୟା ଆଧାର ଭାବେ ଗ୍ରହଣ କରାଯାଇଛି । ବିଶ୍ୱର ବାର୍ଷିକ ହାରାହାରି ମୁଣ୍ଡପିଛା ବିଦ୍ୟୁତ ଖର୍ଚ୍ଚ -୨୬୭୪ ଲକ୍ଷ, ଆମେରିକା -୧୨,୦୭୧,ଚୀନ -୪୪୭୫,ରୁଷିଆ -୭୪୮୧, ଜାପାନ -୭୩୭୧, ଜର୍ମାନୀ-୬୬୦୨, କାନାଡା, ୧୪,୯୩୦. ବ୍ରାଜିଲ -୨୫୧୬, ଦକ୍ଷିଣ କୋରିଆ -୯୭୨୦, ଫ୍ରାନ୍ସ -୬୪୪୮, ଇଂଲଣ୍ଡ -୪୭୯୫, ଭାରତ -୧୧୨୨, ପାକିସ୍ତାନ -୪୦୫, ଶ୍ରୀଲଙ୍କା -୪୯୪.। ଏହି ପରିପ୍ରେକ୍ଷୀରେ ଆମେ ନିଜର ସ୍ଥିତି ଆକଳନ କରିପାରିବା । ଏଥିରେ ଦ୍ରୁତ ପରିବର୍ତ୍ତନ ଆଣିବା ପାଇଁ ପ୍ରଧାନମନ୍ତ୍ରୀ ଦେଶର ପ୍ରତି ଗ୍ରାମ ଏବଂ ପ୍ରତି ଘରେ ବିଜୁଳି ସଂଯୋଗ ନିମନ୍ତେ ଆହ୍ୱାନ ଦେଇଥିଲେ। 'ସୌଭାଗ୍ୟ' ଯୋଜନା ତାହାରି ପ୍ରତିଫଳନ ।

**ସୌଭାଗ୍ୟ ଯୋଜନା କ'ଣ ?:**

୨୦୧୪ ମସିହାରେ ଶ୍ରୀ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ପ୍ରତି ଗ୍ରାମ ଏବଂ ପ୍ରତି ଗୃହକୁ ବିଜୁଳି ସଂଯୋଗ ନିମନ୍ତେ ସରକାରୀ ଅଧିକାରୀମାନଙ୍କ ସହିତ ଯୋଜନା ଆରମ୍ଭ କଲେ ଏବଂ ୨୦୧୫ ମସିହା ସ୍ୱାଧୀନତା ଦିବସ ଅବସରରେ ପ୍ରତି ଗ୍ରାମକୁ ବିଦ୍ୟୁତ ସଂଯୋଗ କରାଯିବ ବୋଲି ଘୋଷଣା କଲେ । ସେତେବେଳେ ଦେଶର ସମୁଦାୟ ୫,୯୭,୬୪୪ ମଧ୍ୟରୁ ୧୮,୪୫୨ ଗ୍ରାମକୁ ବିଦ୍ୟୁତ ସଂଯୋଗ ନ ଥିଲା । ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ୨୦୧୭ ମସିହା ସେପ୍ଟେମ୍ବର ୨୫ ତାରିଖରେ ପ୍ରଧାନମନ୍ତ୍ରୀ ଗୋଟିଏ ସ୍ୱତନ୍ତ୍ର ଯୋଜନା ଘୋଷଣା କଲେ- 'ପ୍ରଧାନମନ୍ତ୍ରୀ ସହଜ ବିଜୁଳି ହର୍ ଘର ଯୋଜନା' - ସଂକ୍ଷେପରେ ସୌଭାଗ୍ୟ ଯୋଜନା । ସେତେବେଳେ ବିଦ୍ୟୁତ ସଂଯୋଗ ନ ଥିବା ଗ୍ରାମ ସଂଖ୍ୟା ଥିଲା ପ୍ରାୟ ୩୨୬୯ । ଏଥି ମଧ୍ୟରୁ ୧୦୫୨ ଗ୍ରାମରେ କେହି ବାସ କରୁ ନ ଥିବା ବେଳେ, ୨୨୧୭ ଗ୍ରାମକୁ ୨୦୧୮ ଏପ୍ରିଲ ସୁଦ୍ଧା ବିଜୁଳି ସଂଯୋଗ କରାଯାଇଛି । ଏଥି ମଧ୍ୟରେ ଅରୁଣାଚଳ ପ୍ରଦେଶ(୧୦୬୯), ଆସାମ, (୨୧୪), ବିହାର(୧୧୧) ଛତିଶଗଡ (୧୭୬), ଜାମ୍ମୁ କଶ୍ମୀର (୯୯), ଝାଡଖଣ୍ଡ

(୧୭୬), କର୍ଣ୍ଣାଟକ(୮), ମଧ୍ୟ ପ୍ରଦେଶ(୩୪), ମଣିପୁର(୫୪), ମେଘାଳୟ(୫୦), ମିଜୋରାମ (୧୧), ଓଡିଶା(୧୮୨)ଏବଂ ଉତ୍ତରାଖଣ୍ଡ(୩୩)।

ଯେତେବେଳେ ସାରା ଦେଶର ପ୍ରତିଟି ଗ୍ରାମ ଏବଂ ଘରକୁ ବିଜୁଳି ସଂଯୋଗ କରିବା ନିମନ୍ତେ ସରକାରୀ ଅଧିକାରୀମାନଙ୍କ ସହିତ ଆଲୋଚନା ହୋଇଥିଲା। ସେମାନେ ଏଥି ନିମନ୍ତେ ୭ ବର୍ଷ ସମୟ ଆବଶ୍ୟକ ବୋଲି ଜଣାଇଥିଲେ । କିନ୍ତୁ ୩ ବର୍ଷ ମଧ୍ୟରେ - ଅର୍ଥାତ ୨୦୧୮ ଡିସେମ୍ବର ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଆକଳନ କରାଯାଇଛି। ଏଥି ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ସମୟରେ ଏବଂ ତାହାର ସଫଳ ରୂପାୟନ ନିମନ୍ତେ ସୂକ୍ଷ୍ମାତିସୂକ୍ଷ୍ମ ଦିଗ ପ୍ରତି ସତର୍କତା ଅବଲମ୍ବନ କରାଯାଇଛି । 'ସୌଭାଗ୍ୟ'ର ସଫଳ ରୂପାୟନ ମ୍ୟାନେଜମେଣ୍ଟ ଛାତ୍ର/ଛାତ୍ରୀଙ୍କ ନିମନ୍ତେ କେସ୍ ଷ୍ଟଡି ଭାବେ ବିବେଚନା କରାଯିବ । ଯେଉଁ ୪ କୋଟି ଗୃହକୁ ବିଦ୍ୟୁତ ସଂଯୋଗ ନ ଥିଲା, ପଞ୍ଚାୟତ ମାଧ୍ୟମରେ ତାହାର ତାଲିକା ପ୍ରସ୍ତୁତ କରାଯାଇଛି । ସେଥି ମଧ୍ୟରୁ ୧ କୋଟି ବିପିଏଲ ପରିବାର ଦିନଦୟାଲ ଉପାଧ୍ୟାୟ ଯୋଜନା ଅନ୍ତର୍ଭୁକ୍ତ ଥିଲେ। ତେଣୁ ମୋବାଇଲ ଆପ୍ ଓ ୱେବ୍ ପୋର୍ଟାଲ ସାହାଯ୍ୟରେ ବାକି ୩ କୋଟି ପରିବାର ଚିହ୍ନଟ ନିମନ୍ତେ ସେହି ଅଞ୍ଚଳରେ କ୍ୟାମ୍ପ ଆୟୋଜନ କରାଯାଇ ପରିଚୟପତ୍ର ସାହାଯ୍ୟରେ ନାମ ରେଜିଷ୍ଟ୍ରିଭୁକ୍ତ କରାଯାଇଛି । ଯଦି କୌଣସି ପରିବାର ବାଦ ପଡିଯାଇଥାନ୍ତି, ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇ ପାରିବ।

**ସୌଭାଗ୍ୟ ଯୋଜନା କାହାପାଇଁ:**

ଅର୍ଥନୈତିକ ସିଡ଼ିର ଶେଷ ପାହଚରେ ଥିବା ଗୋଷ୍ଠୀଙ୍କ ନିମନ୍ତେ ଏହି ଯୋଜନା ଉଦ୍ଦିଷ୍ଟ । ୨୦୧୧ Socio Economic and Caste Census (SECC) ଆଧାରରେ ବିପିଏଲ ପରିବାରକୁ ମାଗଣାରେ ବିଜୁଳି ସଂଯୋଗ କରାଯିବ। ଏଥିରେ ଗୋଟିଏ ଏଲଇଡି ବଲବ, ଗୋଟିଏ ପ୍ଲଗ ପଏଣ୍ଟ ମିଳିବ । ଏପିଲ ବର୍ଗଙ୍କୁ ୫୦୦ଟଙ୍କା ମୂଲ୍ୟରେ ବିଜୁଳି ସଂଯୋଗ କରାଯିବ, ଯାହା ୧୦ଟି କିସ୍ତିରେ ସେମାନେ ପରିଶୋଧ କରିପାରିବେ । କିନ୍ତୁ ପ୍ରତି ମାସର ବିଜୁଳି ବିଲ୍ ଉପଭୋକ୍ତାଙ୍କୁ ଭରଣା କରିବାକୁ ହେବ । ସେଥିରେ ରିହାତି ମିଳିବ ନାହିଁ । ଯେଉଁ ଅଭ୍ୟନ୍ତର ଅଞ୍ଚଳରେ ବିଜୁଳି ସଂଯୋଗ ସମ୍ଭବ ହୋଇନାହିଁ, ସେଠାରେ ବସବାସ କରୁଥିବା ପରିବାର ନିମନ୍ତେ ସୌର ଶକ୍ତି ପରିଚାଳିତ ୫ଟି ଏଲଇଡି ବଲ୍ବ,ଗୋଟିଏ ଡିସି ଫ୍ୟାନ୍ ଏବଂ ଗୋଟିଏ ପ୍ଲଗ ପଏଣ୍ଟ ଯୋଗାଇ ଦିଆଯିବ । ଯୋଜନାର ଶତ ପ୍ରତିଶତ ସଫଳ ରୂପାୟନ ନିମନ୍ତେ ଉତ୍ତର ପ୍ରଦେଶ ସରକାର ପ୍ରସ୍ତାବ ରଖିଛନ୍ତି - ଯୋଜନା ସଂପୂର୍ଣ୍ଣ ହେବା ପରେ ପ୍ରତି ଅଞ୍ଚଳରେ ବିଦ୍ୟୁତ ରଥ ବୁଲିବାର କାର୍ଯ୍ୟକ୍ରମ ରଖାଯାଉ । ଫଳରେ ବାଦ ପଡିଥିବା ପରିବାର ସଚେତନ ହୋଇ ବିଦ୍ୟୁତ ସଂଯୋଗ ପାଇଁ ଆବେଦନ କରିପାରିବେ । କାରଣ ଏ ଯୋଜନା ଯେଉଁମାନଙ୍କ ନିମନ୍ତେ ଉଦ୍ଦିଷ୍ଟ, ସେମାନଙ୍କ ମଧ୍ୟରୁ କିଛି ଭାଗ ଏପର୍ଯ୍ୟନ୍ତ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ପାରି ନାହାନ୍ତି । ତେଣୁ ବାଦ ପଡିବାର ଆଶଙ୍କା ରହିବା ସ୍ୱାଭାବିକ ।

**ସୌଭାଗ୍ୟ ଯୋଜନା ଅର୍ଥବରାଦ:**

ଏହି ଯୋଜନା ନିମନ୍ତେ ସରକାର ୧୬,୩୨୦ କୋଟି ଟଙ୍କା ଅଟକଳ କରିଥିବାବେଳେ ୧୨,୩୨୦ଟଙ୍କା ବଜେଟରେ ବରାଦ କରିଛନ୍ତି Gross Budgetary Support (GBS) । ଏଥିରୁ ଗ୍ରାମାଞ୍ଚଳ ନିମନ୍ତେ ୧୪,୦୨୫ କୋଟି ଏବଂ ସହରାଞ୍ଚଳ ପାଇଁ ୨୨୯୫ କୋଟି ଉଦ୍ଦିଷ୍ଟ । ଏହି ଆର୍ଥିକ ଭାରରୁ ୬୦% କେନ୍ଦ୍ର ସରକାର ବହନ କରିବେ,୩୦% ବ୍ୟାଙ୍କ ଲୋନ୍ ଏବଂ ରାଜ୍ୟ ସରକାରଙ୍କ ଭାଗ ୧୦% । ୨୦୧୮ ଡିସେମ୍ବର ସୁଦ୍ଧା ଯେଉଁ ରାଜ୍ୟ ଲକ୍ଷ୍ୟ ପୂରଣରେ ସଫଳ ହୋଇ ପାରିବ, ସେ ରାଜ୍ୟର ଆର୍ଥିକ ଭାଗର ୫୦% , କେନ୍ଦ୍ର ସରକାର ଅନୁଦାନ ଭାବେ ବହନ କରିବେ। ଏହା ସହିତ ରାଜ୍ୟରେ ବିଦ୍ୟୁତ କାର୍ଯ୍ୟ ନିର୍ବାହ କରୁଥିବା ସଂସ୍ଥା ଏବଂ କର୍ମଚାରୀଙ୍କ ନିମନ୍ତେ କେନ୍ଦ୍ର ସରକାର ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି । ସର୍ବ ପ୍ରଥମେ ଲକ୍ଷ୍ୟପୂରଣରେ ସଫଳ ହୋଇଥିବା ସଂସ୍ଥାକୁ ୫୦ କୋଟି ଟଙ୍କା ଏବଂ କର୍ମଚାରୀମାନଙ୍କୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ଏଥି ନିମନ୍ତେ



ଆଜକୁ ପ୍ରାୟ ୧୨୫ ବର୍ଷ ପୂର୍ବେ ବିଖ୍ୟାତ ବୈଜ୍ଞାନିକ ଥମାସ୍ ଆଲଭା ଏଡିଶନ ବିଜୁଳି ବଲ୍‌ବ ଉଦ୍ଭାବନ କରିଥିଲେ । ସେହି ପରିପ୍ରେକ୍ଷୀରେ ସେ କହିଥିଲେ, 'ଆମେ ବିଜୁଳି ଏତେ ଶସ୍ତା କରିଦେବୁ ଯେ କେବଳ ଧନୀ ପରିବାର ମହମବତୀ ଜାଳିବେ ।' କିନ୍ତୁ ଆଜି ଦେଶର ଚାରି କୋଟି ଘରେ ବଲ୍‌ବ ତ ଦୂରର କଥା , ବିଜୁଳି ପହଞ୍ଚି ପାରିନି । ସେହି ସବୁ ଘରେ ଆଜି ମଧ୍ୟ ମହମବତୀ ଓ ଲଣ୍ଠନ ଜଳୁଛି । ବିଜୁଳି ବିନା ଜୀବନ କେତେ ଦୁର୍ବିସହ ଓ ଯନ୍ତ୍ରଣାଦାୟକ; ଯେଉଁମାନେ ବିଜୁଳି ଆଲୁଅରେ ଜୀବନ ବିତଉଛନ୍ତି, ସେମାନଙ୍କ ପାଇଁ ତାହା ଜାଣିବା ଅତ୍ୟନ୍ତ ଜରୁରୀ । ଏହି ସବୁ ଘରେ ଯେବେ ବିଜୁଳି ସଂଯୋଗ ହେବ, ସେତେବେଳେ ସେମାନଙ୍କ ଭାଗ୍ୟ ବଦଳିଯିବ । ତାହା ହିଁ ହେବ ସେମାନଙ୍କର ସୌଭାଗ୍ୟ ।... 'ପ୍ରଧାନମନ୍ତ୍ରୀ ସହଜ ବିଜୁଳି ହର ଘର ଯୋଜନା' ଅର୍ଥାତ ସୌଭାଗ୍ୟ ଯୋଜନାରେ ସରକାର, ଗ୍ରାମ ଓ ସହରରେ ଯେଉଁ ଘରେ ବିଜୁଳି ସଂଯୋଗ ନାହିଁ, ସେହି ସମସ୍ତ ଘରେ ବିଜୁଳି ଯୋଗାଇ ଦେବେ ।... ଏହି ଯୋଜନାରେ ୧୬,୦୦୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେବ । କିନ୍ତୁ ଏ ବାବଦକୁ ଗରିବ ପରିବାରରୁ କୌଣସି ଶୁଳ୍କ ଆଦାୟ କରାଯିବ ନାହିଁ ।"

ରାଜ୍ୟଗୁଡିକୁ ବିଭିନ୍ନ ଗ୍ରୁପରେ ଭାଗ କରାଯାଇଛି । ଏଥିରୁ ଏହି ଯୋଜନା ପ୍ରତି କେନ୍ଦ୍ର ସରକାରଙ୍କର ଆନ୍ତରିକତା ଆକଳନ କରାଯାଇପାରେ । ଯୋଜନାକୁ ଧାର୍ଯ୍ୟ ସମୟରେ ଶେଷ କରିବା ନିମନ୍ତେ ସରକାର ସମସ୍ତ ଉଦ୍ୟମ ଜାରି ରଖିଛନ୍ତି । ଏଥି ସହିତ ଯୋଜନାରେ ଭାଗ ନେବା ପାଇଁ ୪୭,୦୦୦ ଲାଇନ୍‌ମ୍ୟାନ ଏବଂ ୮୫୦୦ ଟେକ୍ନିକାଲ ହେଲପରଙ୍କ ନିମନ୍ତେ ଜିଲାସ୍ତରୀୟ ଆଇଟିଆଇରେ ତାଲିମ ଦେବାର ବନ୍ଦୋବସ୍ତ କରାଯାଇଛି ।


**ସୌଭାଗ୍ୟ ଯୋଜନା ସମୀକ୍ଷା:**

ସୌଭାଗ୍ୟ ଯୋଜନାର ପୂର୍ଣ୍ଣାଙ୍ଗ ରୂପ ନିମନ୍ତେ ସରକାର ସମସ୍ତ ଉଦ୍ୟମ ଜାରି ରଖିଛନ୍ତି । ଜୁନ୍ ୨୭ ତାରିଖରେ ଅନୁଷ୍ଠିତ 'ପ୍ରଗତି' ସମୀକ୍ଷା କାର୍ଯ୍ୟକ୍ରମରେ ସୌଭାଗ୍ୟ ଯୋଜନାର ଆଶାନୁରୂପ ସଫଳତା ପାଇଁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ପ୍ରଶଂସା କରିଥିଲେ । କିନ୍ତୁ ଯେଉଁ ହାରରେ ବିଦ୍ୟୁତ ସଂଯୋଗ ଚାଲିଛି ଏବଂ ଯେତିକି ବାକି ରହିଛି, ଏ ଅନୁପାତ ଅନୁଶୀଳନ କରିବା ପରେ ମନରେ ଅନେକ ଆଶଙ୍କା ଆସୁଛି - ଧାର୍ଯ୍ୟ ସମୟରେ ଏ ଟାର୍ଗେଟ ପୂରଣ ହୋଇ ପାରିବ ତ? କାରଣ ପ୍ରଧାନମନ୍ତ୍ରୀ ଧାର୍ଯ୍ୟ ସମୟ ମାର୍ଚ୍ଚ ୨୦୧୯କୁ ପରିବର୍ତ୍ତନ କରି ଡିସେମ୍ବର ୨୦୧୮ ବୋଲି ଘୋଷଣା କରି ସାରିଛନ୍ତି । ତାମିଲନାଡୁ, ଗୁଜରାଟ, ପଞ୍ଜାବ, ହରିୟାନା. ଆନ୍ଧ୍ର ପ୍ରଦେଶ ଆଦି ରାଜ୍ୟ ଜୁଲାଇ ସୁଦ୍ଧା ୧୦୦% ସଫଳତା ପାଇଥିବାବେଳେ, କେରଳ୯୯%, କର୍ଣ୍ଣାଟକ ୯୬%, ମହାରାଷ୍ଟ୍ର ୯୯%, ହିମାଚଳ ପ୍ରଦେଶ ୯୯%, ପଶ୍ଚିମ ବଙ୍ଗ୯୯%, ମିଜୋରାମ ୯୫%, ତେଲେଙ୍ଗାନା ୯୫%, ଛତିଶଗଡ ୯୬% ସଫଳତାର ଶୀର୍ଷରେ ଅଛନ୍ତି । ପରବର୍ତ୍ତୀ ଧାଡିରେ ଅଛନ୍ତି ଜାମ୍ମୁ କାଶ୍ମୀର ୮୬%,ରାଜସ୍ଥାନ ୮୬%, ମଣିପୁର ୮୬%,ଉତ୍ତରାଖଣ୍ଡ ୮୮%,ତ୍ରିପୁରା ୮୯% । ଶେଷ ଧାଡିରେ ଅଛନ୍ତି - ଓଡିଶା ୭୨%,ଝାଡଖଣ୍ଡ ୬୪%, ମେଘାଳୟ ୭୬%, ଅରୁଣାଚଳ ପ୍ରଦେଶ ୭୬%, ଉତ୍ତର ପ୍ରଦେଶ ୬୬%, ଆସାମ ୬୫% । ଜୁଲାଇ ସୁଦ୍ଧା ଦେଶର ସଫଳତା ହାର ହେଉଛି ୮୮% । ଆଉ ୧୨% ଲକ୍ଷ୍ୟ ପୂରଣ ନିମନ୍ତେ ରାଜ୍ୟମାନଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ।

**ବିଶ୍ୱବ୍ୟାଙ୍କ ପ୍ରଶଂସା:**

'ବିଦ୍ୟୁତିକରଣ କ୍ଷେତ୍ରରେ ଭାରତ ଆଗରେ ଅଛି । ତଥ୍ୟ ଅନୁଯାୟୀ ୮୫% ଦେଶବାସୀଙ୍କ ଘରେ ବିଜୁଳି ଉପଲବ୍ଧ । ପୂର୍ଣ୍ଣ ରୂପରେ ଭାରତ ବିଦ୍ୟୁତିକରଣ କ୍ଷେତ୍ରରେ ଅନ୍ୟ ଦେଶଙ୍କ ତୁଳନାରେ ବହୁ ଅଗ୍ରଗତି କରିଛି । ବର୍ଷକୁ ୩୦ ମିଲିୟନ(୩ କୋଟି) ବିଦ୍ୟୁତ ସଂଯୋଗ , ବାସ୍ତବରେ ପ୍ରଶଂସନୀୟ ପଦକ୍ଷେପ ।' - ଚଳିତ ବର୍ଷ ମଇ ପ୍ରଥମ ସପ୍ତାହରେ ବିଶ୍ୱ ବ୍ୟାଙ୍କର ଅଗ୍ରଣୀ ଶକ୍ତି ଅର୍ଥନୀତିଜ୍ଞ (Lead Energy Economist) ଭିଭେନ୍ ଫୋଷ୍ଟର ଭାରତ ସଂପର୍କରେ ଏହି ମତ ପୋଷଣ କରିଛନ୍ତି । ଏହାର ଗୋଟିଏ ସପ୍ତାହ ପୂର୍ବରୁ ଦେଶର ଅନ୍ତିମ ଗ୍ରାମ ଲାଇସିଙ୍ଗ କୁ ବିଦ୍ୟୁତ ସଂଯୋଗ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିଲେ । ବିଶ୍ୱ ବ୍ୟାଙ୍କର ଏହି ପ୍ରଶଂସା ଆମ ନିମନ୍ତେ ନିଶ୍ଚିତ ଭାବେ ଆନନ୍ଦ ଦାୟକ । କିନ୍ତୁ ଏହା ସହିତ ଆମ ଦେଶର ଯେଉଁ ୧୫% ଅଧିବାସୀ ବିଜୁଳି ସୁବିଧାରୁ ବଞ୍ଚିତ ଅଛନ୍ତି ସେମାନେ କେନ୍ଦ୍ର ଏବଂ ରାଜ୍ୟର ମିଳିତ ଉଦ୍ୟମରେ ମୁଖ୍ୟ ସ୍ରୋତକୁ ଆସିପାରିବେ । ବିଶ୍ୱର ଏପରି କିଛି ରାଷ୍ଟ୍ର ଅଛି, ଯାହାର ୯୦% ଅଧିବାସୀ ଜୀବନକାଳ ଭିତରେ ବିଜୁଳି ଆଲୁଅର ପରଖ ଅନୁଭବ କରିନାହାନ୍ତି । ଏହି ରାଷ୍ଟ୍ରମାନଙ୍କ ମଧ୍ୟରେ ଆଫ୍ରିକାର ବୁରୁଣ୍ଡି,ଚାଦ, ଦକ୍ଷିଣ ସୁଦାନ ଆଦି ଅନ୍ୟତମ ।

୨୦୧୮ ମସିହା ଆମ ଦେଶ ପାଇଁ ଗୌରବମୟ ଗାଥା ବହନ କରେ । ମହାତ୍ମା ଗାନ୍ଧିଙ୍କ ୧୫୦ ତମ ଜନ୍ମବାର୍ଷିକୀ ସମାରୋହ ଅକ୍ଟୋବର ୨ ତାରିଖରୁ ପାଳନ କରାଯିବ । ସାରା ବିଶ୍ୱରେ ଶାନ୍ତି ଓ ଅହିଂସାର ବାର୍ତ୍ତା ପ୍ରଚାର କ୍ଷେତ୍ରରେ ସେ ଥିଲେ ଅଗ୍ରଗଣ୍ୟ । ୨୦୧୮ ମସିହା ହେଉଛି ତାଙ୍କର ମହାନ ଅନୁଗାମୀ ଆମେରିକା ନାଗରିକ ଅଧିକାର ଆନ୍ଦୋଳନର ପ୍ରମୁଖ ପ୍ରବକ୍ତା ମାର୍ଟିନ ଲୁଥର କିଙ୍ଗ୍ ଜୁନିୟର ମହାପ୍ରୟାଣର ସୁବର୍ଣ୍ଣ ଜୟନ୍ତୀ । ସେ ଅନେକ କ୍ଷେତ୍ରରେ କହିଛନ୍ତି - ବାଇବେଲ ଓ ମହାତ୍ମା ଗାନ୍ଧିଙ୍କ ପ୍ରଦର୍ଶିତ ଅହିଂସା ମାର୍ଗ ହେଉଛି ମୋର ଶକ୍ତି । ଏହି ବର୍ଷ ଆମ ଦେଶର ପ୍ରତିଟି ପରିବାର ବିଜୁଳି ଆଲୁଅ ପାଇ ପାରିବେ । ସୌଭାଗ୍ୟ ଯୋଜନା ମାଧ୍ୟମରେ ସମସ୍ତେ ଏହି ଲକ୍ଷ୍ୟ ପୋଷଣ କରିଛନ୍ତି ଏବଂ ଏହା ବାସ୍ତବ ରୂପ ନେବ । ସୌଭାଗ୍ୟ ଯୋଜନା ଗ୍ରାମାଞ୍ଚଳ-ଜୀବନରେ ବ୍ୟାପକ ପରିବର୍ତ୍ତନ



ଆଣିବ। ବିଶେଷତଃ ମହିଳାମାନେ ରାତିର ଅନ୍ଧାରରେ ଅସୁରକ୍ଷିତ ମଣୁଥିବାରୁ, ସେମାନଙ୍କ ନିମନ୍ତେ ଏହା ଭାଗ୍ୟ ପରିବର୍ତ୍ତନକାରୀ ଯୋଜନା ଭାବେ ବିବେଚିତ ହେବ । ଲଣ୍ଠନ ଆଲୁଅର ପ୍ରଦୂଷଣରୁ ଗ୍ରାମାଞ୍ଚଳ ମୁକ୍ତ ହେବ ଏବଂ ପେଟ୍ରୋଲିୟମ ଆମଦାନୀ ହ୍ରାସ ଦେଶର ଅର୍ଥନୀତିକୁ ସମୃଦ୍ଧ କରିବ । ବିଦ୍ୟୁତ ଶକ୍ତି ସହଜରେ ଉପଲବ୍ଧ ହେଲେ ଗ୍ରାମାଞ୍ଚଳର ଚାଷୀମାନେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଆଗ୍ରହ ପ୍ରକାଶ କରିପାରିବେ । ଜୀବନର ମାନ ବୃଦ୍ଧି ହେଲେ ସ୍ୱାଭାବିକ ଭାବେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତରେ ଅଭୂତପୂର୍ବ ପରିବର୍ତ୍ତନ ଆସିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷାରେ – 'ନୂତନ ଭାରତରେ ଏପରି ଏକ ଶକ୍ତି ତନ୍ତ୍ରର ଆବଶ୍ୟକତା ଅଛି – ଯାହା ନ୍ୟାୟଯୁକ୍ତ, ଦକ୍ଷତା ଓ ସ୍ଥାୟୀତ୍ୱ ସିଦ୍ଧାନ୍ତ ଉପରେ ପ୍ରତିଷ୍ଠିତ ହେବ । ଆମର ଘରୋଇ ଉତ୍ପାଦନ କେତେ ବୃଦ୍ଧି ପାଉଛି ଏବଂ ଆମଦାନୀ କେତେ ହ୍ରାସ ହେଉଛି,ଏହା ତାହାରି ଉପରେ ନିର୍ଭରଶୀଳ । ବିକାଶର ଧାରା ପ୍ରଖର ହେଲେ ଜୀବନର ମାନରେ ବ୍ୟାପକ ପରିବର୍ତ୍ତନ ଆସେ। ଆଜି ଦେଶର ପ୍ରତିଟି ଗ୍ରାମରେ ବିଜୁଳି ପହଞ୍ଚି ପାରିଛି। ଆସନ୍ତାକାଲି ସୌଭାଗ୍ୟ ଯୋଜନା ମାଧ୍ୟମରେ ପ୍ରତିଟି ଘର ବିଜୁଳି ଆଲୁଅରେ ଚମକି ଉଠିବ । ଆମେ ଅନ୍ଧକାରରୁ ସବୁଦିନ ପାଇଁ ମୁକ୍ତ ହୋଇ ଯିବା।'

ଲେଖକ ହେଉଛନ୍ତି ଜଣେ ସ୍ତମ୍ଭକାର।

## ଆପଣ ଜାଣନ୍ତି କି ?

# ଦିଶା



ଜାତୀୟ ଟ୍ରଷ୍ଟ୍ ଅଧିନିୟମ ଅଧିନରେ ଶୂନରୁ ଦଶବର୍ଷ ବୟସ ଭିତରେ ଥିବା ୪ ପ୍ରକାରର ଭିନ୍ନକ୍ଷମଙ୍କ ସଅଳ ଶିକ୍ଷା ଯୋଜନାର ନାମ ହେଉଛି 'ଦିଶା'। ଅଟିଜମ୍, ସେରେବ୍ରାଲ୍ ପଲସି, ମାନସିକ ବାଧାପ୍ରାପ୍ତ ଓ ଅନ୍ୟାନ୍ୟ ବହୁବିଧ ଅକ୍ଷମତା ପୀଡ଼ିତ ଭିନ୍ନକ୍ଷମଙ୍କ ମଙ୍ଗଳ ସକାଶେ ଏହି ଜାତୀୟ ଟ୍ରଷ୍ଟ ପ୍ରତିଷ୍ଠା କରାଯାଇଛି। ଏମାନଙ୍କୁ ବିଭିନ୍ନ ଉପଚାର, ପ୍ରଶିକ୍ଷଣ ଓ ପରିବାର ସଦସ୍ୟଙ୍କୁ ସହଯୋଗ ଦେବା ଉଦ୍ଦେଶ୍ୟରେ 'ଦିଶା' କେନ୍ଦ୍ରମାନ ସ୍ଥାପନ କରିବା ପାଇଁ ଏହି ଅଧିନିୟମରେ ବ୍ୟବସ୍ଥା ଅଛି। ଏହି ଯୋଜନା ଅଧିନରେ ଭିନ୍ନକ୍ଷମଙ୍କ କୌଣସି ସଂଗଠନ, ସେମାନଙ୍କ ଅଭିଭାବକଙ୍କ କୌଣସି ସଂଗଠନ ଓ କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟ ଏହି ଜାତୀୟ ଟ୍ରଷ୍ଟ୍ ସହ ଅନୁବନ୍ଧିତ ହୋଇପାରିବେ। ଏଗୁଡ଼ିକୁ ପଞ୍ଜୀକୃତ ସଂଗଠନ ଭାବେ ଅଭିହିତ କରାଯାଇଛି। ଦିଶା କେନ୍ଦ୍ରଗୁଡ଼ିକୁ ଏହି ଜାତୀୟ ଟ୍ରଷ୍ଟ ଆବଶ୍ୟକୀୟ ପାଣ୍ଠି ଯୋଗାଇଥାଏ। ତେବେ ଦିଶା କେନ୍ଦ୍ର ପ୍ରତିଷ୍ଠା ହେଲା ପରେ ସମ୍ପୃକ୍ତ ପଞ୍ଜୀକୃତ ସଂଗଠନକୁ ନିମ୍ନଲିଖିତ ତଥ୍ୟ ପ୍ରଦାନ କରିବାକୁ ପଡ଼ିଥାଏ।

କ) ଯତ୍ନ ସମ୍ପର୍କିତ: ଭିନ୍ନକ୍ଷମଙ୍କ ସକାଶେ ପଞ୍ଜୀକୃତ ଅନୁଷ୍ଠାନଗୁଡ଼ିକ ଦିନରେ ଅନ୍ତତଃ ୪ ଘଣ୍ଟା ଅର୍ଥାତ୍ ସକାଳ ୮ଟାରୁ ସନ୍ଧ୍ୟା ୬ ମଧ୍ୟରେ ଦିନବେଳା ପାଠପଢ଼ା ଓ ଅନ୍ୟାନ୍ୟ ସୁବିଧା ଯୋଗାଇବେ। ଏହି ସୁବିଧା ମାସକୁ ଅନ୍ତତଃ ୨୧ ଦିନ ପାଇଁ ରହିବା ଦରକାର। ଜାତୀୟ ଟ୍ରଷ୍ଟ୍ ଦ୍ୱାରା ଆର୍ଥିକ ସାହାଯ୍ୟପ୍ରାପ୍ତି ପାଇଁ କୌଣସି ଭିନ୍ନକ୍ଷମଙ୍କୁ ଏଭଳି ଦିଶା କେନ୍ଦ୍ରରେ ମାସକୁ ଅନ୍ତତଃ ୧୫ ଦିନ ନିଜର ଉପସ୍ଥାନ ସୁନିଶ୍ଚିତ କରିବାକୁ ପଡ଼ିବ। ଦିଶା କେନ୍ଦ୍ରରେ ଛାତ୍ରଛାତ୍ରୀ ସଂଖ୍ୟା ୨୦ କିମ୍ବା ସର୍ବାଧିକ ୨୬ ହୋଇପାରିବ। ଅଧିକ ଭିନ୍ନକ୍ଷମଙ୍କ ପଞ୍ଜିକରଣ ପାଇଁ ସମ୍ପୃକ୍ତ ସଂଗଠନକୁ ଅନ୍ୟ ଏକ ଦିଶା କେନ୍ଦ୍ର ସ୍ଥାପନ କରିବା ସକାଶେ ଅଲଗା ଭାବେ ଆବେଦନ କରିବାକୁ ପଡ଼ିବ। ପଞ୍ଜୀକୃତ ସଂଗଠନଗୁଡ଼ିକୁ ଏଭଳି ଦିଶା କେନ୍ଦ୍ରରେ ପ୍ରତ୍ୟେକ ସ୍ୱଳ୍ପ ଆୟ ବର୍ଗର ଜଣେ ଭିନ୍ନକ୍ଷମଙ୍କ ପାଇଁ ଏହି ଆୟବର୍ଗ ଊର୍ଦ୍ଧ୍ୱରେ ଥିବା ଜଣେ ଭିନ୍ନକ୍ଷମଙ୍କ ଅନୁପାତ ସୁନିଶ୍ଚିତ କରିବାକୁ ପଡ଼ିବ। ଦ୍ୱିତୀୟ ପ୍ରକାରର ଭିନ୍ନକ୍ଷମଙ୍କ ପାଇଁ ସମ୍ପୃକ୍ତ ପଞ୍ଜୀକୃତ ଅନୁଷ୍ଠାନ ସେହି ଭିନ୍ନକ୍ଷମଙ୍କ ପିତାମାତା, ଅଭିଭାବକ ଓ ଅନ୍ୟ କୌଣସି ଉତ୍ସରୁ ପାଣ୍ଠି ସଂଗ୍ରହ କରିପାରିବେ। ତେବେ ଏ ସମ୍ପର୍କରେ ପୂର୍ବରୁ ବୁଝାମଣା ହୋଇସାରିଥିବା ଆବଶ୍ୟକ।

ଖ) ଦିଶା କେନ୍ଦ୍ରରେ ବିଶେଷ ଶିକ୍ଷକ, ଫିଜିଓଥେରାପିଷ୍ଟ, ପରାମର୍ଶଦାତା, ଶାରିରୀକ ଶିକ୍ଷା ପ୍ରଶିକ୍ଷକ ଆଦି ବୃତ୍ତିଧାରୀମାନଙ୍କ ଉପସ୍ଥିତି ଆବଶ୍ୟକ।

ଗ) ଭିତ୍ତିଭୂମି ସୁବିଧା: ଦିଶା କେନ୍ଦ୍ରରେ ଡାକ୍ତରୀ ସହାୟତା, ଅନ୍ୟାନ୍ୟ କାର୍ଯ୍ୟକଳାପ ଓ ଅବସର ବିନୋଦନ ପାଇଁ ପର୍ଯ୍ୟାପ୍ତ ସ୍ଥାନ, କୋଠରୀ ଓ ଅନ୍ୟାନ୍ୟ ଉପକରଣ ରହିବା ଆବଶ୍ୟକ।

ଘ) ପରାମର୍ଶ: ପଞ୍ଜୀକୃତ ଅନୁଷ୍ଠାନ ଦ୍ୱାରା ଏଭଳି ଦିଶା କେନ୍ଦ୍ରରେ ଭିନ୍ନକ୍ଷମ ପିତାମାତାଙ୍କ ସକାଶେ ପରାମର୍ଶ ସୁବିଧା ପ୍ରଦାନ କରିବା ଉଚିତ୍। ଏତଦ୍‌ବ୍ୟତୀତ ଭିନ୍ନକ୍ଷମଙ୍କୁ ମୁଖ୍ୟଧାରାର ବିଦ୍ୟାଳୟଗୁଡ଼ିକରେ ଭର୍ତ୍ତି କରିବା ପାଇଁ ପଞ୍ଜୀକୃତ ଅନୁଷ୍ଠାନଗୁଡ଼ିକ ପ୍ରଚେଷ୍ଟା କରିବା ବିଧେୟ।

ଙ) ଗମନାଗମନ ସୁବିଧା: ଭିନ୍ନକ୍ଷମଙ୍କ ପାଇଁ ପଞ୍ଜୀକୃତ ଅନୁଷ୍ଠାନଗୁଡ଼ିକ ଆବଶ୍ୟକ ଯାତାୟାତ ସୁବିଧା ପ୍ରଦାନ କରିବା ଉଚିତ୍।

## ସ୍ୱଚ୍ଛ ଭାରତ ମିଶନ: ଏକ ସ୍ୱଚ୍ଛତା ବିପ୍ଳବ


- ଖୋଲାରେ ମଳତ୍ୟାଗ ଅଭ୍ୟାସରୁ ଦେଶବାସୀଙ୍କୁ ମୁକ୍ତ କରିବା ସକାଶେ ଏବଂ ମହିଳାମାନଙ୍କ ଆତ୍ମସମ୍ମାନ ବଜାୟ ରଖିବା ଦୃଷ୍ଟିରୁ ସମଗ୍ର ଦେଶରେ ଦ୍ୱରିତ ବେଗରେ ଶୌଚାଳୟ ନିର୍ମାଣ
- ୭.୨୫ କୋଟି ଶୌଚାଳୟ ନିର୍ମାଣ। ୩.୬ ଲକ୍ଷ ଗ୍ରାମ ଏବଂ ୧୭ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳକୁ ଖୋଲାରେ ମଳତ୍ୟାଗ ଅଭ୍ୟାସରୁ ମୁକ୍ତ ଘୋଷଣା କରାଯାଇଛି।


## ଉଜ୍ୱଳା ଯୋଜନା: ଧୂଆଁମୁକ୍ତ ଜୀବନ

- ମହିଳାମାନଙ୍କ ପାଇଁ ରନ୍ଧନ ସୁବିଧା। ସେମାନଙ୍କୁ ଆଉ ଚୁଲିର ଧୂଆଁ ଆଘ୍ରାଣ କରିବାକୁ ପଡ଼ିବ ନାହିଁ। ୩.୮ କୋଟି ମହିଳାଙ୍କୁ ଏଲ୍‌ପିଜି ସଂଯୋଗ ଦିଆଯାଇସାରିଛି। ୮ କୋଟି ମହିଳାଙ୍କୁ ଏଲ୍‌ପିଜି ସଂଯୋଗ ଦେବା ପାଇଁ ନୂତନ ଲକ୍ଷ୍ୟଧାର୍ଯ୍ୟ।

## ମହିଳାମାନଙ୍କୁ ଅଗ୍ରାଧିକାର

- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧିନରେ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯାଉଛି।
- ଏକାକୀନି ମା'ମାନଙ୍କ ପାଇଁ ପାସ୍‌ପୋର୍ଟ ନିୟମକୁ କୋହଳ କରାଯାଇଛି।



ବିକାଶର ନକ୍ସା

# ଏମ୍ସ ଅଧିନରେ ବିଭିନ୍ନ ସ୍ୱାସ୍ଥ୍ୟସେବା ପ୍ରକଳ୍ପର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ




*ନୂଆଦିଲ୍ଲୀସ୍ଥିତ ଏମ୍ସଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟସେବା ପ୍ରକଳ୍ପର ଶୁଭାରମ୍ଭ ।*


ନିକଟ ଅତୀତରେ ନୂଆଦିଲ୍ଲୀର ଏମ୍ସଠାରେ, ବିଶେଷ ଭାବେ ବୟସ୍କଙ୍କ ସକାଶେ ପ୍ରଧାନମନ୍ତ୍ରୀ ବିଭିନ୍ନ ସ୍ୱାସ୍ଥ୍ୟସେବା ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ସେ ଏମ୍ସଠାରେ ବୟସ୍କଙ୍କ ପାଇଁ ଏକ ଜାତୀୟ କେନ୍ଦ୍ରର ଆଧାରଶିଳା ରଖିଥିଲେ । ସଫ୍‌ଦରଜଙ୍ଗ ହସ୍ପିଟାଲରେ ୫୫୫ ଶଯ୍ୟା ବିଶିଷ୍ଟ ଏକ ଅତ୍ୟାଧୁନିକ ସୁବିଧାଯୁକ୍ତ ବ୍ଲକ୍, ଏମ୍ସଠାରେ ୩୦୦ ଶଯ୍ୟାବିଶିଷ୍ଟ ପାୱାରଗ୍ରୀଡ୍ ବିଶ୍ରାମ ସଦନ ଓ ଏମ୍ସ, ଅନ୍‌ସାରୀ ନଗର ଓ ଟ୍ରମା କେନ୍ଦ୍ର ମଧ୍ୟରେ କନେକ୍ଟନ୍ ମୋଟରେବଲ୍ ଟନେଲ୍‌କୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଥିଲେ ।


ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ସରକାର ହସ୍ପିଟାଲଗୁଡ଼ିକରେ ସମସ୍ତ ପ୍ରକାରର ଆଧୁନିକ ସୁବିଧା ପ୍ରଦାନ କରିବା ପାଇଁ ପ୍ରଚେଷ୍ଟା କରୁଛନ୍ତି । ଏହା ସହିତ ଦେଶର ଦୂରଦୂରାନ୍ତ ଅଞ୍ଚଳରେ ଯେପରି ସ୍ୱାସ୍ଥ୍ୟସେବା ପହଞ୍ଚିପାରିବ, ସେ ଦିଗରେ ମଧ୍ୟ ଯତ୍ନବାନ ଅଛନ୍ତି । ବୟସ୍କଙ୍କ ସକାଶେ ଉଦ୍ଦିଷ୍ଟ ଜାତୀୟ କେନ୍ଦ୍ର ମାଧ୍ୟମରେ ବୟୋଜ୍ୟେଷ୍ଠଙ୍କୁ ସ୍ୱାସ୍ଥ୍ୟସେବା ସୁବିଧା ପ୍ରଦାନ କରିବା ସହିତ ସେମାନଙ୍କ ପାଇଁ ଆବଶ୍ୟକ ବୃଦ୍ଧାବସ୍ଥାଜନିତ ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଗବେଷଣା ମଧ୍ୟ କରାଯିବ । ଏହି କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ସୁବିଧା ସହ ୨୦୦ଟି ସାଧାରଣ ଶଯ୍ୟା ଓ ୨୦ଟି ଆଇସିୟୁର ବ୍ୟବସ୍ଥା ରହିଛି ।

ଏମ୍ସ ଓ ଜେପିଏନ୍‌ଏ ଟ୍ରମାକେନ୍ଦ୍ର ମଧ୍ୟରେଥିବା ଭୂମିଗତ ଟନେଲ୍ ଯୋଗୁଁ ଯାତାୟାତ ସମୟ କମ୍ ହେବ । ପାୱାର ଗ୍ରୀଡ୍ ବିଶ୍ରାମ ସଦନରେ ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ରାତ୍ରିଯାପନର ବ୍ୟବସ୍ଥା ରହିଛି । ସେହିପରି ସଫ୍‌ଦରଜଙ୍ଗ ହସ୍ପିଟାଲର ନୂତନ ଆପାତଃକାଳୀନ କେନ୍ଦ୍ରଠାରେ ଆଇସିୟୁ ସମେତ ଅନ୍ୟାନ୍ୟ ବହୁ ସ୍ୱାସ୍ଥ୍ୟସେବା ସୁବିଧା ରହିଛି ।

## ମହିଳାଙ୍କ ସାମାଜିକ ସଶକ୍ତିକରଣ

- ତିନି ତଲାକ୍ ପ୍ରଥା ବିରୋଧରେ ମୁସଲ୍‌ମାନ ମହିଳାମାନଙ୍କୁ ସଶକ୍ତ କରିଥିବା ବିଲ୍ ଲୋକସଭାରେ ପାରିତ
- ଏଣିକି ମହିଳାମାନେ କୌଣସି ପୁରୁଷ ଅଭିଭାବକଙ୍କ ବିନା ହଜ୍ ତୀର୍ଥଯାତ୍ରା କରିପାରିବେ।



# ଦୁଇ ବିଶିଷ୍ଟ ଓଡିଆଙ୍କ ରାଜ୍ୟସଭାକୁ ମନୋନୟନ ଓଡିଆ ଲୋକ, ସାହିତ୍ୟ, ମନ୍ଦିର କଳା, ମୂର୍ତ୍ତି କଳା ଓ ନୃତ୍ୟ କଳାକୁ ସ୍ୱୀକୃତି: ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ



ରାଜ୍ୟର ଦୁଇ ମହାନ ବ୍ୟକ୍ତିତ୍ୱ, ସ୍ଥପତି ରଘୁନାଥ ମହାପାତ୍ର ଓ ନୃତ୍ୟଶିଳ୍ପୀ ସୋନାଲ ମାନସିଂଙ୍କୁ ରାଜ୍ୟସଭାକୁ ମନୋନୀତ କରି ଓଡିଶାର ପରମ୍ପରାକୁ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ସ୍ୱୀକୃତି ଦେଇଥିବାରୁ ଆଜି ସାରା ରାଜ୍ୟବାସୀ ତାଙ୍କୁ କୃତଜ୍ଞତା ପ୍ରଦାନ କରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି । କେବଳ ଏହି ଦୁଇ ମହାନ ବ୍ୟକ୍ତିତ୍ୱଙ୍କୁ ନୁହେଁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

## ସାମ୍ପ୍ରତିକୀ

ସ୍ୱାଧୀନତାର ଏତେବର୍ଷ ପରେ ଓଡିଆ ଲୋକ, ସାହିତ୍ୟ, ମନ୍ଦିର କଳା, ମୂର୍ତ୍ତି କଳା ଓ ନୃତ୍ୟ କଳାକୁ ସ୍ୱୀକୃତି ମିଳିଲା ବୋଲି ସେ ପ୍ରକାଶ କରିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସ୍ଥପତି ଶ୍ରୀ ମହାପାତ୍ରଙ୍କ ଘରକୁ ଯାଇ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ

ସ୍ଥପତି ରଘୁନାଥ ମହାପାତ୍ରଙ୍କ ଦ୍ୱିତୀୟ କୋଣାର୍କ ମନ୍ଦିର ପରିକଳ୍ପନା ସମ୍ପର୍କିତ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ସେ ତାହାକୁ ସମର୍ଥନ କରୁଛନ୍ତି ବୋଲି କହିଥିଲେ । ସମଗ୍ର ଭାରତବାସୀ ତାଙ୍କର ଏହି ଦ୍ୱିତୀୟ କୋଣାର୍କ ଉଦ୍ୟମକୁ ସମର୍ଥନ କରିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ, ଶ୍ରୀ ମହାପାତ୍ର ଜଣେ ଅନନ୍ୟ ଶିଳ୍ପୀ । ହଜାର ହଜାର ବର୍ଷ ତଳେ ତାଙ୍କର ପୂର୍ବଜମାନେ ଶ୍ରୀମନ୍ଦିର, କୋଣାର୍କ ମନ୍ଦିର, ଲିଙ୍ଗରାଜ ମନ୍ଦିର ନିର୍ମାଣ କରିଥିଲେ । ଆଜି ସେମିତି ଜଣେ ସ୍ଥପତିଙ୍କୁ ରାଜ୍ୟସଭାକୁ ମନୋନୀତ କରାଯାଇ ହଜାର ହଜାର ବର୍ଷର ପରମ୍ପରାକୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ପୁନର୍ଜୀବିତ କରିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।


## New Rates for Subscription of Journals

| S.No | Name of the Journal | Subscription Price Per Copy Rs | Subscription Price for 1 Year Rs | Subscription Price for 2 Years Rs | Subscription Price for 3 Years Rs | Subscription Price for Special Issue Rs |
|---|---|---|---|---|---|---|
| 1 | Yojana * | 22 | 230 | 430 | 610 | 30 |
| 2 | Kurukshetra * | 22 | 230 | 430 | 610 | 30 |
| 3 | Ajkal * | 22 | 230 | 430 | 610 | 30 |
| 4 | Bal Bharti * | 15 | 160 | 300 | 420 | 20 |
| 5 | Employment News # | 12 | 530 | 1000 | 1400 | NA |

* The prices of Journals are being revised from April 2016 issue onwards
# The price of Employment News is being revised from 6th February 2016 issue onwards

## ନାବାର୍ଡର ୩୭ ତମ ପ୍ରତିଷ୍ଠା ଉତ୍ସବ

# ଓଡିଶାକୁ ଅଗ୍ରଣୀ କୃଷି ରାଜ୍ୟରେ ପରିଣତ କରିବାର ନେତୃତ୍ୱ ନାବାର୍ଡ ନେଉ: ଧର୍ମେନ୍ଦ୍ର ପ୍ରଧାନ




ଓଡିଶାରେ ଅପାର ସମ୍ଭାବନା ରହିଛି । ରାଜ୍ୟରେ ୧ କୋଟି ପରିବାର ମଧ୍ୟରୁ ୫୦ ଭାଗ ପରିବାର କୃଷି ଉପରେ ନିର୍ଭରଶୀଳ । ଓଡିଶାର ଜିଡିପିର ସିଂହଭାଗ ଚାଷରୁ ଆସୁଛି । ଓଡିଶାର ଦୁଇ ତୃତୀୟାଂଶ ଲୋକ ଚାଷ ଉପରେ ନିର୍ଭର କରନ୍ତି । ତେଣୁ ନୂଆ ଓଡିଶା ଗଠନ ସହ ଓଡିଶାକୁ ଅଗ୍ରଣୀ କୃଷି ରାଜ୍ୟରେ ପରିଣତ କରିବା କ୍ଷେତ୍ରରେ ନାବାର୍ଡ ନେତୃତ୍ୱ ନେଉ ବୋଲି କହିଛନ୍ତି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ନାବାର୍ଡର ୩୭ ତମ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ,

# ସାମ୍ପ୍ରତିକୀ

ଓଡିଶାରେ ଗତ ୨ ବର୍ଷ ମଧ୍ୟରେ ନାବାର୍ଡର କାର୍ଯ୍ୟ ପ୍ରଂଶସନୀୟ । ଋଣ ପ୍ରଦାନ କ୍ଷେତ୍ରରେ ୮୦୪୬ କୋଟିରୁ ଏହା ଏବେ ୧୭ ହଜାର ୧୯୫ କୋଟିରେ ପହଁଚିଛି । ନାବାର୍ଡର କୌଣସି ବିକଳ୍ପ ନାହିଁ । ନାବାର୍ଡର ଏହି ଋଣର ଓଡିଶାର ଗ୍ରାମାଚଂଳର ଢାଞ୍ଚା, ଜଳସେଚନ, କୃଷିବଜାର ଓ କୃଷି ଉତ୍ପାଦନରେ ସହାୟକ ହେବ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି କେବଳ ଧାନ ନୁହେଁ, ବଜେଟରେ ଗୋବର୍ଦ୍ଧନ ଯୋଜନା ଆସିଛି । ସବୁ ଚାଷୀଙ୍କ ଘରେ ବଳଦ, ଗାଈ, ମଇଁଷି ଅଛନ୍ତି । ସେମାନଙ୍କ ଗୋବର ଓ ବର୍ଜ୍ୟବସ୍ତୁରୁ ବାୟୋଗ୍ୟାସ ବାହାରିବ । ଇଣ୍ଡିଆନ ଅଏଲ କର୍ପୋରେସନ ଓ ଅନ୍ୟାନ୍ୟ କମ୍ପାନୀ ଏହାକୁ ବାୟୋ ସିଏନଜିରେ ପରିବର୍ତନ କରିବେ । ଏହାଦ୍ୱାରା ଓଡିଶାର ଅର୍ଥନୀତିରେ ବିକାଶ ହୋଇପାରିବ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ନାବାର୍ଡକୁ ୫୦ ବର୍ଷ ପୂରଣ ପାଇଁ ୧୩ ବର୍ଷ ବାକିଅଛି । ସେହିପରି ଭାଷାଭିତିକ ରାଜ୍ୟର ୧୦୦ ବର୍ଷ ପୂରଣ ପାଇଁ ଓଡିଶାକୁ ଆହୁରି ୧୮ ବର୍ଷ ବାକି ଅଛି । ଏହି ସମୟ ମଧ୍ୟରେ ନୂଆ ଓଡିଶା ପାଇଁ ନାବାର୍ଡ ନେତୃତ୍ୱ ନେବାର ସହ କାମ କରିବା ଦରକାର । ନାବାର୍ଡ ଏହି କାମ କଲେ ଅନ୍ୟାନ୍ୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟ ତାଙ୍କର କାମ କରିବେ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଚାଷୀଙ୍କ ଆୟ ଦୁଇଗୁଣ କରିବା ପାଇଁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ । ଏଥିପାଇଁ ବହୁ ଯୋଜନା ଆରମ୍ଭ ହୋଇଛି । ଏବେ ଦେଶର ସମସ୍ତ ହାଟ ବଜାରକୁ ଡିଜିଟାଲ ଫର୍ମାଟରେ ଇ-ନାମ ସହ ଯୋଡିବାକୁ ପଦକ୍ଷେପ ଆରମ୍ଭ ହୋଇଛି । ରାଜ୍ୟର ସମସ୍ତ ଆରଏମସିକୁ ମଧ୍ୟ ଏହା ସହ ଯୋଡିଲେ ରାଜ୍ୟର ଚାଷୀମାନେ ଦେଶ ଓ ବିଦେଶର ବଜାରକୁ ନିଜର ଉତ୍ପାଦନ ସାମଗ୍ରୀ ପଠାଇ ପାରିବେ । ଓଡିଶାର ଚାଉଳ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାମଗ୍ରୀ ବନ୍ଦର ଦେଇ ବାହାରକୁ ରପ୍ତାନୀ ହେବ । ଏହି ସବୁ କ୍ଷେତ୍ରରେ ନାବାର୍ଡର ଭୂମିକା ଗୁରୁତ୍ୱପୂର୍ଣ ବୋଲି କହିଛନ୍ତି ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ, ରାଜ୍ୟରେ ଥିବା ୫୦ ଲକ୍ଷ ଚାଷୀ ପରିବାରରୁ ଆଜି ବି ଭଲଭଲ ଲୋକ ବାହାରି ବିଭିନ୍ନ ସ୍ଥାନରେ ଅଛନ୍ତି । ରାଜ୍ୟର ବୌଦ୍ଧ, ମୟୁରଭଞ୍ଜ ଓ ମାଲକାନାଗିରି ପରି ୧୦ ଟି ଜିଲ୍ଲାରେ ଚାଷର ବିକଳ୍ପ ନାହିଁ । ତେଣୁ ଓଡିଶାରେ ଚାଷ ଅର୍ଥନୀତିର ବିକାଶ ପାଇଁ ସମସ୍ତେ ଆଗେଇ ଆସିବା ଦରକାର । ଗୋଟିଏ କୃଷି ଋଣରୁ ଅନ୍ୟଏକ ଋଣ ପାଇଁ ଯେଉଁ ଅବ୍ୟବସ୍ଥା ଅଛି ତାର ସୁଧାର କରିବା ଦରକାର ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । ସେହିପରି ଚାଷୀଙ୍କ କଥା ଓ ଗାଁ ଗଣ୍ଡାର କଥା କହିବା ସମୟରେ ଅଧିକାରୀ ମାନେ ଓଡିଆ ଭାଷାରେ କୁହନ୍ତୁ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ ।

## ସାମ୍ପ୍ରତିକୀ

# ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ସ୍ୱଚ୍ଛଭାରତ ଜନ ଆନ୍ଦୋଳନରେ ପରିଣତ ହୋଇଛି: ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ



**ସ୍ୱ**ଚ୍ଛତା ହିଁ ସୁନ୍ଦର ସ୍ୱାସ୍ଥ୍ୟର ଚାବିକାଠି । ଆମ ସହର, ଗାଁ, ପରିବେଶ ସ୍ୱଚ୍ଛ ରହିଲେ ସ୍ୱାସ୍ଥ୍ୟ,ମନ ଠିକ୍ ରହିବ । ଏହା ସାକାରାତ୍ମକ ବାତାବରଣ ତିଆରି କରିବ । ସେଥିପାଇଁ ଯିଏ ଯେତିକି ପାରିବ ପ୍ରତିଦିନ ସ୍ୱଚ୍ଛତା ଆନ୍ଦୋଳନରେ ଲାଗିବା ଦରକାର ବୋଲି କହିଛନ୍ତି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଭାରତ ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଗତ ଜୁଲାଇ ୧ ତାରିଖରୁ ୧୫ ତାରିଖ ଯାଏଁ ସ୍ୱଚ୍ଛତା ପକ୍ଷ ପାଳନ ହେଉଛି । ଏହି ଅବସରରେ ଭୁବନେଶ୍ୱରର ଭରତପୁର ସତ୍ୟନଗରରେ ଅନୁଷ୍ଠିତ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ । ଏହି ଅବସରରରେ ସେ କହିଛନ୍ତି ଯେ, ବିଗତ ୪ ବର୍ଷ ହେଲା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ସ୍ୱଚ୍ଛଭାରତ ଏବେ ଜନ ଆନ୍ଦୋଳନରେ ପରିଣତ ହୋଇଛି । ଧୀରେଧୀରେ ନାଗରିକ ମାନଙ୍କ ମଧ୍ୟରେ ସଚେତନତା ବଢୁଛି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆହୁରି କହିଲେ ଯେ, ସ୍ୱଚ୍ଛତା କେବଳ ସରକାରୀ କାଯ୍ୟକ୍ରମ ନୁହେଁ । ଏଥିପାଇଁ

ସବୁ ନାଗରିକ, ସବୁ ସଙ୍ଗଠନକୁ ଦାୟିତ୍ୱ ନେବାକୁ ପଡିବ। ଏବେ ଭାରତ ସରକାରଙ୍କ ସହ ସମସ୍ତ ରାଜ୍ୟ ସରକାର ମଧ୍ୟ ପ୍ଲାଷ୍ଟିକ ଉପରେ ପଦକ୍ଷେପ ନେଇଛନ୍ତି । ପ୍ଲାଷ୍ଟିକ ଏଠିସେଠି ପଡି ପର୍ଯ୍ୟାବରଣ ଉପରେ କୁପ୍ରଭାବ ପକାଉଛି। ତେଣୁ ଏହା ଉପରେ ଜନଜାଗରଣ ଓ ଜନସଚେତନତା ନିହାତି ଆବଶ୍ୟକ। ଏଥିପାଇଁ ସମସ୍ତଙ୍କୁ ଦାୟିତ୍ୱ ନେବାକୁ ପଡିବ।

ଶ୍ରୀ ପ୍ରଧାନ କହିଥିଲେ ଯେ, ବର୍ଷାଦିନ ହେତୁ ପ୍ଲାଷ୍ଟିକ ଏଣେତେଣେ ପଡିବା ଫଳରେ ମଶା, ଡାଆଁସ ସୃଷ୍ଟି ହେଉଛନ୍ତି । ସେଥିପାଇଁ ଆଜି ଏଠାରେ ଜନଜାଗରଣ କରାଯାଇଛି। ସାରା ଦେଶରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇ ଲୋକଙ୍କ ମଧ୍ୟରେ ଜାଗରଣ କରାଯାଉଛି ।

ସ୍ମାର୍ଟସିଟି ଭୁବନେଶ୍ୱରରେ ଦେଖାଦେଇଥିବା ସମସ୍ୟା ଉପରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ପ୍ରଧାନ କହିଛନ୍ତି, ପମ୍ପା ମାଠିଆର ଶବ୍ଦ ବେଶି । ସାଙ୍କେତିକ କାମ କରିଦେଲେ କିଛି ହେବ ନାହିଁ । ଗଣମାଧ୍ୟମରେ ମଧ୍ୟ ଏନେଇ ଦାୟିତ୍ୱ ରହିଛି। ଲୋକଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରାଯିବା ଦରକାର। ସ୍ୱଚ୍ଛ ରହିବା ଏକ ସାମାଜିକ ଓ ଅର୍ଥନୈତିକ ଏବଂ ସ୍ୱାସ୍ଥ୍ୟଗତ ବିଷୟ ବୋଲି ସେ କହିଥିଲେ।

# ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ




ଦକ୍ଷତାର ବିକାଶ କେବଳ କିଛି ରୋଜଗାର ଓ ଭୌତିକ ସୁଖ ପାଇଁ ବ୍ୟବସ୍ଥା ନୁହେଁ ବରଂ ସ୍ୱାଭିମାନ ଓ ସମ୍ମାନର ସହ ବଂଚିବା ପାଇଁ ଏକ ମାଧ୍ୟମ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସ୍ଥାନୀୟ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପରିସରରେ ଇଣ୍ଡିଆ ସ୍କିଲ ପ୍ରତିଯୋଗିତା (ପୂର୍ବ ଭାରତର) ଉଦଘାଟନ ତଥା ବିଶ୍ୱ

# ସାମ୍ପ୍ରତିକୀ

ଯୁବ ଦକ୍ଷତା ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହା କହିଛନ୍ତି ଶ୍ରୀ ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ସ୍କିଲ କିଛି ନୂଆ ବ୍ୟବସ୍ଥା ନୁହେଁ, ହଜାର ହଜାର ବର୍ଷ ପୂର୍ବରୁ ସମାଜରେ ଏହି ବ୍ୟବସ୍ଥା ପ୍ରଚଳିତ ହୋଇ ରହିଛି। ସଦ୍ୟ ଅନୁଷ୍ଠିତ ଜଗନ୍ନାଥ ରଥଯାତ୍ରା ସମୟରେ ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ସାକ୍ଷାତ ସମୟରେ ପୁରୀର ଶ୍ରୀମନ୍ଦିର ବାରମ୍ବାର ତିଆରି ହୋଇଥିବା ସହ ବର୍ତ୍ତମାନର ଶ୍ରୀମନ୍ଦିର ସାଢେ ନଅ ଶହ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ପ୍ରସଙ୍ଗ ଉଠିଥିଲା । ଏହି ମନ୍ଦିର ନିର୍ମାଣ ପାଇଁ ସେଇ ସମୟରେ ସ୍ଥାପତ୍ୟ ବିଦ୍ୟାର ବିଦ୍ୱାନ ନିଶ୍ଚିତ ଥିବେ, ଷ୍ଟ୍ରକ୍‌ଚରାଲ ଇଂଜିନିୟର ଥିବେ, ମନ୍ଦିରର ସୁରକ୍ଷା ପାଇଁ କେମିକାଲ ଇଂଜିନିୟର ମଧ୍ୟ କାମ କରୁଥିବେ । ରଥଯାତ୍ରା ପାଇଁ ରଥ ନିର୍ମାଣ ଦକ୍ଷତା ସହ ରୋଜଗାରକୁ ଯୋଡିବାର ବ୍ୟବସ୍ଥା, ଶ୍ରୀମନ୍ଦିର ଭିତରେ ଅନନ୍ୟ ଉପାୟରେ ମହାପ୍ରଭୁଙ୍କ ପ୍ରସାଦ ପ୍ରସ୍ତୁତ ପାଇଁ ବିଶେଷ ଦକ୍ଷତା ରୋଜଗାର ସହ ଯୋଡିଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଯେଉଁ ଓଡିଶାର ଲୋକମାନେ ନିଜ ଉଦ୍ୟମିତା ପାଇଁ ଦକ୍ଷିଣ ପୂର୍ବ ଦେଶକୁ ବୋଇତରେ ଯାଇ ବ୍ୟବସାୟ ବାଣିଜ୍ୟ କରିଥିଲେ, ଆଜି ଓଡିଶାର ଲୋକମାନଙ୍କୁ ଶାରୀରିକ ପରିଶ୍ରମ କରି ରୋଜଗାର କରିବା ପାଇଁ ବିଦେଶକୁ ଯିବାକୁ ପଡୁଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ କେବଳ ୟୁଏଇକୁ ଓଡିଶାରୁ ଦୁଇ ଲକ୍ଷ ମାଟ୍ରିକ ପାସ କରି ନ ଥିବା ପିଲା କାମ କରିବାକୁ ଯାଉଛନ୍ତି। ଏମାନଙ୍କୁ ସେଠି ପହଂଚି କାମ ଶିଖି କାମ କରିବାକୁ ପଡୁଛି । ଏମାନଙ୍କୁ ଓଡିଶାରେ କାହିଁକି ପୂର୍ବରୁ କାମ ଶିଖାଇ ସିଧା ସିଧା ରୋଜଗାର କରିବାର ସୁଯୋଗ ତିଆରି କରାଯାଇ ପାରିବ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ସମ୍ପନ୍ନ ଦେଶ ଜାପାନରେ କମ ଯୁବପିଢୀ ଓ ଅଧିକ ବୟସ୍କ ଲୋକ ଥିବା କାରଣରୁ ବୁଢା ବୁଢୀଙ୍କ ଯତ୍ନ ନେବା ପାଇଁ ଜାପାନୀ ଭାଷା ଜାଣିଥିବା ବଡ ମାନବ ସମ୍ବଳର ଆବଶ୍ୟକତା ରହିଛି। ପୂର୍ବ ଭାରତ ହିଁ ଏହି ମାନବ ସମ୍ବଳ ଯୋଗାଣର କେନ୍ଦ୍ର ହୋଇ ପାରିବ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶର ୧୧୫ଟି ଆକାଂକ୍ଷୀ ଜିଲ୍ଲା ସମେତ ଓଡିଶାର ଦଶଟି ଜିଲ୍ଲାର ଯୁବ ପିଢୀକୁ ରୋଜଗାର ସହ ଯୋଡିବା ପାଇଁ ବିଶେଷ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ କେବଳ ସରକାରୀ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ। ରାଜ୍ୟରେ ଗଢି ଉଠିଥିବା ଆଇଟିଆଇ ଗୁଡିକରେ ଉତ୍ତମ ଶିକ୍ଷାର ମାନ ରହୁ ଏଥିପାଇଁ ମାନକ ଓ ବ୍ୟବସ୍ଥା ତିଆରି କରିବା ସରକାରଙ୍କ ଦାୟିତ୍ୱ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଯଦି ଆଜିର ଯୁବ ପୀଢୀ ରୋଜଗାର ସହ ଯୋଡିବାର ବିଧିବଦ୍ଧ ବ୍ୟବସ୍ଥା ତିଆରି ନ ହେବ ତେବେ ଦେଶର ଭବିଷ୍ୟତ ଖରାପ ହେବ । ଦେଶର ୭୦ ବର୍ଷର ଶିକ୍ଷା ବ୍ୟବସ୍ଥା ମିଥ୍ୟା ଅହଂକାର ତିଆରି କରିଛି । କାମ ଛୋଟ ନୁହେଁ ବା ବଡ ନୁହେଁ । ଯେତେବେଳେ ଯୁବପିଢୀ ଅନୁଭବକୁ କାର୍ଯ୍ୟରେ ପରିଣତ କରିବ ତେବେ ଦେଶରେ ଉଦ୍ୟମିତା ବଢିବ । ୧୨୫ କୋଟି ଲୋକ ଯେତେବେଳେ ଦକ୍ଷତା ଓ ଶ୍ରମର ମର୍ଯ୍ୟାଦାକୁ ବୁଝିବେ ଭାରତ ସମେତ ଓଡିଶାକୁ ପ୍ରଗତିର ରାସ୍ତାରେ ନେବାକୁ କେହି ରୋକି ପାରିବେ ନାହିଁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।



**1,16,00,000**

ଗର୍ଭାବସ୍ଥା ପରୀକ୍ଷଣ

**80,00,000**

ଗର୍ଭବତୀଙ୍କ ଟିକାକରଣ

**50,00,000**

ମହିଳା ପ୍ରତ୍ୟେକ ବର୍ଷ ଆର୍ଥିକ ସୁବିଧା ପାଇବେ

**6,00,000**

ସ୍ୱତନ୍ତ୍ର ସେବା ଆକଶ୍ୟକ କରୁଥିବା ଗର୍ଭାବସ୍ଥା ଚିହ୍ନଟୀକରଣ

## ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ମାଧ୍ୟମରେ ମା' ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା

- ୧୨,୯୦୦ରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟକେନ୍ଦ୍ରରେ ୧ କୋଟି ୧୬ ଲକ୍ଷ ମହିଳାଙ୍କ ଗର୍ଭାବସ୍ଥା ପରୀକ୍ଷଣ।
- ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଆବଶ୍ୟକ କରୁଥିବା ୬ ଲକ୍ଷରୁ ଊର୍ଦ୍ଧ୍ୱ ଗର୍ଭାବସ୍ଥା ଚିହ୍ନଟ।

## ମିଶନ୍ ଇନ୍ଦ୍ରଧନୁଶ୍: ରୋଗରୁ ରକ୍ଷା

- ଏହାର ଉଦ୍ଦେଶ୍ୟ ହେଉଛି, ଗର୍ଭବତୀ ମା' ଏବଂ ଶିଶୁଙ୍କ ଟିକାକରଣ।

## ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ମାଧ୍ୟମରେ ଗର୍ଭବତୀ ମହିଳାଙ୍କୁ ସହାୟତା

- ଆବଶ୍ୟକ ବିଶ୍ରାମ ଏବଂ ସମୟାନୁବର୍ତ୍ତୀ ସ୍ୱାସ୍ଥ୍ୟ ପରୀକ୍ଷା ସକାଶେ ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମା'ମାନଙ୍କୁ ୬ ହଜାର ଟଙ୍କାର ଆର୍ଥିକ ସହାୟତା।
- ପ୍ରତ୍ୟେକ ବର୍ଷ ୫୦ ଲକ୍ଷ ମହିଳା ଉପକୃତ।

## ମାତୃତ୍ୱ ଅବକାଶ: ଜୀବନ ଏବଂ କାର୍ଯ୍ୟ ମଧ୍ୟରେ ସନ୍ତୁଳନ

- ସବୈତନିକ ମାତୃତ୍ୱ ଅବକାଶ ଅବଧି ୨୬ ସପ୍ତାହକୁ ବୃଦ୍ଧି। ସମଗ୍ର ବିଶ୍ୱରେ ଏହି ଅବଧି ହେଉଛି ସର୍ବାଧିକ।





ବାଳିକା ଶିକ୍ଷା ପାଇଁ ଏକାଧିକ ଶିକ୍ଷାବୃତ୍ତି ଯୋଜନା

## ଉପଯୁକ୍ତ ପୁଷ୍ଟିକର ଆହର ପାଇଁ ପୋଷଣ ଅଭିଯାନ

- ବହୁମୁଖୀ ପଦକ୍ଷେପ ମାଧ୍ୟମରେ କୁପୋଷଣ ବିରୋଧରେ ପ୍ରଥମ ଉଦ୍ୟମ।
- ଲକ୍ଷ୍ୟଭିତ୍ତିକ, ସମ୍ମିଳିତ ଏବଂ ପ୍ରଯୁକ୍ତିବିଦ୍ୟା ସହାୟତରେ କୁପୋଷଣ ହ୍ରାସ କରିବା ପାଇଁ ପଦକ୍ଷେପ

## ବେଟି ବଚାଓ, ବେଟି ପଢ଼ାଓ ଅଧିନରେ ମହିଳାଙ୍କ ତ୍ୱରିତ ସଶକ୍ତିକରଣ

- ୧୦୪ ଜିଲ୍ଲାରେ ଲିଙ୍ଗ ଅନୁପାତରେ ଉନ୍ନତି।
- ୧୧୯ ଜିଲ୍ଲାରେ ପ୍ରଥମ ୩ ମାସର ଗର୍ଭାବସ୍ଥା ସମ୍ପର୍କରେ ଉତ୍ସାହଜନକ ରିପୋର୍ଟିଂ।
- ୧୪୬ ଜିଲ୍ଲାରେ ସଂସ୍ଥାଗତ ପ୍ରସବରେ ଉନ୍ନତି ପରିଲକ୍ଷିତ।
- ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ମହିଳାଙ୍କ ପଞ୍ଜିକରଣ ବୃଦ୍ଧି।
- ବାଳିକା ଶିକ୍ଷା ପାଇଁ ଏକାଧିକ ଶିକ୍ଷାବୃତ୍ତି।

## ପ୍ରଧାନମନ୍ତ୍ରୀ ସୁକନ୍ୟା ସମୃଦ୍ଧି ଯୋଜନା ମାଧ୍ୟମରେ ବାଳିକାଙ୍କ ଭବିଷ୍ୟତ ସୁରକ୍ଷା

- ବାଳିକାଙ୍କ ପାଇଁ ୧ କୋଟି ୨୬ ଲକ୍ଷ ବ୍ୟାଙ୍କ ଖାତା ଖୋଲାଯାଇ ପ୍ରାୟ ୨୦ ହଜାର କୋଟି ଟଙ୍କା ଜମା କରାଯାଇଛି।



## ମୁଦ୍ରା ଯୋଜନା ଏବଂ ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନା ମାଧ୍ୟମରେ ମହିଳା ଉଦ୍ୟମିତା ବିକାଶ

- ମୁଦ୍ରା ଯୋଜନା ଦ୍ୱାରା ଉଦ୍ୟୋଗୀମାନଙ୍କୁ ବିନା ଆନୁସଙ୍ଗିକ ପ୍ରମାଣରେ ଋଣ ପ୍ରଦାନ କରାଯାଇଥାଏ। ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନା ଦ୍ୱାରା ମହିଳା ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟ ପଛୁଆ ବର୍ଗର ଉଦ୍ୟୋଗୀମାନଙ୍କୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଇଥାଏ। ମୁଦ୍ରା ଯୋଜନାର ୭୦% ହିତାଧିକାରୀ ହେଉଛନ୍ତି ମହିଳା

## ବାଳିକାଙ୍କ ବିରୋଧରେ ଅପରାଧ ପାଇଁ ଅଧିକ ସଶକ୍ତ ଆଇନ

- ୧୨ ବର୍ଷ ବୟସରୁ କମ୍ ବାଳିକାଙ୍କ ସହିତ ବଳାତ୍କାର ଯୋଗୁଁ ମୃତ୍ୟୁଦଣ୍ଡର ବ୍ୟବସ୍ଥା।
- ୧୬ ବର୍ଷ ବୟରୁ କମ୍ ବୟସ୍କ ବାଳିକାଙ୍କ ସହିତ ବଳାତ୍କାର ପାଇଁ ଜେଲ୍ ଦଣ୍ଡର ଅବଧି ୧୦ ବର୍ଷରୁ ୨୦ ବର୍ଷକୁ ବୃଦ୍ଧି।

# କୃଷକଙ୍କ ସହ ଆଲୋଚନା

ଭିଡିଓ ବ୍ରିଜ୍ ଜରିଆରେ ପ୍ରଧାନମନ୍ତ୍ରୀ ସମଗ୍ର ଦେଶର ବିଭିନ୍ନ କୃଷକଙ୍କ ସହ ଆଲୋଚନା କରିଥିଲେ । ଏହି ଭିଡିଓ ଆଧାରିତ ଆଲୋଚନାରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ସାଧାରଣ ସେବାକେନ୍ଦ୍ର ଓ ୬୦୦ କୃଷିବିଜ୍ଞାନ କେନ୍ଦ୍ରକୁ ସଂଯୋଗ କରାଯାଇଥିଲା । ପ୍ରଧାନମନ୍ତ୍ରୀ ସପ୍ତମଥର ପାଇଁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବିଭିନ୍ନ ସରକାରୀ ଯୋଜନାର ହିତାଧିକାରୀଙ୍କ ସହ ବିଚାର ଆଲୋଚନା କରିଥିଲେ । କୃଷକ କଲ୍ୟାଣ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନିଜର ମତବ୍ୟକ୍ତ କରିବାକୁଯାଇ କହିଥିଲେ-

- କୃଷକମାନେ ହେଉଛନ୍ତି ଆମ ଦେଶର ଅନ୍ନଦାତା । ଦେଶର ଖାଦ୍ୟ ସୁରକ୍ଷାର ସମସ୍ତ ସାଧୁବାଦ ଚାଷୀମାନଙ୍କୁ ଦିଆଯିବା ଉଚିତ୍ ।
- ୨୦୨୨ ମସିହା ସୁଦ୍ଧା ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ସକାଶେ ସରକାର କାର୍ଯ୍ୟ କରୁଛନ୍ତି । ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ପାଇଁ ଅଧିକରୁ ଅଧିକ ମୂଲ୍ୟ ଦେବା ସକାଶେ ମଧ୍ୟ ସରକାର କାର୍ଯ୍ୟକରୁଛନ୍ତି ।
- 'ବୀଜରୁ ବଜାର' ପର୍ଯ୍ୟନ୍ତ, ସେମାନଙ୍କ ପାରମ୍ପରିକ କୃଷିରେ ସରକାରଙ୍କ ବିଭିନ୍ନ ପଦକ୍ଷେପ କେମିତି ଉନ୍ନତି ଆଣିପାରିଛି, ସେ ସମ୍ପର୍କରେ ଚାଷୀମାନେ ଅନୁଭବ କରିବା ଉଚିତ୍ ।




- ୨୦୧୪ରୁ ୨୦୧୯ ମସିହା ପାଇଁ କୃଷି କ୍ଷେତ୍ର ସକାଶେ ସରକାର ବଜେଟ୍ ଆବଣ୍ଟନ ପରିମାଣକୁ ଦ୍ୱିଗୁଣିତ କରି ୨ ଲକ୍ଷ ୧୨ ହଜାର କୋଟି ଟଙ୍କା କରିଛନ୍ତି । ୨୦୧୭-୧୮ ମସିହାରେ ଖାଦ୍ୟ ଉତ୍ପାଦନ ୨୭୯ ନିୟୁତ ଟନ୍‌ରୁ ଊର୍ଦ୍ଧ୍ୱରେ ପହଞ୍ଚିପାରିଛି ।
- ସରକାର ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, କିଷାନ କ୍ରେଡିଟ୍ କାର୍ଡ ମାଧ୍ୟମରେ ଋଣ, ନିମ୍ବ ଆବରଣଯୁକ୍ତ ୟୁରିଆ, ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ମାଧ୍ୟମରେ ଜଳସେଚନ ସୁବିଧା ଆଦି ପ୍ରଦାନ କରୁଛନ୍ତି । ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅଧିନରେ ସମଗ୍ର ଦେଶରେ ୧୦୦ରୁ ଊର୍ଦ୍ଧ୍ୱ ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଉଛି । ଏହାଦ୍ୱାରା ୨୯ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଉଛି ।
- ଗତ ୪ ବର୍ଷ ମଧ୍ୟରେ ୫୮୫ଟି ନିୟନ୍ତ୍ରିତ ପାଇକାରୀ ବଜାରଗୁଡ଼ିକୁ ଇ-ନାମ୍ ଯୋଜନା ଅଧିନକୁ ଅଣାଯାଇଛି । ଏତଦ୍‌ବ୍ୟତୀତ ସରକାରଙ୍କ ପଦକ୍ଷେପ ଯୋଗୁଁ ୨୨ ଲକ୍ଷ ହେକ୍ଟର ଜମିରେ ଜୈବ କୃଷି କାର୍ଯ୍ୟ କରାଯାଉଛି । ୨୦୧୩-୧୪ ମସିହାରେ କେବଳ ୭ ଲକ୍ଷ ହେକ୍ଟର ଜମିରେ ଜୈବ ଚାଷ କରାଯାଉଥିଲା । ସରକାର ଜୈବ କୃଷି କ୍ଷେତ୍ରରେ ଉତ୍ତର-ପୂର୍ବାଞ୍ଚଳକୁ ଏକ କେନ୍ଦ୍ର ଭାବେ ଗଢ଼ିବା ପାଇଁ ଯୋଜନା କରିଛନ୍ତି ।
- ଗତ ୪ ବର୍ଷ ମଧ୍ୟରେ ୫୧୭ଟି କୃଷକ ଉତ୍ପାଦକ ସଂଗଠନ ଗଠନ କରାଯାଇଛି ଏବଂ କୃଷକ ଉତ୍ପାଦକ କମ୍ପାନୀଗୁଡ଼ିକୁ ଆୟକରରୁ ଛାଡ଼ କରାଯାଇଛି । ଏହାଦ୍ୱାରା କୃଷକମାନଙ୍କ ମଧ୍ୟରେ ସମବାୟ ପ୍ରବୃତ୍ତି ବୃଦ୍ଧି ପାଇବ ।

### ହିତାଧିକାରୀଙ୍କ ମୁହଁରୁ:

- ବିଭିନ୍ନ କୃଷି ଯୋଜନାର ହିତାଧିକାରୀମାନେ ସରକାରଙ୍କ କୃଷି ସିଞ୍ଚାଇ ଯୋଜନାରୁ ସେମାନେ କେମିତି ଉପକୃତ ହୋଇଛନ୍ତି, ସେହି କଥା କହିଥିଲେ । କିଷାନ କ୍ରେଡିଟ୍ କାର୍ଡ, ନିମ୍ବ ଆବରଣଯୁକ୍ତ ୟୁରିଆ ସାର, ଫସଲ ବୀମା ଯୋଜନା ମାଧ୍ୟମରେ ଏବଂ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଦ୍ୱାରା ଉତ୍ପାଦକତା ବୃଦ୍ଧି ପାଇ ସେମାନଙ୍କ ଜୀବନରେ ଏକ ଭଲ ପ୍ରଭାବ ପକାଇଛି ।
- ହିତାଧିକାରୀମାନେ ଆଉ ମଧ୍ୟ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଏବଂ ସମନ୍ୱିତ କୃଷି ବ୍ୟବସ୍ଥାର ଗୁରୁତ୍ୱକୁ ରେଖାଙ୍କିତ କରିଥିଲେ ଏବଂ ସମବାୟ ଆନ୍ଦୋଳନଜନିତ ସେମାନଙ୍କ ଅନୁଭୂତି ବାଣ୍ଟିଥିଲେ ।

**YOJANA (Odia) : Monthly** **August 2018** **RNI No. 57203/93**

**ISSN 0971-8346** **Total Number of Pages (56)**

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ୍ ସର୍ଭିସ୍
# ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ୍ ସର୍ଭିସ୍ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ିତୋଳନ୍ତୁ।

## ଯୋଜନା ପଢ଼ନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାମ୍ପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟି ସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଏବଂ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ। ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି।

## ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ି ତୋଳନ୍ତୁ।

## ଓଡ଼ିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

● ଅକ୍ଷୟ କୁମାର ନାୟକ, ବସ୍‌ଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର-୯ ● ମାଧବ ବୁକ୍ ଷ୍ଟୋର୍, ବାଦାମବାଡ଼ି, କଟକ-୯ ● ମୂର୍ତ୍ତି ନ୍ୟୁଜ୍ ଏଜେନ୍ସି, ଓଲ୍ଡ ବସ୍‌ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ ● ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ୍, ଭାପୁର- ଶଙ୍କରପୁର ରୋଡ୍, ଢେଙ୍କାନାଳ ଏବଂ ସମସ୍ତ **Employment News** ବିକ୍ରେତା

## "ଯୋଜନା"ର ଗ୍ରାହକ ଦେୟ

ପ୍ରତି ଖଣ୍ଡ- ୨୨/-ଟଙ୍କା, ବାର୍ଷିକ- ୨୩୦/-ଟଙ୍କା, ଦ୍ୱିବାର୍ଷିକ- ୪୩୦/- ଟଙ୍କା, ତ୍ରୈବାର୍ଷିକ-୬୧୦/- ଟଙ୍କା, ବିଶେଷାଙ୍କ- ୩୦/-

## ଗ୍ରାହକ ଦେୟ ପଠାଇବା ଠିକଣା:

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The Subscription may by sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi"**

**Printed and Published by Dr. Sadhana Rout, Director General & Head, on behalf of Publications Division, Ministry of I & B, Govt. of India, Published from Soochana Bhavan, CGO Complex, Lodhi Road, New Delhi-110003 and Printed at: I G Printers Pvt. Ltd., Okhla Industrial Area, New Delhi - 110020**

**Editor : Dr. Girish Chandra Dash**